READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର






ବର୍ଷ-୬ ସଂଖ୍ୟା-୪୧ ୨୪ - ୩୦ ଅକ୍ଟୋବର, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-41 24th - 30th OCTOBER, 2022 BHUBANESWAR ₹ 5/- (8 Pages)


# ଏଯାଏ ଗରିବ ଖାତାରୁ ଓଡ଼ିଶାର ନାଁ କଟିନି

**ଭୁବନେଶ୍ୱର :** ଗତ ଏକ ଦଶନ୍ଧି ଧରି ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ଜାତୀୟ ହାର ତୁଳନାରେ ଅଧିକ, ଦ୍ରୁତ ଗରିବ ହ୍ରାସ କରିବାରେ ଓଡ଼ିଶା ସବୁଠୁ ଆଗରେ ଆଦିର ବାହାସ୍ଫୋଟ ମାରି ବିକାଶର ଗୋଲାପୀ ଚିତ୍ର ଦେଉଥିବା ବିଜେଡି ସରକାରର ଅସଲ ମୁଖା ଖୋଲିଯାଇଛି। ଦୀର୍ଘ ୨୨ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ସ୍ଥିର ସରକାର ଥିଲେ ମଧ ଓଡ଼ିଶା ଏବେବି ଦେଶର ପ୍ରମୁଖ ୧୦ଟି ଗରିବ ରାଜ୍ୟ ମଧ୍ୟରେ ରହିଛି। ଝାଡ଼ଖଣ୍ଡ ଓ ବିହାର ଭଳି ରାଜ୍ୟରେ ଗରିବ ସଂଖ୍ୟା ହ୍ରାସ ଓଡ଼ିଶା ତୁଳନାରେ ବେଶ୍ ଭଲ ଥିବାବେଳେ ଗୋଆ, ଜାମ୍ମୁ କାଶ୍ମୀର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ ତୁଳନାରେ ବି ଓଡ଼ିଶା ଦାରିଦ୍ର୍ୟ ହ୍ରାସ ମାମଲାରେ ପଛରେ ରହିଛି। ଜାତିସଂଘର



ୟୁଏନଡିପି ଓ ଅକ୍ସଫୋର୍ଡର ଓପିଏଚଆଇ ଦ୍ୱାରା ଜାରି ଗ୍ଲୋବାଲ ମଲଟିଡିମେନିସିଆଲ ପଭର୍ଟି ଇଣ୍ଡେକ୍ସ (ଏମପିଆଇ)-୨୦୨୨ ରିପୋର୍ଟରୁ ଏହା ଜଣାପଡ଼ିଛି। ଆଉ ଓଡ଼ିଶାରେ ପର୍ଯ୍ୟାପ୍ତ ପ୍ରାକୃତିକ ସମ୍ବଳ, ଦକ୍ଷ ମାନବ ସମ୍ବଳ, ପ୍ରଗତିଶୀଳ ନୀତି ଓ ସ୍ଥିର ସରକାରର ଆଳ ଦେଖାଇ ନିବେଶକଙ୍କୁ ଆକୃଷ୍ଟ ପାଇଁ ଉଦ୍ୟମ କରୁଥିବା ରାଜ୍ୟ ସରକାରଙ୍କର ରାଜ୍ୟରୁ ଗରିବ ହ୍ରାସ କରିବାରେ ପାରିବାପଣିଆ ବି ପଦାରେ ପଡ଼ିଛି। ଜାତିସଂଘ ପକ୍ଷରୁ ଜାରି ଏମପିଆଇ-୨୦୨୨ ରିପୋର୍ଟ ଅନୁସାରେ, ୨୦୧୫-୧୬ରୁ ୨୦୧୯-୨୧ ମଧ୍ୟରେ ସମଗ୍ର ଦେଶରେ ଦ୍ରୁତ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଗୋଆ ଆଗରେ ରହିଛି। ତା'ପଛକୁ ଜାମ୍ମୁ-କଶ୍ମୀର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ ଭଳି ରାଜ୍ୟ ରହିଛନ୍ତି। ମାତ୍ର ସେହି ତୁଳନାରେ ୧୦ଟି ଗରିବ ରାଜ୍ୟ ଏଭଳି ଗରିବ ହ୍ରାସ କରିବାରେ ସକ୍ଷମ ହୋଇପାରିନାହାନ୍ତି। ଏମପିଆଇର ରିପୋର୍ଟ ଅନୁସାରେ ୨୦୧୫-୧୬ରେ ଯେଉଁ ୧୦ଟି ରାଜ୍ୟ ଗରିବ ଥିଲେ ସେହି ତାଲିକାରୁ ୨୦୧୯-୨୧ରେ କେବଳ ପଶ୍ଚିମବଙ୍ଗ ବାଦ୍ ପଡ଼ିଛି। ଅନ୍ୟ ରାଜ୍ୟଗୁଡ଼ିକ ସେପରି ଦେଶର ୧୦ଟି ସର୍ବାଧିକ ଗରିବ ରାଜ୍ୟ ତାଲିକାରେ ରହିଛନ୍ତି। ସେମାନେ ହେଲେ ବିହାର, ଝାଡ଼ଖଣ୍ଡ, ମେଘାଳୟ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଆସାମ, ଓଡ଼ିଶା, ଛତିଶଗଡ଼ ଓ ରାଜସ୍ଥାନ। ତେବେ ଏମପିଆଇ-୨୦୨୨ ରିପୋର୍ଟ ଅନୁସାରେ ବିହାର ଦାରିଦ୍ର୍ୟ ହ୍ରାସରେ ଉଲ୍ଲେଖନୀୟ ସଫଳତା ପାଇଛି। ବିହାରରେ ଦାରିଦ୍ର୍ୟ ହ୍ରାସ ପରିମାଣ ୨୦୦୫-୦୬ରେ ୭୭.୪୦% ଥିବାବେଳେ ଏହା ୨୦୧୫-୧୬ରେ ୨୫ ପ୍ରତିଶତ ହ୍ରାସ ପାଇ ୫୨.୪୦% ରହିଥିଲା। ମାତ୍ର ୨୦୧୯-୨୧ରେ ଏହା ଆଉ ୧୭.୭୦% ହ୍ରାସ ପାଇ ୩୪.୭୦ ପ୍ରତିଶତରେ ରହିଛି। ସେହିଭଳି ଝାଡ଼ଖଣ୍ଡରେ ଦାରିଦ୍ର୍ୟ ହାର ୨୦୦୫-୦୬ରେ ୭୪.୯୦ ପ୍ରତିଶତ ଥିବାବେଳେ ୨୦୧୫-୧୬ରେ ଏହା ୩୨.୪୦ ପ୍ରତିଶତ ହ୍ରାସ ପାଇ ➤ ପୃ-୬

## ମିଳିଲା ଡାଏରୀ

# ଖୋଲିବ କି ନାଗୁଣୀ ପେଡ଼ି !

**ଭୁବନେଶ୍ୱର :** ବ୍ଲାକମେଲର ଅର୍ଚ୍ଚନା ନାଗଙ୍କ ନାଗଫାଶରେ ଛନ୍ଦିହେଲା ସ୍ୱାମୀ ଜଗବନ୍ଧୁ ଚାନ୍ଦ। ରାଜ୍ୟ ରାଜନୀତିର ପ୍ରଭାବଶାଳୀ ନେତା, ମନ୍ତ୍ରୀ ଓ ବାବୁଙ୍କ ଆଶୀର୍ବାଦରେ କଳାଟଙ୍କାର ପାହାଡ଼ ଛିଡ଼ା କରାଇଥିବା ଅନ୍ୟତମ ଭାଗୁଆଳିକୁ ବାନ୍ଧିଲା କମିଶନରେଟ୍ ପୁଲିସ୍। ଯାହା ବିରୋଧରେ ଲାଗିଛି ଷୋହଳ ଷୋହଳଟି ଦଫା। ତାଙ୍କଠାରୁ ପୁଲିସ୍ ଗୋଟିଏ ଡାଏରୀ, ୪ଟି ମୋବାଇଲ, ଗୋଟିଏ ଲାପ୍‌ଟପ୍ ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି। ଏନେଇ ସୂଚନା ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ। ଗତ ୬ ତାରିଖରେ ଅର୍ଚ୍ଚନା ନାଗକୁ ଗିରଫ କରିଥିଲା ଖଣ୍ଡଗିରି ଥାନା ପୁଲିସ। ଅର୍ଚ୍ଚନାଙ୍କ ଭଳି ଜଗବନ୍ଧୁଙ୍କ ନାଁରେ ମଧ୍ୟ ସମାନ ଅଭିଯୋଗ ରହିଥିଲା। ଉଭୟଙ୍କ ନାଁରେ ପୀଡ଼ିତାଙ୍କୁ ଡରାଇବା, ବ୍ଲାକମେଲିଂ, ଦାଦାବଟି ଆଦାୟ ଆଦି



ଅଭିଯୋଗ ରହିଥିଲା। ଜଗବନ୍ଧୁଙ୍କ ସଂପୃକ୍ତି ନେଇ ଠୋସ୍ ପ୍ରମାଣ ପରେ ତାଙ୍କୁ ଗିରଫ କରାଯାଇଥିବା ଡିସିପି କହିଛନ୍ତି। ସେପଟେ ପୀଡ଼ିତାଙ୍କ ୧୬୪ ଧାରାରେ ବୟାନ ରେକର୍ଡ ହୋଇଥିବା ଡିସିପି ସୂଚନା ଦେଇଛନ୍ତି। ଅର୍ଚ୍ଚନା-ଜଗବନ୍ଧୁଙ୍କ ଆର୍ଥିକ କାରବାରର ଖୋଳତାଡ଼ ଚାଲିଛି। ଉଭୟଙ୍କ ଆକାଉଣ୍ଟ ଟ୍ରାନଜାକ୍ସନର ତଥ୍ୟ ଆର୍‌ବିଆଇକୁ ମାଗାଯାଇଥିଲା। ➤ ପୃ-୬






## ହେଟସ୍ପିଚ୍‌କୁ ନେଇ ସୁପ୍ରିମ୍‌କୋର୍ଟ କଠୋର

# କଡ଼ା କାର୍ଯ୍ୟାନୁଷ୍ଠାନ ନିଅ

**ନୂଆଦିଲ୍ଲୀ :** ଦେଶର ବିଭିନ୍ନ ସ୍ଥାନରେ ନେତା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଧର୍ମଗୁରୁ ଘୃଣା ଓ ବିଦ୍ୱେଷ ସୃଷ୍ଟି କରିବା ଭଳି ବୟାନ ଦେଉଛନ୍ତି। ଦିନକୁ ଦିନ ହେଟସ୍ପିଚ୍ ସଂଖ୍ୟା ବଢୁଥିବାରୁ



କଠୋର ଆଭିମୁଖ୍ୟ ଦେଖାଇଛନ୍ତି ସୁପ୍ରିମକୋର୍ଟ। ହେଟସ୍ପିଚ ବିରୋଧରେ ଆଇନ ଥିଲେ ମଧ୍ୟ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ➤ ପୃ-୬

# ନୂଆ ଇନିଂସ ଆରମ୍ଭ କଲେ ପ୍ରଣବ ପ୍ରକାଶ

**କଟକ :** ଓସିଏ ସଭାପତି ଭାବେ ନୂଆ ଇନିଂସ ଆରମ୍ଭ କଲେ ବିଜେଡି ବିଧାୟକ ପ୍ରଣବ ପ୍ରକାଶ ଦାସ। ସେହିପରି ସଞ୍ଜୟ ବେହେରା ପୁଣି ଓସିଏ ସମ୍ପାଦକ ଓ ପଙ୍କଜ ଲୋଚନ ମହାନ୍ତି ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। କାରଣ ମୁଖ୍ୟ



ବିରୋଧି ଗୋଷ୍ଠୀ ନବ କିଶୋର ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀ ଡାକି ମୁଖ୍ୟମନ୍ତ୍ରୀ ଓ ବବି ଦାସଙ୍କୁ ସମର୍ଥନ ଜଣାଇ ତାଙ୍କ ଗୋଷ୍ଠୀର କେହି ନାମାଙ୍କନ କରିବେ ନାହିଁ ବୋଲି ଘୋଷଣା କରିବା ପରେ ସମସ୍ତେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସେପଟେ ରାଜନୈତିକ ବ୍ୟକ୍ତି କ୍ରୀଡା ସଙ୍ଗଠନ ସହ ସମ୍ପୃକ୍ତ ହେବା ନେଇ ବିଜେପି ଅଭିଯୋଗକୁ ଅତି ହାଲୁକା ଭାବେ ➤ ପୃ-୬

# ହାରମାନିଲେ ସରକାର; ଏଲ୍‌ଆଣ୍ଡଟି ନେବ ୧୦୦କୋଟି

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଭୁଲ୍ ପାଇଁ ଏବେ ସମଗ୍ର ଓଡ଼ିଶାବାସୀ ଦଣ୍ଡ ଗଣିବେ। ରାଜ୍ୟ ରାଜକୋଷରୁ ୧୦୦.୦୬କୋଟି ଟଙ୍କା ଦଣ୍ଡ ଆକାରରେ ଏଲଆଣ୍ଡଟି କମ୍ପାନୀକୁ ଦେବାକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ୨୦୦୨ ମସିହାରେ ଏଲଆଣ୍ଡଟିର ୨୦କୋଟି ଟଙ୍କା ବକେୟା ରାଶିକୁ ନଦେଇ ପକାଇ ରଖିବା ଓ ଏହି ମାମଲାକୁ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଲଢ଼ି ପରାଜିତ ହେବାପରେ ସରକାରଙ୍କ ଚେତା ପଶିନଥିଲା, ଯେଉଁଥିପାଇଁ ଗତ ଜୁଲାଇ ମାସରେ କର୍ମସିଆଲ କୋର୍ଟଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିକୁ ଏଲଆଣ୍ଡଟି ନିଜ ଦଖଲକୁ ନେଇଥିଲା। ଆଉ ସେହି ଭୁଲ ପାଇଁ ରାଜ୍ୟବାସୀଙ୍କ କଷ୍ଟଲବ୍ଧ ଟିକସ ଅର୍ଥରୁ ୧୦୦କୋଟି ଟଙ୍କାର ଦଣ୍ଡ ➤ ପୃ-୬






## ନୂଆ ସବରେଜିଷ୍ଟ୍ରାର ଅଫିସ ଓ ସ୍ଲଟ୍ ବୁକିଂକୁ ନେଇ ତେଜୁଛି ବିବାଦ

# ଷଡଯନ୍ତ୍ର ପଛରେ କିଏ ?

**ଭୁବନେଶ୍ୱର :** ନିକଟରେ ରାଜସ୍ୱ ବିଭାଗ ରାଜଧାନୀରେ ଆଉ ତିନୋଟି ସବରେଜିଷ୍ଟ୍ରାର ଅଫିସ ଖୋଲିବା ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ପୂର୍ବରୁ ଥିବା ଭୁବନେଶ୍ୱର, ଖଣ୍ଡଗିରି ପରେ ଆଉ ଯେଉଁ ତିନୋଟି ସବରେଜିଷ୍ଟ୍ରାର ଅଫିସ ଖୋଲିବାର ପ୍ରସ୍ତାବ ରହିଛି ତାହା ଚନ୍ଦ୍ରଶେଖରପୁର, ଚନ୍ଦକା ଓ ରସୁଲଗଡ଼ ବୋଲି ଜଣାପଡିଛି। ହେଲେ ଆଶ୍ଚର୍ଯ୍ୟର କଥା, ଭୁବନେଶ୍ୱର ସବରେଜିଷ୍ଟ୍ରାର ଅଫିସ ରାଜସ୍ୱ ବିଭାଗ କୋଠାରେ ନଚାଲି କୋର୍ଟ ପରିସର ମଧ୍ୟରେ ରହିଛି। କିନ୍ତୁ ଯାହା ସୂଚନା ରହିଛି ସବୁ ରାଜ୍ୟରେ ଜମିବାଡ଼ି କିଣାବିକା ପାଇଁ ରାଜସ୍ୱ ବିଭାଗ ନିଜର ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲିଥାନ୍ତି। ଏପରିକି ପଶ୍ଚିମବଙ୍ଗର କୋଲକାତାରେ ୧୨ଗୋଟି ସବରେଜିଷ୍ଟ୍ରାର ଅଫିସ ଗୋଟିଏ ସ୍ଥାନରେ ରହିଥିଲା ବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କାରଣ ସରକାର ଯଦି ରାଜଧାନୀରେ ୫ ଗୋଟି ସବରେଜିଷ୍ଟ୍ରାର ଅଫିସ ଖୋଲି ଜନସାଧାରଣଙ୍କୁ ସୁବିଧା ଉପଲବ୍ଧ କରାଇବାକୁ ଚାହୁଁଛନ୍ତି ତେବେ ଉକ୍ତ ପାଞ୍ଚ ଗୋଟି ଅଫିସ ଗୋଟିଏ ସ୍ଥାନରେ ରହିଲେ କ୍ଷତି କ'ଣ ?

ଯଦିଓ ଆଗାମୀ ଦିନରେ ସରକାର ରାଜଧାନୀରେ ରାଜସ୍ୱ କାର୍ଯ୍ୟ ପାଇଁ ଭଞ୍ଜକଳାମଣ୍ଡପ ପଛ ପଟେ ରହିଥିବା ସରକାରୀ କ୍ୱାର୍ଟର ସ୍ଥାନରେ ଏଥିପାଇଁ ଏକ ବିଲ୍ଡିଙ୍ଗ ତିଆରି କରିବାକୁ ଯାଉଛନ୍ତି। ହେଲେ ଏଥିରେ ତହସିଲ ଅଫିସ ସମେତ ଜମିବାଡ଼ି ପଞ୍ଜିକରଣ ପାଇଁ ସମସ୍ତ ସବରେଜିଷ୍ଟ୍ରାର ଅଫିସ ଖୋଲାଗଲେ ସମସ୍ୟା ରୁହନ୍ତାନହିଁ। କାରଣ କଚେରୀ ଠାରୁ ଏହାର ଦୂରତା ଖୁବ କମ। କିନ୍ତୁ ଉକ୍ତ ବିଲ୍ଡିଙ୍ଗ ତିଆରି ହେବା ପର୍ଯ୍ୟନ୍ତ କଚେରୀକୁ ଲାଗି ରହିଥିବା ବିଏମସି ବିଲ୍ଡିଙ୍ଗ, ବ୍ଲକ ଅଫିସ ଅଞ୍ଚଳ ରହିଛି, ସେଠାରେ ମଧ୍ୟ ସବରେଜିଷ୍ଟ୍ରାର ଅଫିସ ଖୋଲିବାକୁ ପଦକ୍ଷେପ ନିଆଗଲେ ଭଲ ହୁଅନ୍ତା। କାରଣ ବିଏମସି ଅଫିସ ପାଇଁ ସତ୍ୟନଗର ନିକଟରେ ଏକ ଭବ୍ୟ ବିଲ୍ଡିଙ୍ଗ ନିର୍ମାଣ ସରିଛି। ଅନ୍ୟ ଏକ କାରଣ ହେଉଛି, ଭୁବନେଶ୍ୱର ଯେହେତୁ ସ୍ମାର୍ଟ ସିଟି, ଏଠାରେ ବ୍ଲକ ଅଫିସର ଆବଶ୍ୟକତା ମଧ୍ୟ ନାହିଁ। ବ୍ଲକ କାର୍ଯ୍ୟ ପାଇଁ ବ୍ଲକ ଅଧୀନରେ ଥିବା ଗ୍ରାମାଞ୍ଚଳରେ ଏହା ଖୋଲାଗଲେ ଲୋକ ଉପକୃତ ହୋଇପାରନ୍ତେ ଏବଂ ଉକ୍ତ କୋଠାରେ ରାଜସ୍ୱ କାର୍ଯ୍ୟ ଚାଲିପାରନ୍ତା। ଏନେଇ ଆଇନଜୀବୀ ମାନେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ ବି ସମାଧାନର ବାଟ ବାହାରିପାରିନି। ରାଜ୍ୟ ସରକାର ନୂଆ ଖୋଲିବାକୁ ଥିବା ସବରେଜିଷ୍ଟ୍ରାର ଅଫିସ ନିମନ୍ତେ ଭଡାଘର ଖୋଜିବା ଆରମ୍ଭ କରିଥିବା ଜଣାପଡ଼ିଛି। ଯାହାକୁ ନେଇ ଭୁବନେଶ୍ୱରର ଆଇନଜୀବୀ, ମୋହରୀର ଏବଂ ଦଲିଲ ଲେଖକ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କ କହିବା କଥା, ବର୍ତ୍ତମାନ ଯେଉଁ ଦୁଇଟି ସବରେଜିଷ୍ଟ୍ରାର ଅଫିସ ଚାଲିଛି, ତାହା କୋର୍ଟ ପରିସରରେ ଥିବା ଅସ୍ଥାୟୀ ଗୃହରେ ଚାଲିଛି। ତେଣୁ ପୂର୍ବର ଦୁଇଟି ସବରେଜିଷ୍ଟ୍ରାର ଅଫିସ ସମେତ ପ୍ରସ୍ତାବିତ ➤ ପୃ-୬



***ଗୋବିନ୍ଦ ପଟ୍ଟନାୟକ***
***ସଭାପତି, କ୍ୟାପିଟାଲ ବାର୍ ଆସୋସିଏସନ***

ପ୍ରକୃତରେ ବର୍ତ୍ତମାନ ଭୁବନେଶ୍ୱରରେ ଦୁଇଟି ସବ୍‌ରେଜିଷ୍ଟ୍ରାର ଅଫିସ କୋର୍ଟ ପାଖରେ ଚାଲୁଛି। ଦଲିଲ ଗୁଡିକ ଓକିଲ, ଦଲିଲ ଲେଖକ ଓ ମୋହରିର ମାନଙ୍କୁ ନେଇ ହୋଇଥାଏ। ଏଥିପାଇଁ କୌଣସି ସୂଚନା ଦରକାର ହେଲେ ଯଥା : ଜମିର ସ୍ୱତ୍ୱ ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବୁଝିବାକୁ ପଡିଲେ ଉପଜିଲ୍ଲାପାଳ, ତହସିଲଦାର ଏବଂ ସବ୍‌ରେଜିଷ୍ଟ୍ରାର ଅଫିସରେ ବୁଝିବାକୁ ହୋଇଥାଏ। ବର୍ତ୍ତମାନର ସରକାର ସିଙ୍ଗଲ ୱିଣ୍ଡୋ ଫର୍ମୁଲାକୁ ଗୁରୁତ୍ୱ ଦେଉଥିଲା ବେଳେ ଆଉ ତିନୋଟି ନୂଆ ସବ୍‌ରେଜିଷ୍ଟ୍ରାର ଅଫିସ କୋର୍ଟ ଠାରୁ ଦୂରରେ କରାଯିବା ସମିଚୀନ ନୁହେଁ। ଆଉ ଗୋଟିଏ କଥା ହେଉଛି ଜଣେ ବ୍ୟକ୍ତି ଜମି ବିକିବ ଏବଂ ଆଉ ଜଣେ ବ୍ୟକ୍ତି ଜମି କିଣିବ। ଉଭୟ ପକ୍ଷର ସମ୍ମତିରେ ଦଲିଲ କାର୍ଯ୍ୟ ଜମିର ମୂଲ୍ୟ ଅନୁସାରେ ସମାପନ ହୋଇଥାଏ। ଭୁବନେଶ୍ୱରରେ ଜମିର ମୂଲ୍ୟ ଲକ୍ଷେ ନୁହେଁ କୋଟିଏ ଆକାରରେ ନିର୍ଦ୍ଧାରଣ ହେଉଥିଲା ବେଳେ ବାଇଆ ବା ଜମି ବିକ୍ରେତା ନଗଦ ଆକାରରେ ନିରାପଦ ସ୍ଥାନରେ ଜମିର ମୂଲ୍ୟ ଟଙ୍କା ଆକାରରେ ନେବାକୁ ସୁରକ୍ଷିତ ମନେକରେ। ଟଙ୍କା ଦେଣନେଣ ପ୍ରମାଣ ସ୍ୱରୂପ ସବ୍‌ରେଜିଷ୍ଟ୍ରାରଙ୍କ ସାମ୍ନାରେ ହୁଏ। ଏହିସବୁ କାର୍ଯ୍ୟ ପାଇଁ କୋର୍ଟ ପରିସର ଯେତେ ନିରାପଦ ଅନ୍ୟ କୌଣସି ସ୍ଥାନ ନୁହେଁ। କୋର୍ଟ ପରିସରରେ ଜମି କିଣାବିକା ପାଇଁ ଟଙ୍କା କାରବାରରେ ଚୋର, ଡକାୟତ ଭୟ ନଥାଏ। କାରଣ ଆଜିପର୍ଯ୍ୟନ୍ତ ଏହାର ଇତିହାସ ନାହିଁ। ➤ ପୃ-୬



***ରାଜ କିଶୋର ଦାସ***
***ସେକ୍ରେଟାରୀ, ଭୁବନେଶ୍ୱର ବାର୍ ଆସୋସିଏସନ***

ରାଜ୍ୟ ସରକାର ଭୁବନେଶ୍ୱରରେ ସବ୍‌ରେଜିଷ୍ଟ୍ରାର ଅଫିସ ବିଭାଜନ କରନ୍ତୁ, ହେଲେ ଏହାକୁ ଗୋଟିଏ ଜାଗାରେ ରଖନ୍ତୁ। ଦେଶର ବିଭିନ୍ନ ରାଜ୍ୟରେ ୧ ରୁ ୨୦ ପର୍ଯ୍ୟନ୍ତ ସବ୍‌ରେଜିଷ୍ଟ୍ରାର ଅଫିସ ଗୋଟିଏ ସ୍ଥାନରେ ରହିଛି। ଜନସାଧାରଣଙ୍କ ସୁବିଧା ପାଇଁ ତଥା କମ୍ୟୁନିକେସନ ଗ୍ୟାପ୍ ନହେବା ପାଇଁ ଏହା କରାଯାଇଛି। ରେଭିନ୍ୟୁ କମ୍ପ୍ଲେକ୍ସରେ ସମସ୍ତ ସବ୍‌ରେଜିଷ୍ଟ୍ରାର ଓ ତହସିଲ ଅଫିସ ରହିଲେ ଏହା ଡିଷ୍ଟର୍ବାନ୍ସ ସୃଷ୍ଟି କରିବ ନାହିଁ। ଭିନ୍ନ ଭିନ୍ନ ସ୍ଥାନରେ ସବ୍‌ରେଜିଷ୍ଟ୍ରାର ଅଫିସ ହେଲେ ଏହା ଜନସାଧାରଣଙ୍କୁ ସୁବିଧା ଦେବା ବଦଳରେ ଅସୁବିଧାର ସମ୍ମୁଖୀନ କରାଇବ। ଅନ୍ୟଏକ ପ୍ରସଙ୍ଗ ହେଉଛି ସ୍ଲଟ୍ ବୁକିଂ କରି ଦଲିଲ ସମ୍ପାଦନ କରିବାକୁ ରାଜସ୍ୱ ବିଭାଗ କହୁଛି। ହେଲେ ଏହାର ପ୍ରପର ଡେମୋ ଓ ଆୱାରନେସ୍ ଦରକାର। ଭିତ୍ତିଭୂମି ନସଜାଡି କେବଳ ନିୟମ କରିଦେଲେ ଏହାଦ୍ୱାରା କେହି ଉପକୃତ ହୋଇପାରିବେ ନାହିଁ। ଜମିବାଡି କିଣାବିକାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମନି ଟ୍ରାଞ୍ଜାକ୍ସନ। ସ୍ଲଟ୍ ବୁକିଂ ହେଲେ ଜଣେ ଦୂରଦୂରାନ୍ତରରୁ ଆସି ଗୋଟିଏ ଦିନରେ ଦଲିଲ ସମ୍ପାଦନ କରି ଫେରିପାରିବା ସମ୍ଭବ ନୁହେଁ। ଏଥିରେ ଅନେକ ପ୍ରକାର ସମସ୍ୟା ରହିଛି। କେଉଁ ମେରିଟ୍ ଆଧାରରେ ସରକାର ଏହି ନିୟମ ପ୍ରଚଳନ କରିବାକୁ ଚାହୁଁଛନ୍ତି ତାହା ବୁଝାପଡୁନାହିଁ। ସ୍ଲଟ୍ ବୁକିଂ ନିୟମ ପ୍ରଚଳନ ହେଲେ ଏଥିରେ ଜନସାଧାରଣ ହିଁ ଅଧିକ ଅସୁବିଧାର ସମ୍ମୁଖୀନ ହେବେ। କାରଣ ଯେଉଁ କାର୍ଯ୍ୟଟି ସ୍ୱଳ୍ପ ସମୟ ମଧ୍ୟରେ ଶେଷ ହୋଇପାରୁଥିଲା ତାହା ଆବଶ୍ୟକ ସ୍ଥଳେ ଗୋଟିଏ ଦିନରୁ ଅଧିକ ସମୟ ଲାଗିବାର ଆଶଙ୍କା ରହିଛି।



***ବଂଶୀଧର ବେହେରା***
***ସଭାପତି, ଅଲ୍ ଓଡ଼ିଶା ଡିଡ୍ ରାଇଟର ଆସୋସିଏସନ***

ଜମିବାଡି କିଣାବିକାରେ ସ୍ଲଟ୍ ବୁକିଂର ଆବଶ୍ୟକତା ନାହିଁ। କାରଣ ନିର୍ଦ୍ଦିଷ୍ଟ ତାରିଖ ଓ ନିର୍ଦ୍ଦିଷ୍ଟ ସମୟରେ ଜଣେ ବିକ୍ରେତା ବା କ୍ରେତା ଜମି କିଣିବାକୁ ସମ୍ପୂର୍ଣ୍ଣ ଟଙ୍କା ଘରୁ ଆଣି ନଥାଏ। ଏଥିପାଇଁ ସେ ବ୍ୟାଙ୍କ, ସମ୍ପର୍କୀୟ ଏବଂ ନିଜ ଚିହ୍ନାଜଣା ଲୋକଙ୍କ ଠାରୁ ମଧ୍ୟ ଯୋଗାଡ କରି ଏହାକୁ ନିରାପଦ ସ୍ଥାନରେ ଜମି ବିକ୍ରେତାଙ୍କୁ ଦେଇଥାଏ। ସ୍ଲଟ୍ ବୁକିଂ ମାଧ୍ୟମରେ ଏହା କରାଗଲେ ଜଣେ ଜମି କ୍ରେତା ଜମି ବିକ୍ରେତାଙ୍କୁ ଆଗୁଆ ଟଙ୍କା ଦେଇ ରାତିରେ ନିଦରେ ଶୋଇପାରିବନି। ରାଜଧାନୀରେ ରାଜସ୍ୱ ବିଭାଗର କୌଣସି ଭିତ୍ତିଭୂମି ନଥିଲା ବେଳେ ସବ୍‌ରେଜିଷ୍ଟ୍ରାର ଅଫିସକୁ ବିଭିନ୍ନ ବିଭିନ୍ନ ସ୍ଥାନରେ ଖୋଲିବା ଏବଂ ସ୍ଲଟ୍ ବୁକିଂ କରି ଲୋକଙ୍କୁ ଅଡୁଆରେ ପକାଇବା ଆଦୌ ଉଚିତ ନୁହେଁ। ଲୋକ କିଣିବାକୁ ହେଉ ଅବା ବିକିବାକୁ ହେଉ ବହୁ ଦୂରରୁ ଆସୁଛନ୍ତି। କିଛି ବ୍ୟକ୍ତି ମଧ୍ୟ ବାହାର ରାଜ୍ୟରୁ ଆସି ଗୋଟିଏ ଦିନରେ ଦଲିଲ ସମାପନ କରି ନିଜ କାର୍ଯ୍ୟ ସ୍ଥଳକୁ ଫେରିପାରୁଛନ୍ତି। ୧୯୦୮ର ରେଜିଷ୍ଟ୍ରେସନ ଆକ୍ଟ ଅନୁସାରେ ଦୀର୍ଘ ୧୧୫ ବର୍ଷ ହେଲା ଜମିବାଡିର ଆଇନଗତ ହସ୍ତାନ୍ତର ପ୍ରକ୍ରିୟା ଚାଲୁରହିଛି। ହେଲେ ସରକାର ଏବେ ଉଦ୍‌ଭ୍ରାନ୍ତ ଚିନ୍ତାଧାରା କରି ଅଡୁଆ ପରିସ୍ଥିତି ସୃଷ୍ଟି କରୁଛନ୍ତି। ଜମି କିଣାବିକାରେ ସରକାର ପ୍ରଚୁର ଅର୍ଥ ରାଜସ୍ୱ ଆକାରରେ ପାଉଥିଲା ବେଳେ ଜିଏସ୍‌ଟି ଏବଂ ଅନ୍ୟାନ୍ୟ ଟିକସ ମଧ୍ୟ ପାଉଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଲୋକଙ୍କ ସୁବିଧା ପାଇଁ ନିୟମକୁ ସରଳ କରିବା, ଜନସାଧାରଣଙ୍କୁ ➤ ପୃ-୬



***ଆତ୍ମାପ୍ରକାଶ ମହାନ୍ତି***
***ପୂର୍ବତନ ଓଡ଼ିଶା ବାର କାଉନ୍‌ସିଲ ସଦସ୍ୟ***
***ପୂର୍ବତନ ସମ୍ପାଦକ ଏବଂ ସଦସ୍ୟ ରାଜ୍ୟ ଆଇନ ପରିଷଦ***

କୌଣସି ପରିସ୍ଥିତିରେ କୋର୍ଟ ପରିସରରୁ ସବ୍‌ରେଜିଷ୍ଟ୍ରାର ଅଫିସ ସ୍ଥାନାନ୍ତର ହୋଇପାରିବ ନାହିଁ। ସିଙ୍ଗଲ ୱିଣ୍ଡୋ ସିଷ୍ଟମରେ ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ଆଇନ କାର୍ଯ୍ୟ କରିବା ଉଚିତ୍। ଭାରତର ସବୁ ଜାଗାରେ କୋର୍ଟ ପାଖରେ ରାଜସ୍ୱ କାର୍ଯ୍ୟାଳୟ ଚାଲିଥିଲା ବେଳେ ଓଡ଼ିଶାରେ ଲୋକତନ୍ତ୍ର ନଥିଲା ଭଳି ମନଇଚ୍ଛା କାର୍ଯ୍ୟ ଚାଲିଛି। ଏଠି ସରକାର ବାଏ ଦ ପିପୁଲ କିନ୍ତୁ ଅଫ୍ ଦ ପିପୁଲ ନୁହେଁ। ଆଇଏଏସ୍ ବା ବ୍ୟୁରୋକ୍ରାଟ୍ ମାନେ ଏଠାରେ ଶାସନ ଚଳାଇ ଥିଲା ବେଳେ କୌଣସି ରାଜନୈତିକ ବ୍ୟକ୍ତିଙ୍କର ହସ୍ତକ୍ଷେପ ରହୁନାହିଁ। ଅଫିସରମାନେ ସାଧାରଣ ଲୋକଙ୍କୁ ଭୂଆଁ ବୁଲାଇ ତାଙ୍କରି ଗୁଣ୍ଡାଙ୍କ ଦ୍ୱାରା ଲୋକଙ୍କୁ ଲୁଟ୍ କରିଚାଲିଛନ୍ତି। ଆଉ ତିନୋଟି ନୂଆ ସବ୍‌ରେଜିଷ୍ଟ୍ରାର ଅଫିସକୁ ଭିନ୍ନଭିନ୍ନ ସ୍ଥାନରେ ଖୋଲିବା ହେଉ କି ସ୍ଲଟ୍ ବୁକିଂ ଯୋଜନା କରିବା ଏହି ଅସାଧୁ ଅଫିସରମାନଙ୍କ ଷଡଯନ୍ତ୍ରର ଅଂଶବିଶେଷ। ପ୍ରତି କ୍ଷେତ୍ରରେ ନମ୍ବର-୧ ହେବାର ଅଭିନବ ପ୍ରୟାସ କରି କ'ଣ ଗୋଟିଏ ଯୋଜନାକୁ ୧ ନମ୍ବର ଘୋଷଣା କରିବା ହେଉଛି ଏ ସରକାରର ଲକ୍ଷ୍ୟ। ଅନ୍‌ଲାଇନ୍‌ରେ ରାଜସ୍ୱ ଆଦାୟ ହେଉ କିମ୍ବା ଯେଉଁ ଯୋଜନାର କୌଣସି ସୁବିଧା ଲୋକ ପାଉନାହାନ୍ତି ତାହାକୁ ଦେଶରେ କେବଳ ନମ୍ବର-୧ ଯୋଜନା ବୋଲି କହି ବୁଲୁଛନ୍ତି। ରାଜନେତାଙ୍କ ରାଜୁତି ଅପେକ୍ଷା ଅଫିସରଙ୍କ ରାଜୁତି ରାଜ୍ୟକୁ ତଳିତଳାନ୍ତ କଲାଣି। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** : ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟରେ ବୃଦ୍ଧି ହେବ। ସଞ୍ଚୟ ହେବ। ପରିବାର ସହଯୋଗ ପାଇବେ ନାହିଁ। ସ୍ଥାନାନ୍ତରଣ ଯୋଗ ଅଛି। ବିଦେଶରେ ପାଠ ପଢ଼ିପାରନ୍ତି। ଦାମ୍ପତ୍ୟ ଜୀବନରେ ଅସ୍ଥିରତା ଯୋଗ ଅଛି। ପ୍ରତିକାର : ପ୍ରତିଦିନ ୧୦ଥର ଓଁ ଭୌମାୟ ନମଃ ଜପ କରନ୍ତୁ।

**ବୃଷ** : ମାଦକ ଦ୍ରବ୍ୟ ସେବନରୁ ଦୂରେଇ ପାରନ୍ତି। ବାପା ମାଆଙ୍କ ସହଯୋଗ ପାଇ କାର୍ଯ୍ୟକ୍ଷେତ୍ରରେ ନୂତନ ଉପଲବ୍ଧି ପାଇବେ। ଛାତ୍ରୀମାନଙ୍କ ପାଇଁ ସମୟ ଅନୁକୂଳ। ଜୀବନସାଥୀଙ୍କ ସହ ତାଳ ମେଳ ବଢ଼ିବ। ପ୍ରତିକାର : ପ୍ରତିଦିନ ୪୦ଥର ଓଁ ରାହବେ ନମଃ ଜପ କରନ୍ତୁ।

**ମିଥୁନ** : ଖରାପ ସ୍ୱାସ୍ଥ୍ୟ ଆତ୍ମବିଶ୍ୱାସ କମିବ। ବ୍ୟୟରେ ବୃଦ୍ଧି ହେବ। ଉଧାର କରିପାରନ୍ତି। ବୀପରିତ ଲିଙ୍ଗି ବ୍ୟକ୍ତିଙ୍କୁ ଆକର୍ଷ କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ପ୍ରତିଦିନ ୪୧ଥର ଓଁ ବୁଧାୟ ନମଃ ଜପ କରନ୍ତୁ।

**କର୍କଟ** : ପେଟରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ସଫଳ ହେବେ। ଧନହାନୀ ହୋଇପାରେ। ସହକର୍ମୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ପ୍ରତିକାର : ବିକଳାଙ୍ଗଙ୍କୁ ଖାଦ୍ୟ ଖୁଆନ୍ତୁ।

**ସିଂହ** : ଖେଳକୁଦରେ ଭାଗ ନିଅନ୍ତୁ। ଦୀର୍ଘ ମିଆଦି ବ୍ୟବସାୟ କରନ୍ତୁ। ପରିବାରରେ ସମ୍ପର୍କ ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟର ସହଯୋଗ ନିଅନ୍ତୁ। ପ୍ରତିକାର : ମଙ୍ଗଳବାର ଦିନ ରାହୁଙ୍କ ପାଇଁ ହୋମ କରନ୍ତୁ।

**କନ୍ୟା** : ସ୍ୱାସ୍ଥ୍ୟରେ ଉନ୍ନତି ହେବ। କୌଣସି ସନ୍ଥଙ୍କ ଆଶୀର୍ବାଦ ପାଇବେ। ଅର୍ଥ ପ୍ରାପ୍ତ ଯୋଗ ଅଛି। ଆତ୍ମୀୟଙ୍କ ସହ ମତଭେଦ ହୋଇପାରେ। ପ୍ରେମୀ ନାରାଜ ହୋଇପାରନ୍ତି। ପ୍ରତିକାର : ପ୍ରତିଦିନ ବିଷ୍ଣୁ ସହସ୍ର ନାମ ଜପ କରନ୍ତୁ।

**ତୁଳା** : ମନ ଅସ୍ଥିର ରହିବ। ବ୍ୟବସାୟରେ ବିସ୍ତାର ପାଇଁ ଋଣ ନେଇପାରନ୍ତି। ଅନ୍ୟ ସହମତ ଭେଦ ହୋଇପାରେ। ସତର୍କ ରହନ୍ତୁ। ଶିକ୍ଷକଙ୍କ ସହଯୋଗ ପାଇବେ। ପ୍ରତିକାର : ପ୍ରତିଦିନ ୩୧ଥର ଓଁ ଶୁକ୍ରାୟ ନମଃ ଜପ କରନ୍ତୁ।

**ବିଛା** : ଅଧିକ ଚିନ୍ତା କରନ୍ତୁ ନାହିଁ। କମ୍ ପରିଶ୍ରମରେ ଅଧିକ ଆୟ ହେବ। ପରିବାରରେ ସୁଖ ପାଇଷବ। ଲକ୍ଷ୍ୟପ୍ରାପ୍ତି ଯୋଗ ଅଛି। ପ୍ରେମୀ ମାନେ ଭ୍ରମଣ ପାଇଁ ଯାଇପାରନ୍ତି। ପ୍ରତିକାର : ପ୍ରତିଦିନ ୨୭ଥର ଓଁ ଶୁକ୍ରାୟ ନମଃ ଧ୍ୟାନ କରନ୍ତୁ।

**ଧନୁ** : ଖର୍ଚ୍ଚ ପାଇଁ ମାର୍ଗ ପ୍ରସ୍ତୁତ କରନ୍ତୁ। ମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଛାତ୍ରମାନଙ୍କ ସମୟ ପ୍ରତିକୂଳ ରହିବ। ପ୍ରେମୀମାନେ ବିବାହ ପ୍ରସ୍ତାବ ରଖିପାରନ୍ତି। ପ୍ରତିକାର : ଗୁରୁବାର ଦିନ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ମକର** : ଅର୍ଥ ଆଗମନର ସୂଚନା ପାଇବେ। ଧନର ଠିକ୍ ଉପଯୋଗ କରନ୍ତୁ। ପରିବାରର କାର୍ଯ୍ୟରେ ବାନ୍ଧି ହୋଇପାରନ୍ତି। ବାପା ବା ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ପ୍ରତିକାର : ୧୧ଥର ଓଁ ଭାସ୍କରାୟ ନମଃ ଜପ କରନ୍ତୁ।

**କୁମ୍ଭ** : ପାଚନ ରୋଗରୁ ମୁକ୍ତି ପାଇବେ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ପରିବାର ଓ ବନ୍ଧୁଙ୍କ ସହଯୋଗ ପାଇବେ। ଛାତ୍ରଙ୍କୁ ସଫଳତା ମିଳିବ। ପ୍ରେମୀଙ୍କ ଠାରୁ ଦୂରେଇ ରହିବା କଷ୍ଟ ହୋଇପାରେ। ପ୍ରତିକାର : ଭଗବାନ ଶିଙ୍କ ଉପାସନା କରନ୍ତୁ।

**ମୀନ** : ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟୟରେ ବୃଦ୍ଧି ହେବ। ପରିବାର ସହ ସମୟ କଟିବ। ପଦୋନ୍ନତି ହୋଇପାରେ। ଛାତ୍ରମାନେ ସଫଳତା ପାଇବେ। ଜୀବନସାଥୀଙ୍କ ସହ ବାଦବିବାଦ ହୋଇପାରେ। ପ୍ରତିକାର : ପ୍ରତିଦିନ ୨୧ଥର ଓଁ ଗଣେଶାୟ ନମଃ ଜପନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

---

### ବିବାଦ ପରେ ପଛଘୁଞ୍ଚା ଦେଲା ଦିଲ୍ଲୀ ଏମ୍ସ

# ସାଂସଦଙ୍କୁ ସ୍ୱତନ୍ତ୍ର ଚିକିତ୍ସା ନିର୍ଦ୍ଦେଶକୁ ଫେରାଇଲା

**ନୂଆଦିଲ୍ଲୀ :** ଦିଲ୍ଲୀ ଏମ୍ସରେ ସାଂସଦଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ଫେରାଇ ନିଆଯାଇଛି। ଏଭଳି ବ୍ୟବସ୍ଥା ଭିଆଇପି ସଂସ୍କୃତିକୁ ପ୍ରୋତ୍ସାହନ ଦେବ ବୋଲି କହି ବିରୋଧ ହେବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶକୁ ଫେରାଇ ନେଇଛନ୍ତି। ଏନେଇ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ) ମୁଖ୍ୟ ଏଡମିନିଷ୍ଟ୍ରେଟିଭ୍ ଅଫିସର ଦେବ ନାଥ ସାହ ସୂଚନା ଦେଇଛନ୍ତି। ଶୁକ୍ରବାର ଲୋକସଭା ସଚିବାଳୟର ଯୁକ୍ତ ସଚିବ ୱାଇ.ଏମ୍. କାଣ୍ଡପାଲଙ୍କୁ ଚିଠି ଲେଖି ଶାହ ଏ ବିଷୟରେ ଅବଗତ କରାଇଛନ୍ତି। ଏହି ଚିଠିରେ କୁହାଯାଇଛି ଯେ ଦିଲ୍ଲୀ ଏମ୍ସରେ ସାଂସଦଙ୍କ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ନେଇ




ଏମ୍ସ ନିର୍ଦ୍ଦେଶକ ଡା. ଏମ୍ ଶ୍ରୀନିବାସଙ୍କ ଚିଠିକୁ ତତ୍କାଳ ପ୍ରଭାବରେ ଫେରାଇ ନିଆଯାଇଛି। ଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ ଆସୋସିଏସନ୍ (ଏଫ୍‌ଓଆରଡିଏ) ଏହି ବ୍ୟବସ୍ଥା ବିରୋଧରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟଙ୍କୁ ଚିଠି ଲେଖିଥିଲା। ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ସୂଚନା ଅନୁସାରେ, ଦିଲ୍ଲୀ ଏମ୍ସରେ ସାଂସଦରଙ୍କର ସ୍ୱତନ୍ତ୍ର ଚିକିତ୍ସା ନେଇ ଏକ ଏସ୍‌ଓପି ଜାରି କରାଯାଇଥିଲା। ଏହି ଏସ୍‌ଓପି ଅନୁସାରେ, ସାଂସଦଙ୍କ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥାର ସମନ୍ୱୟ ପାଇଁ ଏକ ନୋଡାଲ ଅଧିକାରୀ ନିଯୁକ୍ତି ଦିଆଯିବାର ଥିଲା। ଏନେଇ ଏମ୍ସ ନିର୍ଦ୍ଦେଶକ ଏମ୍ ଶ୍ରୀନିବାସ ଲୋକସଭା ସଚିବାଳୟର ଯୁଗ୍ମ ସଚିବ ୱାଇଏମ୍ କାଣ୍ଡପାଲକୁ ଚିଠି ଲେଖି ଜଣାଇଥିଲେ।ବ୍ୟବସ୍ଥାର ସୁଚାରୁ ରୂପେ ପରିଚାଳନା ପାଇଁ ହସ୍ପିଟାଲ୍ର ପ୍ରଶାସନିକ ବିଭାଗର ଅଧିକାରୀ ଏମ୍ସ ନିୟନ୍ତ୍ରଣ କକ୍ଷରେ ୨୪ ଘଣ୍ଟା ଉପଲବ୍ଧ ରହିବେ। ଏହି ଚିଠିରେ ଏମ୍ସ ନିର୍ଦ୍ଦେଶକ କିଛି ଅଧିକାରୀଙ୍କ ନମ୍ବର ବି ଦେଇଥିଲେ। ଯେଉଁଥିରେ ସାଂସଦ କିମ୍ବା ତାଙ୍କ ପରିଚୟ କଲ୍ କରି କଥା ହୋଇପାରିଥାନ୍ତେ। ତେବେ ଏମ୍ସର ଡାକ୍ତରଙ୍କର ଏକ ସଂଗଠନ ଏହାକୁ ବିରୋଧ କରିଥିଲା। ଭିଆଇପି ସଂସ୍କୃତି କହି ନିର୍ଦ୍ଦେଶର ଆଲୋଚନା କରିଥିଲେ। ଏମ୍ସ ଫେଡେରେସନ ଅଫ୍ ରେସିଡେଣ୍ଟ ଡକ୍ଟର୍ସ ଆସୋସିଏସନ (ଏଫ୍‌ଓଆରଡିଏ)ର ଏଭଳି ନିର୍ଦ୍ଦେଶକୁ ବିରୋଧ କରିଥିଲେ। ସାଂସଦଙ୍କୁ ବିଶେଷ ସୁବିଧା ଦେଲେ ଏହା ସାଧାରଣ ରୋଗୀଙ୍କ ସେବାର ସମସ୍ୟା ସୃଷ୍ଟି କରିପାରେ। ଏଭଳି ଭିଆଇପି ସଂସ୍କୃତିକୁ ଆମେ ନିନ୍ଦା କରୁ ବୋଲି ଏଫ୍‌ଓଆରଡିଏ ଟ୍ୱିଟ୍ କରି ଅସନ୍ତୋଷ ପ୍ରକାଶ କରିଥିଲା। ଅନ୍ୟ କାହାର ବିଶେଷ ଅଧିକାର ପାଇଁ ଅନ୍ୟ କୌଣସି ରୋଗୀକୁ ସମସ୍ୟା ହେବା କଥା ନୁହେଁ ବୋଲି ଏଫ୍‌ଓଆରଡିଏ କହିଥିଲା।

## ଗହମ, ସୋରିଷର ଏମଏସ୍‌ପି ବୃଦ୍ଧି




**ନୂଆଦିଲ୍ଲୀ :** ଦୀପାବଳି ପୂର୍ବରୁ ଚାଷୀଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ଆଜି କେନ୍ଦ୍ର ସରକାର ରବି ଫସଲ ପାଇଁ ବିଭିନ୍ନ ଖାଦ୍ୟ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସ୍‌ପି) ବୃଦ୍ଧି କରିଛନ୍ତି। ୨୦୨୩-୨୪ ରବି ପାଇଁ ଏହି ବର୍ଦ୍ଧିତ ଏମଏସ୍‌ପି ଦାମରେ ସରକାର ଚାଷୀଙ୍କ ଠାରୁ ସାମଗ୍ରୀ କିଣିବ। ସରକାର ଗହମର ଏମଏସ୍‌ପି କ୍ୱିଣ୍ଟାଲ ପିଛା ୧୧୦ ଟଙ୍କା ବଢ଼ାଇଛନ୍ତି। ୨୦୨୨-୨୩ରେ ଗହମର କ୍ୱିଣ୍ଟାଲ ପିଛା ଏମଏସ୍‌ପି ୨୦୧୫ ଟଙ୍କା ଥିଲା। ୨୦୨୩-୨୪ରେ ଏହାକୁ କେନ୍ଦ୍ର ସରକାର ୨୧୨୫ ଟଙ୍କା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଅର୍ଥନୀତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ ଏମଏସ୍‌ପି ବୃଦ୍ଧି ଉପରେ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗହମ ବ୍ୟତୀତ ବିଭିନ୍ନ ଖାଦ୍ୟଶସ୍ୟର ଏମଏସ୍‌ପି ବୃଦ୍ଧି କରାଯାଇଛି। ସୋରିଷର ଏମଏସ୍‌ପି କ୍ୱିଣ୍ଟାଲ ପିଛା ୪୦୦ ଟଙ୍କା ବୃଦ୍ଧି ହୋଇଛି। ୨୦୨୨-୨୩ରେ ଗୋଟିଏ କ୍ୱିଣ୍ଟାଲ ସୋରିଷର ଦାମ ୫୦୫୦ ଟଙ୍କା ଥିଲା। ୨୦୨୩-୨୪ରେ ଏହାର ଦାମ ୫,୪୫୦ ଟଙ୍କା ହୋଇଛି। ମସୁର ଡାଲିର ଏମଏସ୍‌ପି ୫୦୦ ଟଙ୍କା ବଢ଼ିଛି। ମସୁଲ ଡାଲିର ଦାମ କ୍ୱିଣ୍ଟାଲ ପିଛା ଦାମ ୫,୫୦୦ ଟଙ୍କା ଥିଲା ଏବେ ୬୦୦୦ ଟଙ୍କାରେ ପହଞ୍ଚିଛି। ସେହିପରି ବାର୍ଲିର ଏମଏସପି ୧୦୦ ଟଙ୍କା, ସୂର୍ଯ୍ୟମୁଖୀର ଏମଏସ୍‌ପି ୨୦୯ ଟଙ୍କା ଓ ବିରିର ଏମଏସ୍ପି ୧୦୫ ଟଙ୍କା ବୃଦ୍ଧି ପାଇଛି। ଗହମ ଉପରେ ଏମଏସ୍‌ପି ୫.୬୪%, ବଢ଼ିଥିବା ବେଳେ ସୋରିଷର ଦାମ ୯% ବୃଦ୍ଧି କରାଯାଇଛି। ବର୍ଦ୍ଧିତ ଦର ପରେ ଚାଷୀମାନେ ବାର୍ଲି ପାଇଁ କ୍ୱିଣ୍ଟାଲ ପିଛା ୧୭୩୫ ଟଙ୍କା, ବିରି ପାଇଁ କ୍ୱିଣ୍ଟାଲ ପିଛା ୧୭୩୫ ଟଙ୍କା ଓ ସୂର୍ଯ୍ୟମୁଖୀ ପାଇଁ କ୍ୱିଣ୍ଟାଲ ପିଛା ୫,୬୫୦ ଟଙ୍କା ପାଇବେ।

## କେତେ ଦିନ ଯାଏଁ ମାଗଣା ରାସନ ଯୋଜନା ଚଲାଇବେ ସରକାର ?

**ନୂଆଦିଲ୍ଲୀ :** ଭାରତ ସରକାରଙ୍କ ପକ୍ଷରୁ ଜାରି ମାଗଣା ରାସନ ଯୋଜନା ଡିସେମ୍ବର ପରେ ବି ଆଗକୁ ବଢ଼ିବ ନା ନାହିଁ ତାହା ଏବେ ଏକ ପ୍ରଶ୍ନ। ସରକାର ଚଳିତ ବର୍ଷ ଅକ୍ଟୋବରରେ ଏହି ଯୋଜନାକୁ ଆସନ୍ତା ତିନି ମାସ ଯାଏଁ ବଢ଼ାଇ ଡିସେମ୍ବର ଯାଏ ବଢ଼ାଇଥିଲା। ତେବେ ଏହି ନିଷ୍ପତ୍ତି ପରେ ଏବେ ବ୍ୟବସାୟୀଙ୍କ କହିବା କଥା ଏହା କି ଯେ, ସରକାର ଏହି ଯୋଜନାକୁ ଅଧିକ ଦିନ ବଢ଼ାଇ ପାରିବେ ନାହିଁ, କାରଣ ଦେଶର ଖାଦ୍ୟ ଭଣ୍ଡାର ଉପରେ ଏବେ ଚାପ ପଡିବାରେ ଲାଗିଛି ଏବଂ ଜମା ଖାଦ୍ୟ ସାମଗ୍ରୀ କମିବାରେ ଲାଗିଛି। ସରକାରଙ୍କ ନିକଟରେ ଗହମର ଷ୍ଟକ ଅକ୍ଟୋବର ୧ ସୁଦ୍ଧା ୨୨.୭ ମିଲିୟନ ଟନ ରହିଛି। ଗୋଟିଏ ବର୍ଷ ପୂର୍ବେ ଏହି ଅବଧିରେ ଭାରତ ପାଖରେ ମୋଟ ୪୬.୯ ମିଲିୟନ ଟନ ଷ୍ଟକ ଥିଲା। ତେବେ ସରକାରୀ ଅଧିକାରୀଙ୍କ କହିବା ଅନୁସାରେ ପର୍ଯ୍ୟାପ୍ତ ପରିମାଣର ଷ୍ଟକ୍ ରହିଛି। ସୀମିତ ଯୋଗାଣ ଗହମର ମୂଲ୍ୟକୁ ଅଧିକ କରାଇଛି। ୟୁକ୍ରେନ



ଯୁଦ୍ଧ ଯୋଗୁଁ ବାହାରୁ ଗହମ ଆଣିବା ସରକାରଙ୍କ ପାଇଁ ଅଧିକ ଖର୍ଚ୍ଚାନ୍ତ ହେବ। ଏପରିସ୍ଥିତିରେ ସରକାରଙ୍କ ନିକଟରେ କେବଳ ଗୋଟିଏ ରାସ୍ତା ରହିଛି ଯେ, ସେ ମାଗଣା ରାସନ ଯୋଜନାକୁ ଡିସେମ୍ବର ପରେ ବନ୍ଦ କରିବେ। ମାଗଣା ରାସନ ଯୋଜନା ସେପ୍ଟେମ୍ବର ୩୦ରେ ଶେଷ ହୋଇଥାନ୍ତା। ଏହା ପୂର୍ବରୁ ସରକାର ଏହି ଯୋଜନାକୁ ଆଉ ତିନି ମାସ ବଢ଼ାଇଥିଲେ। ଅର୍ଥ ମନ୍ତ୍ରାଳୟ ଅନୁସାରେ ତିନି ମାସରେ ମାଗଣ ରାସନ ପାଇଁ ସରକାରଙ୍କ ଉପରେ ୪୫,୦୦୦ କୋଟି ଟଙ୍କାର ଅତିରିକ୍ତ ବୋଝ ପଡିବ।

## ଚୀନ ଏବଂ ରୁଷ ତୁଳନାରେ ଦୁର୍ବଳ ଆମେରିକା ସେନା

**ନୂଆଦିଲ୍ଲୀ :** ବିଶ୍ୱ ଆଗରେ ଆମେରିକାକୁ ଆର୍ଥିକ ରୂପରେ ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗଣାଯାଏ। କିନ୍ତୁ ପ୍ରତିରକ୍ଷା ମାମଲାରେ ଏହାର ସେନା ଗୋଟିଏ ବି ଯୁଦ୍ଧ ଜିତିବାରେ ସକ୍ଷମ ନୁହେଁ। ଆମେରିକାର ସୈନ୍ୟ ଶକ୍ତି ଉପରେ ଆଧାରିତ ଏକ ନୂଆ ରିପୋର୍ଟରେ ଏହି ଦାବି କରାଯାଇଛି। ରିପୋର୍ଟ ଅନୁସାରେ, ଆମେରିକା ସେନାର ଯବାନ ଚୀନ ଏବଂ ରୁଷଠାରୁ ସମ୍ଭାବିତ ବିପଦର ମୁକାବିଲା କରିବାରେ ଅସମର୍ଥ ଅଟନ୍ତି। ଯୁଦ୍ଧି ଜିତିବା ପାଇଁ ପେଣ୍ଟାଗନ ସେନାକୁ ସଂଘର୍ଷ କରିବାକୁ ପଡିବ। ବର୍ତ୍ତମାନର ସ୍ଥିତିରେ ଦୁଇ ପକ୍ଷରୁ ଯୁଦ୍ଧର ସମ୍ଭାବନା ଅଧିକ ରହିଛି। କାରଣ ଗୋଟିଏ ପଟେ ୟୁକ୍ରେନରେ ରୁଷ ଯୁଦ୍ଧ କରୁଥିବା ବେଳେ ଅନ୍ୟପଟେ ଚୀନ ପ୍ରଶାନ୍ତ ମହାସଗରୀୟ କ୍ଷେତ୍ରରେ ଆକ୍ରାମକ ହୋଇ ଆଗକୁ ବଢୁଛି। ଏହି ସ୍ଥିତିରେ ଦୁଇ ଆଡୁ ଲଢେଇ ଆମେରିକା ସେନାକୁ ଅସୁବିଧାରେ ପକାଇବ। ରିପୋର୍ଟରେ କୁହାଯାଇଛି ଯେ, ଆମେରିକାର ସୈନ୍ୟ କ୍ଷମତାରେ ଅନେକ ଦୁର୍ବଳତା ରହିଛି। ଯବାନଙ୍କ ପାଖରେ କ୍ଷମତା, ପର୍ଯ୍ୟାପ୍ତ ପରିମାଣର ହତିଆର ଏବଂ ସୈନ୍ୟ ଉପକରଣ ନଥିବା ଏକ ବଡ଼ ସମସ୍ୟା। ଏଥିରେ ମେରାଇନ କର୍ପସର କ୍ଷମତାକୁ ଅଧିକ ବଢାଇବାକୁ ଜୋର ଦିଆଯାଇଛି। ସ୍ଥଳସେନାକୁ ଆଭରେଜ୍ ରେଟିଂ ଦିଆଯାଇଛି। ଆଭ୍ୟନ୍ତରୀଣ ସୁରକ୍ଷା ବଳ ଏବଂ ନୌସେନାକୁ ଦୁର୍ବଳ ଏବଂ ବାୟୁସେନାକୁ ଅଧିକ ଦୁର୍ବଳ କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯଦି ଆମେରିକା ନିଜର ଶକ୍ତି ବଢାଇବାକୁ ଚାହୁଁଛି ତେବେ ଜାହାଜ, ମିଶାଇଲ ଏବଂ ଅନ୍ୟ ହତିଆରରେ ନିବେଶ କରିବାକୁ ପଡିବ ବୋଲି କୁହାଯାଇଛି। ଏହା ଭବିଷ୍ୟତର ସଂଘର୍ଷ ପ୍ରସ୍ତୁତି ପାଇଁ ଏକ ଆବଶ୍ୟକୀୟ ଉପକରଣ ସହ ଅଧିକ ବଳ ମଧ୍ୟ ଯୋଗାଇବ। ରିପୋର୍ଟ ଅନୁସାରେ ବର୍ତ୍ତମାନ ବାଇଡେନ ପ୍ରଶାସନର ଆର୍ଥିକ ବର୍ଷ ୨୦୨୩ ପାଇଁ ପ୍ରସ୍ତାବିତ ରକ୍ଷା ବଜେଟ୍ ୫ ପ୍ରତିଶତ ପାଖରେ ରହିଛି ଯାହା ମୁଦ୍ରାସ୍ଫିତୀର ବର୍ତ୍ତମାନ ହାର ୧୦ ପ୍ରତିଶତର ପ୍ରାୟ ଅଧା ଅଟେ।

### ଭାରତୀୟ ନାଗରିକଙ୍କୁ ଚେତାବନୀ ଦେଲା ଭାରତୀୟ ଦୂତାବାସ

# ତୁରନ୍ତ ୟୁକ୍ରେନ୍ ଛାଡ଼

**ନୂଆଦିଲ୍ଲୀ :** ଭାରତୀୟ ନାଗରିକ ତୁରନ୍ତ ୟୁକ୍ରେନ୍ ଛାଡନ୍ତୁ। ଭାରତୀୟ ଦୂତାବାସ ପକ୍ଷରୁ ଜାରି ହୋଇଛି ଏଭଳି ଆଡଭାଇଜରୀ। ୟୁକ୍ରେନରେ ପୁଣିଥରେ ଯୁଦ୍ଧସ୍ଥିତି ଗମ୍ଭୀର ହେଉଥିବାରୁ ନାଗରିକଙ୍କୁ ଅତିଶୀଘ୍ର ଦେଶ ଛାଡିବାକୁ ପରାମର୍ଶ ଦେଇଛି ଭାରତ। ବର୍ତ୍ତମାନ ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କୁ ଅନାବଶ୍ୟକ ଯାତ୍ରା କରିବାକୁ ବାରଣ କରାଯାଇଥିବା ବେଳେ ସେଠାକାର ସରକାର ଏବଂ ସ୍ଥାନୀୟ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ସୁରକ୍ଷା ନିୟମ ପାଳନ କରିବାକୁ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ରାଜଧାନୀ କିଭ ଉପରେ ବଡ ଧରଣର ଆକ୍ରମଣ ଆଶଙ୍କା ଥିବାରୁ ନାଗରିକଙ୍କୁ ସତର୍କ ରହିବାକୁ କୁହାଯାଇଛି। ଏଥିସହ ବର୍ତ୍ତମାନ ପରିସ୍ଥିତିରେ ୟୁକ୍ରେନ୍ ଯାତ୍ରା ନକରିବାକୁ ପରାମର୍ଶ ଦେଇଛନ୍ତି ସରକାର। କିଭ୍ରେ ଥିବା ଭାରତୀୟ ଦୂତାବାସ



ପକ୍ଷରୁ ଏକ ଆଡ୍‌ଭାଇଜରୀ ଜାରି କରାଯାଇଛି। ସେଥିରେ କୁହାଯାଇଛି ଯେ, ଦୁର୍ବଳ ସୁରକ୍ଷା ବ୍ୟବସ୍ଥା ଓ ୟୁକ୍ରେନ୍ରେ ବର୍ତ୍ତମାନର ଯୁଦ୍ଧ ସ୍ଥିତିକୁ ଦେଖି ଭାରତୀୟମାନଙ୍କୁ ୟୁକ୍ରେନ୍ ଆସିବାକୁ ମନା କରାଯାଉଛି। ଯେଉଁ ଭାରତୀୟ ନାଗରିକ ଯଥା ଛାତ୍ରଛାତ୍ରୀମାନେ ୟୁକ୍ରେନ୍ରେ ରହିଛନ୍ତି ସେମାନେ ତୁରନ୍ତ ଦେଶ ଛାଡ଼ି ଚାଲିଯାଆନ୍ତୁ। ଗତ ଫେବ୍ରୁଆରୀରେ ଯୁଦ୍ଧ ଆରମ୍ଭରୁ ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ରୁଷ ଘନ ଘନ ମିସାଇଲ ମାଡ କରିଥିଲା। ଏହାର ଜବାବ ଦେଇଥିଲା ୟୁକ୍ରେନ୍। ଏହାପରେ ଗତ ଏପ୍ରିଲରେ ସୈନ୍ୟ ପ୍ରତ୍ୟାହାର କରିନେଇଥିଲା ରୁଷ। ୟୁକ୍ରେନ୍ ଉପରେ ରୁଷ ତୀବ୍ର ଆକ୍ରମଣ କରିବ ନାହିଁ ବୋଲି କହିଥିଲେ ପୁଟିନ। ହେଲେ ୟୁକ୍ରେନ୍ ତାସ୍ୱାଭିମାନ ପାଇଁ ପ୍ରତିଆକ୍ରମଣ କରିଚାଲିଛି। ରୁଷ ସେନା ଉପରେ ସିରିଜ୍ ଡ୍ରୋନ୍ ଆକ୍ରମଣ କରିଛି ୟୁକ୍ରେନ୍। ସେହିପରି ରୁଷ ମଧ୍ୟ କାମିକାଜେ ଡ୍ରୋନ୍ରେ ମାଧ୍ୟମରେ ଆକ୍ରମଣ ଜାରି ରଖିଛି। ଏଥିରେ ୟୁକ୍ରେନ୍ରେ ଅନେକ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ମାଣ ଧ୍ୱଂଶ ହୋଇଯାଇଛି। ଆକ୍ରମଣ ଜାରି ରହିଥିବା ବେଳେ ୟୁକ୍ରେନ୍ ବିଦେଶମନ୍ତ୍ରୀ ଦିମିତ୍ରି କୁଲେବା ମଙ୍ଗଳବାର ଇରାନ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କରିବାକୁ କହିଛନ୍ତି। ଇରାନ ଡ୍ରୋନ୍ ଦେଇ ରୁଷକୁ ସମର୍ଥ କରୁଥିବାରୁ ତା ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ୟୁକ୍ରେନ୍ ୟୁରୋପିୟନ ୟୁନିୟନକୁ ଅନୁରୋଧ କରିଛି ବୋଲି କୁଲେବା କହିଛନ୍ତି।

## ୧୦ ଦେଶକୁ ବ୍ରହ୍ମୋସ ବିକିବ ଭାରତ

**ନୂଆଦିଲ୍ଲୀ :** ଫିଲିପାଇନ୍ସକୁ ବ୍ରହ୍ମୋସ କ୍ଷେପଣାସ୍ତ୍ର ବିକିବା ପରେ ଅନ୍ୟ ଦେଶମାନଙ୍କୁ ବି ଏହି କ୍ଷେପଣାସ୍ତ୍ର ବିକିବାକୁ ଭାରତ ଯୋଜନା କରୁଛି। ମିଳିଥିବା ସୂଚନା ଅନୁସାରେ ସାଉଦି ଆରବ, ୟୁଏଇ, ଇଜିପ୍ଟ, ଦକ୍ଷିଣ ଆଫ୍ରିକା, ଇଣ୍ଡୋନେସିଆ ଆଦି ୧୦ଟି ଦେଶକୁ ବ୍ରହ୍ମସ ବିକିବାକୁ ବ୍ରହ୍ମସ ଏରୋସ୍ପେସ୍ ଲକ୍ଷ୍ୟ ରଖିଛି। କେତେକ ଦେଶ ସହିତ କଥାବାର୍ତ୍ତା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଗତମାସରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଆଫ୍ରିକା ଏରୋସ୍ପେସ ଓ ଡିଫେନ୍ସ ଏକ୍ସପୋରେ ବ୍ରହ୍ମସର ଏକ ପାଭିଲିୟନ ଖୋଲାଯାଇଥିଲା। ବ୍ରହ୍ମସର ଦକ୍ଷତାରେ ଦକ୍ଷିଣ ଆଫ୍ରିକା ପ୍ରଭାବିତ ଥିବା କୁହାଯାଉଛି। ଚଳିତ ବର୍ଷ ଆରମ୍ଭରେ ଫିଲିପାଇନ୍ସ ୩୭୪ ନିୟୁତ ଡଲାର ମୂଲ୍ୟର ବ୍ରହ୍ମସ ମିସାଇଲ କିଣିବାକୁ ଚୁକ୍ତି କରିଥିଲା। ଫିଲିପାଇନ୍ସ ପ୍ରଥମ ପର୍ଯ୍ୟାୟରେ ଭାରତଠାରୁ ୩ଟି ବ୍ୟାଟେରୀ ବ୍ରହ୍ମସ ସିଷ୍ଟମ କିଣିବ। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ କେତେକ ବ୍ୟାଟେରୀ ଖରିଦ କରିବାର ସମ୍ଭାବନା ରହିଛି।




ସୂଚନାଯୋଗ୍ୟ ଯେ, ବ୍ରହ୍ମସ୍ କ୍ଷେପଣାସ୍ତ୍ର ଭାରତ ଓ ଋଷିଆ ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି। ଏହାକୁ ବିଶ୍ୱର ଅନ୍ୟତମ ଶକ୍ତିଶାଳୀ କ୍ରୁଜ ମିସାଇଲ ବୋଲି କୁହାଯାଉଛି। ଏବେ ଏହାର ରେଞ୍ଜ୍ ୨୯୦ କିଲୋମିଟର ଥିବାବେଳେ ଏହାର ରେଞ୍ଜକୁ ୫୦୦ କିଲୋମିଟରକୁ ବୃଦ୍ଧି କରିବାକୁ ଯୋଜନା ଚାଲିଛି। ସେହିପରି ନାଭାଲ ଭର୍ସନର ରେଞ୍ଜକୁ ୪୦୦ କିଲୋମିଟରକୁ ବୃଦ୍ଧି କରିବାକୁ ଯୋଜନା ଚାଲିଛି। ସେହିପରି ବ୍ରହ୍ମସ-ଏନଜି ନାମକ ଅପେକ୍ଷାକୃତ ହାଲକା ଓ ଶକ୍ତିଶାଳୀ କ୍ଷେପଣାସ୍ତ୍ର ତିଆରି କରାଯାଉଛି।

### ଆମେରିକା ଲାବରେଟୋରୀରେ ତିଆରି ହୋଇଛି ଭୟାନକ କରୋନା ଭୂତାଣୁ !

# ବିଭିନ୍ନ ଦେଶର ବୈଜ୍ଞାନିକଙ୍କ ଉଦ୍‌ବେଗ

**ବୋଷ୍ଟନ :** ଆମେରିକାର ବୋଷ୍ଟନ ସହରରେ ବୈଜ୍ଞାନିକମାନେ ଲାବରେଟରୀରେ ହାଇବ୍ରିଡ କରୋନା ଭାଇରସ ତିଆରିଛନ୍ତି। ଏହି ଭୂତାଣୁର ବିନାଶକାରୀ କ୍ଷମତା ବହୁତ ଅଧିକ। ଏ ସମ୍ପର୍କରେ ଜଣାପଡିବା ପରେ ବିଶ୍ୱର ବିଭିନ୍ନ ଦେଶରେ ବୈଜ୍ଞାନିକ ବୋଷ୍ଟନ ବୈଜ୍ଞାନିକଙ୍କ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ରିପୋର୍ଟ ଅନୁସାରେ କରୋନା ଭାଇରସର ଏହି ଭାରିଏଣ୍ଟ ଅତ୍ୟନ୍ତ ବିନାଶକାରୀ ଓ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ୧୦୦ରୁ ୮୦ ଜଣଙ୍କ ମୃତ୍ୟୁ ନିଶ୍ଚିତ। କରୋନା ଭାଇରସର ଏହି ଭାରିଏଣ୍ଟକୁ ମୁଷାଙ୍କ ଦେହରେ ପରୀକ୍ଷଣ କରାଯାଇଥିଲା। ଏଥିରୁ ଏହା ଅତ୍ୟାଧିକ ସଂକ୍ରାମକ ହୋଇଥିବା ସାଙ୍ଗକୁ ଘାତକ ବୋଲି ମଧ୍ୟ ଜଣାପଡିଛି। ତେବେ ବୋଷ୍ଟନର ଯେଉଁ ପ୍ରୟୋଗଶାଳାରେ ଭୂତାଣୁର ଏହି ଭାରିଏଣ୍ଟ ପ୍ରସ୍ତୁତ କରାଯାଇଛି, ସେଠାକାର ବୈଜ୍ଞାନିକମାନେ ଏହି ଭାରିଏଣ୍ଟ ମାଧ୍ୟମରେ ଭୂତାଣୁର ସ୍ପାଇକ୍ ପ୍ରୋଟିନ କିପରି ଭୂମିକା ନିର୍ବାହ କରୁଛି ତାହା ଜାଣିବାକୁ ଉଦ୍ୟମ କରାଯିବ ବୋଲି କହିଛନ୍ତି। ତେବେ ଲାବୋରେଟରୀରେ ଏପରି ଭୂତାଣୁ ତିଆରି



କରିବା ପୁରା ବିଶ୍ୱ ଲାଗି ବିନାଶକାରୀ ସାବ୍ୟସ୍ତ ହୋଇପାରେ ବୋଲି ଏଥିରେ ଅସନ୍ତୁଷ୍ଟ ବୈଜ୍ଞାନିକମାନେ କହିଛନ୍ତି। ବୋଷ୍ଟନ ବୈଜ୍ଞାନିକମାନେ କହିଛନ୍ତି ଯେ ଯେଉଁ ଭୂତାଣୁ ତିଆରି କରାଯାଇଛି ତାହା କରୋନା ଭାଇରସର ଏକ ମ୍ୟୁଟାଣ୍ଟ ଭାରିଏଣ୍ଟ। ଓମିକ୍ରନ ଭାରିଏଣ୍ଟ ଓ ମୂଳ କୋଭିଡ-୧୯ ଭାଇରସକୁ ମିସାଇ ଏକ ହାଇବ୍ରିଡ ଭାଇରସ ପ୍ରସ୍ତୁତ କରାଯାଇଛି। ଯେତେବେଳେ ଏହି ଭୂତାଣୁକୁ ମୁଷାଙ୍କ ସଂସର୍ଗରେ ଅଣାଗଲା ୮୦ ପ୍ରତିଶତ ମୁଷାଙ୍କର ମୃତ୍ୟୁ ହୋଇଥିଲା। ତେବେ ଭାଇରସର ଏହି ଭାରିଏଣ୍ଟକୁ ମାନବୀୟ କୋଷିକାଙ୍କ ସଂସର୍ଗରେ ଅଣାଗଲା ଚମତ୍କାର ଦେଖିବାକୁ ମିଳିଛି। ମାନବ କୋଷିକାରେ ଏହି ଭୂତାଣୁ ଓମିକ୍ରନ ଭୂତାଣୁ ତୁଳନାରେ ୫ ଗୁଣା ଅଧିକ ବେଗରେ ବ୍ୟାପୁଥିବା ଦେଖା ଯାଇଛି। ଓମିକ୍ରନ ଭାରିଏଣ୍ଟର ବେଗ ଏତେ ଥିଲା ଯେ ମାତ୍ର ୩ ସପ୍ତାହରେ ସାରା ବିଶ୍ୱରେ ବ୍ୟାପିଯାଇଥିଲା। ଏଥିରୁ କରାନା ଭାଇରସର ଏହି ଭାରିଏଣ୍ଟ ଯଦି କୌଣସି ପ୍ରକାର ଲ୍ୟାବରୁ ବାହାରକୁ ଆସିଯାଏ କିପରି ବିନାଶ ରଚିବ ତାହା କେବଳ ଅନୁମାନ କରାଯାଇପାରେ।

### ଚିନ୍ତା ବଢାଇଲା ଗବେଷଣା ରିପୋର୍ଟ

## ତରଳୁଥିବା ବରଫରୁ ବ୍ୟାପିବ ମହାମାରୀ

**ନୂଆଦିଲ୍ଲୀ :** ପ୍ରତି ୧୦୦ ବର୍ଷରେ ଥରେ ମହାମାରୀ ଆସେ ବୋଲି ସାଧାରଣର ଚର୍ଚ୍ଚା ରହିଛି। ହେଲେ ଲାଗୁଛି ଏଥର କରୋନା ପରେ ଖୁବ୍‌ଶୀଘ୍ର ଆଉ ଏକ ମହାମାରୀ ଆସିବ। କାରଣ ପାଣିପାଗ ପରିବର୍ତ୍ତନ ଯୋଗୁ ଆର୍କଟିକ୍ ବରଫଖଣ୍ଡ ଦ୍ରୁତ ଗତିରେ ତରଳିବାକୁ ଲାଗୁଛି। ଆଉ ଏହା ହିଁ ହେବ ପରବର୍ତ୍ତି ମହାମାରୀର ଉତ୍ସ। ଦ୍ରୁତ ଗତିରେ ବରଫଖଣ୍ଡ ତରଳିବା ଯୋଗୁ ଇବୋଲା, ଇନଫ୍ଲୁଏଞ୍ଜା ଓ ସାର୍ସ କୋଭ-୨ ଭୂତାଣୁର ଆଶଙ୍କା ଅଧିକ ରହିଛି। ଏକ ବୈଜ୍ଞାନିକ ଗବେଷଣାରୁ ଏଭଳି ଡରାଇଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ଆଖାପାଖରେ ଥିବା ଭୂତାଣୁକୁ ଚିହ୍ନଟ କରିବା ନେଇ ଗବେଷକମାନେ ସ୍ୱଚ୍ଛ ଜଳର ହ୍ରଦ 'ଲେକ ହାଜନ'ର ପଙ୍କ ନେଇ ଟେଷ୍ଟ କରିଥିଲେ। ଏହି



ହ୍ରଦଟି କାନାଡ଼ା(ଅର୍କଟିକ୍ ସାରକଲର ଉତ୍ତରପଟକୁ) ଏଲେସ୍ମେର୍ ଦୀପରେ ରହିଛି। ହ୍ରଦର ପଙ୍କ ପରୀକ୍ଷଣ କରିବା ପରେ ଏହାର ଡିଏନ୍‌ଏ ଓ ଆର୍ଏନ୍ଏ କ୍ରମନାନ୍ୱୟରେ ରଖାଯାଇଥିଲା। ବର୍ତ୍ତମାନ ସମୟରେ ଭାଇରସଗୁଡ଼ିକ କିପରି ପଶୁ,ଉଦ୍ଭିଦ ଓ କବକ ଜନିତ ସାମଗ୍ରୀ ସହିତ ଲିଙ୍କ ରହିଛି ତାହା ଜାଣିବା ପାଇଁ କମ୍ପ୍ୟୁଟର ଆଲଗୋରିଦମର ବ୍ୟବହାର କରାଯାଇଥିଲା। ଏହି ପରୀକ୍ଷଣ ପରେ ଭାଇରସଗୁଡ଼ିକ କିପରି ବ୍ୟାପିବାର ଭୟ ରହିଛି ତାହା ଜଣାପଡ଼ିଥିଲା। ଭାଇରସ ଗବେଷଣା ସମ୍ପର୍କିତ ରିପୋର୍ଟ "ପ୍ରୋସିଡିଂ ଅଫ୍ ଦି ରୟାଲ ସୋସାଇଟି ବି: ବାୟୋଲୋଜିକାଲ ସାଇନ୍ସ"ରେ ପ୍ରକାଶ ପାଇଛି। ଏଥିରେ ଗବେଷକମାନେ ଲେଖିଛନ୍ତି " ପାଣିପାଗ ପରିବର୍ତ୍ତନ ଯୋଗୁ ଗ୍ଲେସିୟର ତରଳିବା କାରଣରୁ ଏହାର ସଂକ୍ରମଣ ଭୟ ରହିଛି। ଜଳବାୟୁର ପରିବର୍ତ୍ତନ ଏହି ଜଳଜାତ ଭାଇରସ ଓ ଏହାର ପ୍ରଜାତିକୁ ଉତ୍ତରଆଡ଼କୁ ନେଇଯିବା ଉଚିତ୍। ଏପରି ସ୍ଥିତିରେ ବହୁଳମାତ୍ରାରେ ଗ୍ଲେସିୟର ଥିବା ଆର୍କଟିକ୍ ମହାମାରୀ ଜନ୍ମସ୍ଥଳ ହୋଇପାରେ।" ବରଫଜାତ ଭୂତାଣୁ ଅଧିକ ସଂକ୍ରାମକ ଓ ଏହା ସହଜରେ ଲୋକଙ୍କୁ ସଂକ୍ରମିତ କରିପାରେ ବୋଲି ଗବେଷଣାରେ ଜଣାପଡ଼ିଛି।

# ଅବଢ଼ା ଦର ଆକାଶଛୁଆଁ



**ପୁରୀ :** ଶ୍ରୀମନ୍ଦିରରେ ଅବଢ଼ା ଦର ଆକାଶଛୁଆଁ। ଗତମାସରେ ଯେଉଁ ଅବଢ଼ା ଦର ୧୦୦ ଟଙ୍କା ଥିଲା, ଏବେ ତାହା ୨୦୦ ଟଙ୍କା। ଫଳରେ ଧର୍ମମାସ କାର୍ତ୍ତିକରେ ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ଜଗା ଦର୍ଶନ ପରେ ନା ପେଟପୂରା ଅବଢ଼ା ଖାଇ ପାରୁଛନ୍ତି, ନା ଦାନଧର୍ମ କରି ପାରୁଛନ୍ତି। ଅବଢ଼ା ରେଟ୍ ଶୁଣି ହବିଷ୍ୟାଳି ହୁଅନ୍ତୁ କି ମଧ୍ୟବିତ୍ତ ଭକ୍ତ, ସମସ୍ତଙ୍କୁ ଖୁବ୍ ବାଧୁଛି। ଦୈନିକ ପ୍ରାୟ ୨୦ ହଜାର ଲୋକଙ୍କ ପାଇଁ ଆନନ୍ଦ ବଜାରରେ ଅବଢ଼ା ବିକ୍ରି ହେଉଛି। କିନ୍ତୁ ୪ବର୍ଷ ତଳୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆଜି ଯାଏଁ ପ୍ରଶାସନ ପକ୍ଷରୁ ସୁଲଭ ଦରରେ ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ ଯୋଗାଇ ଦେବା ନିମନ୍ତେ ଲାଗି ପାରିଲାନି ରେଟ୍ ଚାଟ୍। ଯାହାକୁ ନେଇ ବଢୁଛି ଭକ୍ତଙ୍କ ଅସନ୍ତୋଷ। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପରେ ସାଧାରଣ ଶ୍ରଦ୍ଧାଳୁଟିଏ ଅବଢ଼ା ଖାଇଥାଏ, ଏଥିସହ ଘରକୁ ଫେରିବା ପୂର୍ବରୁ ପରିବାର ନିମନ୍ତେ ଅବଢ଼ା କିଣି ନେଇଥାଏ। ହେଲେ ଅନେକ ଶ୍ରଦ୍ଧାଳୁ ନା ପେଟପୂରା ଖାଇ ପାରୁଛନ୍ତି, ନା ପରିବାର ପାଇଁ ପେଟ ପୂରିବା ଭଳି ମହାପ୍ରସାଦ ନେଇ ଯାଇପାରୁଛନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ, ମହାପ୍ରସାଦ ପେଟେ ଖାଇ ନୁହେଁ, ବରଂ ଟିକିଏ ତୁଣ୍ଡରେ ମାରି କାମ ସାରିବାକୁ ବାଧ ହେଉଛନ୍ତି ଅନେକ ଶ୍ରଦ୍ଧାଳୁ। କାରଣ ଧର୍ମମାସ କାର୍ତ୍ତିକରେ ଅବଢ଼ା ରେଟ୍ ହୋଇଛି ଆକାଶଛୁଆଁ। ଦର ଶୁଣି ଭକ୍ତଙ୍କ ମୁଣ୍ଡକାନ ଝାଇଁ ମାରି ଯାଉଛି। ୧୫୦ରୁ ୧୭୦ ଟଙ୍କାରେ ମିଳୁଥିବା ଅନ୍ନ, ଡାଲି ଓ ତରକାରୀରେ ପେଟ ପୁରୁନି। ବଡ଼ବଡ଼ିଆଙ୍କ କଥା ଅଲଗା, ସାଧାରଣ ପରିବାରରୁ ୮ରୁ ୧୦ ସଦସ୍ୟ ଯଦି ଅବଢ଼ା ଖାଇବାକୁ ଇଚ୍ଛା କରନ୍ତି, ଏଥିପାଇଁ ପ୍ରାୟ ଦେଢ଼ ହଜାର ଟଙ୍କା ପଡ଼ିଯାଉଛି। ସୂଚନା ଅନୁସାରେ, ଯେଉଁ ଜିରା ରାଇସ୍ ବାଇହାଣ୍ଡି ପୂର୍ବରୁ ୫ରୁ ୬ଶହ ଟଙ୍କାରେ ବିକ୍ରି ହେଉଥିଲା ଏବେ ତା' ଦର ୮ ଶହ ପାଖାପାଖି। ସେମିତି ଶହେ ଟଙ୍କିଆ ଡାଲି କୁଡୁଆଟେ ଦେଢ଼ ଶହ ନହେଲେ ୨୦୦ ଟଙ୍କା ପଡୁଛି। ତରକାରୀ, ବେସର, ମହୁର, ଶାଗ ସବୁ ସାଧାରଣ କୁଡୁଆ ପିଛା ଦର ୪୦ରୁ ୫୦ ଟଙ୍କା ଉଚ୍ଚା। ସହଜେ ଏବେ କାର୍ତ୍ତିକ ମାସ, ତେଣୁ ଉଭୟ ହବିଷ୍ୟାଳି ଓ ସାଧାରଣ ଭକ୍ତଙ୍କ ମନ୍ଦିରରେ ପ୍ରବଳ ଗହଳି। ହେଲେ ସମସ୍ତେ କହୁଛନ୍ତି ଅସମ୍ଭବ ଭିଡ଼ରେ ଜଗା ଦର୍ଶନ ଯେକିଟି କଷ୍ଟ ଲାଗୁନି, ତାଠୁ ବେଶି ବାଧୁଛି ଅବଢ଼ାର ମହଙ୍ଗା ମାଡ଼। ବର୍ତ୍ତମାନ ସମୟରେ ଶ୍ରୀମନ୍ଦିରରେ ଦୈନିକ ୨୦ରୁ ୩୦ ହଜାର ଲୋକଙ୍କ ପାଇଁ ବରାଦି ଅବଢ଼ା ରନ୍ଧା ହେଉଛି। ଅର୍ଥାତ୍ ନିଇତି ପ୍ରାୟ ୫୦ ହଜାର ଲୋକଙ୍କ ପାଇଁ ରୋଷ ଘରେ ଅବଢ଼ା ପ୍ରସ୍ତୁତ ହେଉଛି। ତେବେ ମହାପ୍ରସାଦର କୌଣସି ନିର୍ଦ୍ଦିଷ୍ଟ ଦର ଆଜି ଯାଏଁ ସ୍ଥିର ହୋଇପାରି ନାହିଁ। ଯିଏ ଯାହା ରେଟ୍ କହିଲା, ତାକୁ ଦେଇ କିଣିବାକୁ ବାଧ ହେଉଛନ୍ତି ଭକ୍ତ। ୨୦୧୮ ମସିହାରେ ମାନ୍ୟବର ସୁପ୍ରିମକୋର୍ଟ, ଶ୍ରୀମନ୍ଦିର ସଂସ୍କାର ସମ୍ପର୍କରେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟରେ ଆନନ୍ଦ ବଜାର ଶୃଙ୍ଖଳା ବି ପ୍ରମୁଖ ପ୍ରସଙ୍ଗ ଥିଲା। ଯେଉଁଥିରେ ମହାପ୍ରସାଦର ଦର ନିର୍ଦ୍ଧାରଣ ସହ ଆନନ୍ଦବଜାର ଓ ଅନ୍ୟ ସ୍ଥାନରେ ଅବଢ଼ା ଦର ତାଲିକା ଲଗାଇବାକୁ ସ୍ଥିର ହୋଇଥିଲା। ହେଲେ ଇତିମଧ୍ୟରେ ୪ବର୍ଷ ବିତିବାକୁ ବସିଥିବାବେଳେ ସେ ନେଇ ଜିଲ୍ଲା ପ୍ରଶାସନ କି ଶ୍ରୀମନ୍ଦିର ପ୍ରଶାସନ କାହାରି କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିନି। ଏମିତିକି ପରିଚାଳନା କମିଟିରେ ବି ପଦୁଟିଏ ଏ ନେଇ ଆଲୋଚନା ହେଉନି। ଯାହା ପରିଚାଳନା କମିଟି ଓ କମିଟି ସଦସ୍ୟଙ୍କ ନିଷ୍କ୍ରିୟତାକୁ ସୂଚାଉଛି।

### ପ୍ରଶାସନଠୁ ଜବାବ ମାଗିଲେ ହାଇକୋର୍ଟ

## ଶ୍ରୀମନ୍ଦିର ରତ୍ନ ଭଣ୍ଡାର କାହିଁକି ଖୋଲିନ



**କଟକ :** ଶ୍ରୀମନ୍ଦିର ରତ୍ନ ଭଣ୍ଡାର ପ୍ରସଙ୍ଗରେ ଜବାବ ଲୋଡିଲେ ହାଇକୋର୍ଟ। ରତ୍ନ ଭଣ୍ଡାର କେବେଠାରୁ ଖୋଲା ଯାଇନି ଏବଂ କାହିଁକି ଖୋଲା ଯାଇନି, ସେନେଇ ଶ୍ରୀମନ୍ଦିର ପ୍ରଶାସନ ଠାରୁ ଜବାବ ଲୋଡିଛନ୍ତି ହାଇକୋର୍ଟ। ତେବେ ରତ୍ନଭଣ୍ଡାର ଚାବି ହଜିବା ଏବଂ ଏହାର ସିବିଆଇ ତଦନ୍ତ ଦାବି ସମ୍ପର୍କିତ ଅନ୍ୟ ୩ଟି ପ୍ରସଙ୍ଗକୁ କୋର୍ଟ ଖାରଜ କରିଛନ୍ତି। ଆଜି ଶ୍ରୀମନ୍ଦିର ସମ୍ପର୍କିତ ମାମଲାରେ କୋର୍ଟ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଚାବି ହଜିବା ପ୍ରସଙ୍ଗରେ ତଦନ୍ତ ପାଇଁ ଗଠିତ ଜଷ୍ଟିସ ରଘୁବୀର ଦାସ କମିଶନ ନିଜ ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରିଛନ୍ତି ଏବଂ ଏସବୁ ପ୍ରସଙ୍ଗ ତାଙ୍କ ତଦନ୍ତ ପରିସର ଭୁକ୍ତ ଥିଲା ବୋଲି ସରକାରୀ ଓକିଲ କୋର୍ଟରେ ଦର୍ଶାଇଥିଲେ। ଏହା ଶୁଣିବା ପରେ ଖଣ୍ଡପୀଠ ରତ୍ନଭଣ୍ଡାରର ସ୍ଥିତି ବ୍ୟତୀତ ଅନ୍ୟ ସମସ୍ତ ପ୍ରସଙ୍ଗକୁ ଖାରଜ କରିଛନ୍ତି। ସେପଟେ, ମାମଲା ସହ ଜଡିତ ଶ୍ରୀମନ୍ଦିର ଜଗମୋହନ ଏବଂ ନାଟମଣ୍ଡପର ମରାମତି ସମ୍ପର୍କିତ ମାମଲା ରେ ଆମୀକଶକ୍ୟୁରୀ ଏନକେ ମହାନ୍ତି କୋର୍ଟରେ ଏକ ରିପୋର୍ଟ ଦାଖଲ କରିଛନ୍ତି। ଏଥିରେ ଦର୍ଶାଯାଇଛି, ନାଟମଣ୍ଡପ ଏବଂ ଜଗମୋହନର ମରାମତି କାମ ଶେଷ ହୋଇନାହିଁ। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ମରାମତି କାମ ଶେଷ ହେବା ନେଇ ଏଏସଆଇ କର୍ତ୍ତୃପକ୍ଷ ତାଙ୍କୁ କହିଛନ୍ତି ବୋଲି ସେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିପରି କୋଣାର୍କ ସୂର୍ଯ୍ୟମନ୍ଦିର ସୁରକ୍ଷା ନେଇ ରିପୋର୍ଟ ଦିଆଯାଇଛି ଯେ, ମନ୍ଦିର ଭିତରୁ ବାଲି ବାହାର କରାଯାଉଛି। ସମ୍ପୂର୍ଣ୍ଣ ବାଲି କଢ଼ା ଗଲାପରେ ଏହାର ସ୍ଥିତି ଯାଞ୍ଚ କରାଯାଇପାରିବ। ଆସନ୍ତା ଜାନୁଆରୀ ୫ ତାରିଖରେ ମାମଲାର ପରବର୍ତ୍ତି ଶୁଣାଣି ହେବ।

# ରାଜ୍ୟର ଶହେ ହାଇସ୍କୁଲରେ ଖୋଲିବ +୨

## ବିଦ୍ୟାଳୟରେ ଦ୍ୱାଦଶ ଯାଏ ପଢ଼ିବେ ଛାତ୍ରଛାତ୍ରୀ

**ଭୁବନେଶ୍ୱର :** ରାଜ୍ୟର ୩୦ ଜିଲ୍ଲାରେ ଶହେଟି ହାଇସ୍କୁଲରେ ଖୋଲିବ ଯୁକ୍ତ ୨। ଆସନ୍ତାବର୍ଷରୁ ପାଠପଢ଼ା ଆରମ୍ଭ ହେବ। ୨୮ ଶହରୁ ଅଧିକ ସିଟରେ ନାମଲେଖା ହେବ। ଗଞ୍ଜାମ ଜିଲ୍ଲାର ସର୍ବାଧିକ ୮ଟି ସ୍କୁଲ ଉନ୍ନୀତ ହେବ। ଏଥିପାଇଁ ଶିକ୍ଷକ ନିଯୁକ୍ତି ଓ ଭିତ୍ତିଭୂମି ବିକାଶକୁ ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ଶିକ୍ଷାବର୍ଷରୁ ରାଜ୍ୟର ୧୦୦ଟି ଉଚ୍ଚ ବିଦ୍ୟାଳୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହେବ। ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀ ଦ୍ୱାଦଶ ଯାଏ ପଢ଼ିବେ। ପ୍ରାଥମିକ ପର୍ଯ୍ୟାୟରେ କେବଳ କଳା ବିଭାଗ ଖୋଲିବାକୁ ଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଖୋଲିବ। ପ୍ରାଥମିକ ପର୍ଯ୍ୟାୟରେ ୧୨୮ଟି ଲେଖାଏଁ ସିଟ୍ ରହିବ। ଅର୍ଥାତ୍ ଆସନ୍ତା ଶିକ୍ଷାବର୍ଷରୁ ରାଜ୍ୟରେ ୧୨ ହଜାର ୮୦୦ଟି ଅଧିକ ଯୁକ୍ତ ୨ କଳା ସିଟ୍ ଉପଲବ୍ଧ ହେବ। ଏଥିପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରାଳୟ ନିକଟରେ ଆବେଦନ କରାଯାଇଥିଲା, ଏବଂ ଅନୁମତି ମିଳି ସାରିଛି। ଶହେଟି ସ୍କୁଲ ଚିହ୍ନଟ କରି ପ୍ରକ୍ରିୟା ଆରମ୍ଭ କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ। ପ୍ରଥମେ ୪୩ ପରେ ୫୭ଟି ହାଇସ୍କୁଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହେବ। ଅନୁମୋଦନ ଅନୁସାରେ ବଲାଙ୍ଗୀରର ୬ଟି, ଦେବଗଡ଼ର ୪ଟି, ଗଞ୍ଜାମର ୮ଟି, କଳାହାଣ୍ଡିର ୭ଟି, କେନ୍ଦୁଝରର ୩ଟି, ମାଲକାନଗିରି ଓ ନବରଙ୍ଗପୁରର ୫ଟି ଲେଖାଏଁ ଅନୁଗୁଳ, ବରଗଡ଼, କଟକ, ଗଜପତି ଓ ବୌଦ୍ଧର ୨ଟି ଲେଖାଏଁ ହାଇସ୍କୁଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହେବ।

# ସମ୍ପ୍ରସାରଣ ହେବ 'ମୁମ୍ବାଇ ଓଡ଼ିଶା ଭବନ'



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ମୁମ୍ବାଇସ୍ଥିତ ଓଡିଶା ଭବନର ସଂପ୍ରସାରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ବିଭିନ୍ନ କାର୍ଯ୍ୟରେ ମୁମ୍ବାଇ ଆସୁଥିବା ସରକାରୀ ଅଧିକାରୀ ଓ ଜନସାଧାରଣଙ୍କୁ ମୁମ୍ବାଇ ଭଳି ମେଟ୍ରୋ ସହରରେ ସୁଲଭ ମୂଲ୍ୟରେ ରହଣି ଯୋଗାଇଦେବା ଉଦ୍ଦେଶ୍ୟରେ ଓଡିଶା ଭବନ, ମୁମ୍ବାଇ କାର୍ଯ୍ୟକରୁଅଛି। ଏହି ଭବନରେ ୨୮ ଗୋଟି ଏସି ରୁମ ଓ ୪ ଟି ଏସି ଡର୍ମିଟୋରୀ ରହିଛି। ଏହି ସବୁ ରୁମ ମଧ୍ୟରୁ ୧୬ ଗୋଟି ୨ ଶଯ୍ୟା ବିଶିଷ୍ଟ ଏସି ରୁମ ଓ ୨ ଟି ଏସି ଡର୍ମିଟୋରୀ ମୁମ୍ବାଇରେ କ୍ୟାନ୍ସର ଭଳି ଦୂରାରୋଗ୍ୟ ବ୍ୟାଧିର ଚିକିତ୍ସା ନିମନ୍ତେ ଆସୁଥିବା ଓଡିଆ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ସରକାରଙ୍କ ତରଫରୁ ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଥିବା ଏହି ରହଣି ସୁବିଧା ଦ୍ୱାରା ଓଡିଶାର ଆର୍ଥିକ ଦୁର୍ବଳ ଶ୍ରେଣୀର ରୋଗୀମାନେ ବିଶେଷଭାବେ ଉପକୃତ ହୋଇ ଆସୁଛନ୍ତି। ତେବେ ମୁମ୍ବାଇ ଓଡିଶା ଭବନରେ ରୋଗୀମାନଙ୍କ ପାଇଁ ଅଧିକ ରୁମର ବ୍ୟବସ୍ଥା କରିବାକୁ ଓଡିଶାର ଜନସାଧାରଣ ତଥା ମୁମ୍ବାଇସ୍ଥିତ ବିଭିନ୍ନ ଓଡିଆ ସଂଗଠନ ତରଫରୁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିଲା। ସେମାନଙ୍କର ଦାବୀକୁ ସମ୍ମାନ ଜଣାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଆଜି ଏହି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭିକେ ପାଣ୍ଡିଆନ, ନିର୍ମାଣ ବିଭାଗ ଓ ଇଡକ୍ସ୍କୋର ଅଧିକାରୀ ବୃନ୍ଦ ତଥା ମୁମ୍ବାଇସ୍ଥିତ ବିଭିନ୍ନ ଓଡିଆ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଓଡିଶା ଭବନ, ମୁମ୍ବାଇର ଏହି ସଂପ୍ରସାରଣ ପୂର୍ଣ୍ଣ ହେଲେ ମୁମ୍ବାଇ ଭଳି ବ୍ୟୟବହୁଳ ସହରରେ ଅଧିକ କ୍ୟାନ୍ସର ପୀଡିତଙ୍କୁ ସ୍ୱଳ୍ପ ମୂଲ୍ୟରେ ରହଣି ଯୋଗାଇଦିଆଯାଇ ପାରିବ। ଏଥି ନିମନ୍ତେ ଓଡିଶାର ଜନସାଧାରଣ ତଥା ମୁମ୍ବାଇସ୍ଥିତ ବିଭିନ୍ନ ଓଡିଆ ସଂଗଠନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

### ଓଟିଏମ ପୁନରୁଦ୍ଧାର ମାମଲା

# ସରକାର ଦେଲେ ୧୧୫ କୋଟି



**କଟକ :** ଓଡିଶା ଟେକ୍ସଟାଇଲ ମିଲ୍ସ ବା ଓଟିଏମ ପାଇଁ ସରକାର ଦେବାକୁ ଥିବା ୧୧୫ କୋଟି ଟଙ୍କା ଦେଇଛନ୍ତି ବୋଲି ଆଜି ଅଫିସିଆଲ ଲିକ୍ୟୁଡେଟର ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ସେହି ଟଙ୍କାକୁ ସେ ଏକ ଫିକ୍ସ ଡିପୋଜିଟ ଆକାଉଣ୍ଟରେ ଜମା କରାଯାଇଛି ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ଓଟିଏମର ପୁନଃରୁଦ୍ଧାର ସମ୍ପର୍କିତ ଏକାଧିକ ମାମଲାର ଶୁଣାଣିରେ ଅଫିସିଆଲ ଲିକ୍ୟୁଡେଟର ଏହି ସତ୍ୟପାଠ ଦାଖଲ କରିଛନ୍ତି। ସୂଚନା ଥାଇକି, ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଓଟିଏମକୁ ଦେୟମୁକ୍ତ କରିବାକୁ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟ ସମସ୍ତ ନେଣଦେଣର ହିସାବ କରି ଗତ ଅଗଷ୍ଟ ୨୬ ତାରିଖରେ ହାଇକୋର୍ଟରେ ରିପୋର୍ଟ ଦାଖଲ କରିଥିଲେ। ମହାଜନଙ୍କ ପାଉଣା ଏବଂ କର୍ମଚାରୀଙ୍କ ବକେୟା ବାବଦରେ ସମୁଦାୟ ୧୧୫ କୋଟି ଟଙ୍କା ଦିଆଗଲେ ଓଟିଏମ ସମ୍ପୂର୍ଣ୍ଣ ଦେୟମୁକ୍ତ ହେବ ବୋଲି ସେ ରିପୋର୍ଟରେ ଦର୍ଶାଇଥିଲେ। ସେହି ରିପୋର୍ଟ ଆଧାରରେ ଅଫିସିଆଲ ଲିକ୍ୟୁଡେଟରଙ୍କ ନିକଟରେ ୧୧୫ କୋଟି ଟଙ୍କା ଜମା କରିବାକୁ ଗତ ମାସ ୧୫ ତାରିଖରେ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ଅଣଦେଖା ହେବେନି କର୍କଟ ରୋଗୀ

## କ୍ୟାନ୍ସରକୁ ରିପୋର୍ଟେବୁଲ ଡିଜିଜ୍ ଘୋଷଣା କଲେ ରାଜ୍ୟ ସରକାର



**ଭୁବନେଶ୍ୱର :** ଅଣଦେଖା ହେବେ ନାହିଁ ରାଜ୍ୟରେ କୌଣସି କର୍କଟ ରୋଗୀ। ପ୍ରାଣଘାତୀ ରୋଗର ମୁକାବିଲା ପାଇଁ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। କ୍ୟାନ୍ସରକୁ ରିପୋର୍ଟେବୁଲ ଡିଜିଜ୍ ଭାବେ ଘୋଷଣା କରାଯାଇଛି। ଏଣିକି ରୋଗୀଙ୍କ ସମସ୍ତ ତଥ୍ୟ ରାଜ୍ୟ ସରକାରଙ୍କ ନିକଟରେ ରହିବ। ଏନେଇ ସମସ୍ତ ତଥ୍ୟ ଦେବେ ହସ୍ପିଟାଲ କର୍ତ୍ତୃପକ୍ଷ। ନୂଆ କ୍ୟାନ୍ସର ରୋଗୀ ହସ୍ପିଟାଲରେ ଆଡମିଟ୍ ହେଲେ କିମ୍ବା କ୍ୟାନ୍ସର ରୋଗୀ ଚିହ୍ନଟ ହେଲେ ରାଜ୍ୟ ସରକାରଙ୍କୁ ଜଣାଇବା ବାଧ୍ୟତାମୂଳକ କରାଯାଇଛି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ହୋଇଛି ନୋଟିସ୍। ଏହାଦ୍ୱାରା କେଉଁ କ୍ୟାନ୍ସର ରୋଗ ଅଧିକ ଦେଖାଦେଉଛି ତାହା ଜାଣିହେବ। ଏହାସହ କେଉଁ ଅଞ୍ଚଳରେ କର୍କଟ ରୋଗ ଅଧିକ ହେଉଛି ତାହାର ତଥ୍ୟ ମଧ୍ୟ ସରକାର ପାଇପାରିବେ। ଫଳରେ ଏହି ରୋଗର ମୁକାବିଲା ସହଜ ହେବ ବୋଲି କୁହାଯାଇଛି। ତେଣୁ ମେଡିକାଲକୁ ଆସୁଥିବା ରୋଗୀଙ୍କ ଶରୀରରେ କର୍କଟ ରୋଗ ଚିହ୍ନଟ ହେଲେ ତୁରନ୍ତ ରାଜ୍ୟ ସରକାରଙ୍କୁ ଅବଗତ କରାଇବାକୁ କୁହାଯାଇଛି।

## ଦିଲ୍ଲୀର ୱାଲଡ଼ ଚ୍ୟାରିଟି ୱେଲଫେୟାର ପକ୍ଷରୁ ପୁରସ୍କାର ବିତରଣୀ ଉତ୍ସବ




**ଭୁବନେଶ୍ୱର:** ଜୟଦେବ ଭବନ ଠାରେ ଦିଲ୍ଲୀର ୱାଲଡ଼ ଚାରିଟି ୱେଲଫ୍ୟାର ତରଫରୁ ଶ୍ରେଷ୍ଠ ପ୍ରତିଭା ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହାର ମୁଖ୍ୟ ଉଦେଶ୍ୟ ସମଗ୍ର ଭାରତ ବର୍ଷରେ ଲୁଚି ରହିଥିବା ପ୍ରତିଭା ମାନଙ୍କୁ ଖୋଜି ସେମାନଙ୍କୁ ଆଗକୁ ବଢିବାକୁ ପ୍ରେରଣା ଦେବା। ଏହି କାର୍ଯ୍ୟକ୍ରମରେ ମଧ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଅତିଥି ଭାବରେ ନିମନ୍ତ୍ରଣ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ଓଡ଼ିଆ ସିନେମା ଜଗତର ନାମୀଦାମୀ ଅଭିନେତ୍ରୀ ଗୁନଗୁନ ମୁଖ୍ୟଅତିଥି ଭାବରେ ମଞ୍ଚାସିନ ହୋଇଥିଲେ ଏବଂ ଅର୍ଜୁନ ଶେଖଇ (ଅନିଶା ୱେବର ନିର୍ଦ୍ଦେଶକ), ଅମର କୁମାର ବାଗ (ଓଡିଶା ନ୍ୟୁଜର ନିର୍ଦ୍ଦେଶକ), ଏ ଦୁର୍ଗା ପ୍ରସାଦ, ରାଜୀବ ଲୋଚନ ପଣ୍ଡା, ନିରୁପମା ସ୍ୱାଇ (ଆଷ୍ଟି କୋରାପସନ ଜଗତସିଂହପୁର, ସମାଜସେବୀ), ମୋନାଜା ମଞ୍ଜୟ ରୟ, ଲକ୍ଷ୍ମୀକାନ୍ତ, ଡ଼ ଜଳପତି ଅଥି ମୂଳରାନ, ଡ଼ ରୁମା ବିଶ୍ୱାସ (ଯୋଗ ପ୍ରଶିକ୍ଷକ), ଶରତ ଚନ୍ଦ୍ର ପରିଡା ମଞ୍ଚାସିନ ହୋଇ ଆଗକୁ ବଢ଼ିବାକୁ ଦିଗଦର୍ଶନ ଦେବା ସହ କୃତି ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। ବିଭିନ୍ନ ବିଭାଗକୁ ନେଇ ସେଥିରୁ ଶ୍ରେଷ୍ଠ ୧୦୦ ଜଣଙ୍କୁ ଚୟନ କରି କପ୍ ଓ ମାନପତ୍ର ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ।

# ପିଏମଏୱାଇ ଅର୍ବାନ ପୁରସ୍କାରରେ ସମ୍ମାନିତ ହେଲା ଓଡ଼ିଶା

**ଭୁବନେଶ୍ୱର :** ପୁଣି ଓଡ଼ିଶାକୁ ସମ୍ମାନ। ପିଏମଏୱାଇ ଅର୍ବାନ ପୁରସ୍କାରରେ ସମ୍ମାନିତ ହୋଇଛି ରାଜ୍ୟ। ଗୁଜୁରାଟ ରାଜକୋଟଠାରେ ଆୟୋଜିତ ତିନି ଦିନିଆ ଇଣ୍ଡିଆନ୍ ଅର୍ବାନ ହାଉସିଙ୍ଗ କନକ୍ଲେଭରେ ପୁରସ୍କୃତ ହୋଇଛି ଓଡ଼ିଶା। ଓଡ଼ିଶା ଶ୍ରେଷ୍ଠ ନୀତିଗତ ପଦକ୍ଷେପ ନେଇଥିବା ରାଜ୍ୟ ଭାବେ ପୁରସ୍କୃତ ହୋଇଛି। କେନ୍ଦ୍ର ଆବାସ ଓ ସହରୀ ବିକାଶ ମନ୍ତ୍ରୀ ହରଦୀପ୍ ସିଂ ପୁରୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ 'ଜାଗା ମିଶନ୍' ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ଏବଂ ସହରାଞ୍ଚଳ ଗୃହ ନିର୍ମାଣ ମିଶନର ନିର୍ଦ୍ଦେଶକ ଦେବାଶିଷ ସିଂହ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ସହରାଞ୍ଚଳର ଭୂମିହୀନ ଗରିବଙ୍କୁ ଜାଗା ମିଶନରେ ଭୂମିସତ୍ୱ ଅବଧିର ଅଧିକାର ଯୋଗଇଦେବା ପାଇଁ ତଥା ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅର୍ବାନ ଅନ୍ତର୍ଗତ ସହାୟତା ପାଇଁ ନେଇଥିବା ଉଲ୍ଲେଖ ଯୋଗ୍ୟ ପଦକ୍ଷେପ ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଏଭଳି ଅଭିନବ ପଦକ୍ଷେପ ଜାତୀୟ ସ୍ତରରେ ପ୍ରଥମ। ବିଭିନ୍ନ କଲ୍ୟାଣକାରୀ ଯୋଜନାର ସମନ୍ୱୟ ତଥା ଏକାଭିମୁଖୀକରଣ ଦିଗରେ ଓଡ଼ିଶାର ଅଭିନବ ପଦକ୍ଷେପ ସମ୍ମୁହକୁ ଏହି କନକ୍ଲେଭରେ ଭୂୟସୀ ପ୍ରଶଂସା କରାଯାଇଥିଲା।

# ବ୍ୟବସାୟୀକ ଶିଖର ସମ୍ମିଳନୀରେ ଓଡ଼ିଶାର ଅଭିବୃଦ୍ଧିକୁ ପ୍ରଶଂସା




**ଭୁବନେଶ୍ୱର :** ମଙ୍ଗଳବାର ବିଭିନ୍ନ ଦେଶର ହେଡ୍ ଅଫ୍ ଇଣ୍ଡିଆନ୍ ମିଶନ୍ ସହିତ ଓଡିଶାର ବ୍ୟବସାୟିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଶାସନ ସଚିବ ଶିଳ୍ପ ହେମନ୍ତ କୁମାର ଶର୍ମା, ସ୍ପେନରେ ଭାରତୀୟ ମିଶନର ରାଷ୍ଟ୍ରଦୂତ ଦୀନେଶ କେ ପଟ୍ଟନାୟକ ଏବଂ ଗୁଆଟେମାଲାରେ ଭାରତୀୟ ମିଶନର ରାଷ୍ଟ୍ରଦୂତ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମିଳନୀର ଅଧ୍ୟକ୍ଷତା କରିଥିଲେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ଶର୍ମା ସେମାନଙ୍କ ଗସ୍ତର ଉଦ୍ଦେଶ୍ୟ ଏବଂ ସେମାନଙ୍କ ସହିତ ଓଡିଶାର ବ୍ୟବସାୟ ସମ୍ମିଳନୀ ବିଷୟରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, 'ଭାରତୀୟ ମିଶନ ଦଳ ଅନ୍ତର୍ଜାତୀୟ ବ୍ୟବସାୟ ଫୋରମରେ ଓଡିଶାକୁ ପର୍ଯ୍ୟାପ୍ତ ପରିମାଣରେ ଉପସ୍ଥାପନ କରିବେ।' ମୁଖ୍ୟ ଶାସନ ସଚିବ କହିଛନ୍ତି, 'ଓଡ଼ିଶା ପୂର୍ବ ଭାରତର ଶିଳ୍ପ ହବ ଭାବେ ଉଭା ହୋଇଛି। ଆମେ ଶିଳ୍ପ ସଂସ୍ଥାମାନଙ୍କୁ ଓଡ଼ିଶାରେ ଖଣିଜ, ଧାତୁ, ରାସାୟନିକ ପଦାର୍ଥ, ପେଟ୍ରୋକେମିକାଲ୍ସ, ବୟନ ଶିଳ୍ପ, ପୋଷାକ, ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି ଓ ଆଇଟିଏସ୍ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବାକୁ ଉଦ୍ୟୋଗପତିମାନଙ୍କୁ ନିମନ୍ତ୍ରଣ କରୁଛୁ। ଗତ କିଛିମାସ ମଧ୍ୟରେ ମୁଖ୍ୟମନ୍ତ୍ରୀ ଦୁବାଇ, ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ରୋଡ୍ ଶୋ' ଏବଂ ଇନଭେଷ୍ଟର ମିଟ୍ କରିବାକୁ ପ୍ରତିନିଧି ମଣ୍ଡଳୀଙ୍କୁ ପଠାଇଛନ୍ତି। ଯାହା ମେକ୍ ଇନ୍ ଓଡିଶା କନକ୍ଲେଭ-୨୦୨୨ର ଏକ ଅଂଶ। ଏସବୁ ଇନଭେଷ୍ଟର ମିଟରେ ଓଡ଼ିଶା ପ୍ରତି ଉଦ୍ୟୋଗପତିମାନଙ୍କ ଅଭୁତପୂର୍ବ ଆଗ୍ରହ ଦେଖିବାକୁ ମିଳିଛି। ଏବେ ବିଭିନ୍ନ ଦେଶର ଭାରତୀୟ ମିଶନ ମୁଖ୍ୟ ଏଥିରେ ସାମିଲ ହେବା ପରେ ଆମେ ବିଶ୍ୱ ବଜାରରେ ଉପସ୍ଥିତି ଜାହିର କରିପାରିବୁ ବୋଲି ଆଶା କରୁଛୁ।' ଓଡ଼ିଶା ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ରଘୁ ଜୀ ଓଡ଼ିଶାର ଶିଳ୍ପ ଇକୋସିଷ୍ଟମ ସମ୍ପର୍କରେ ବୁଝାଇଥିଲେ। ଓଡ଼ିଶା ବ୍ୟବସାୟ ପାଇଁ କାହିଁକି ଉତ୍ତମ ସେଥିପାଇଁ ସେ ୧୦ଟି କାରଣ ଉପସ୍ଥାପନ କରିଥିଲେ। ଏକ୍ସପୋର୍ଟ ଲିଙ୍କ ଓ ସୋର୍ସିଂ ଟେକ୍ନୋଲଜି ଇନପୁଟ ପାଇଁ ରାଜ୍ୟରେ ଥିବା ଶିଳ୍ପ ଭିତ୍ତିଭୂମି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଆଲୋକପାତ କରିଥିଲେ। ଟେକ୍ସଟାଇଲ୍ ଡିଜାଇନ୍, ଫାର୍ମାସ୍ୟୁଟିକାଲ୍, ପନିପରିବା, ସାମୁଦ୍ରିକ ଖାଦ୍ୟ, କାଜୁ, ଅଟୋ ଏବଂ ଇସ୍ପାତ କ୍ଷେତ୍ରରେ ଓଡ଼ିଶା ରପ୍ତାନୀ ବୃଦ୍ଧି କରିପାରିବ ବୋଲି ଆଲୋଚନାରେ ଭାବ ନେଇ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ମତ ପ୍ରକାଶ କରିଥିଲେ। ଭାରତୀୟ ମିଶନ ରାଷ୍ଟ୍ରଦୂତ ପଟ୍ଟନାୟକ କହିଥିଲେ, ଦୁଇଦିନ ମଧ୍ୟରେ ଆମେ ବିଭିନ୍ନ ଅଞ୍ଚଳକୁ ଯାଇ ବିକାଶମୂଳକ କ୍ଲଷ୍ଟର ଦେଖିଛୁ। ଓଡ଼ିଶା ଦ୍ରୁତ ଅବିବୃଦ୍ଧି କରୁଥିବା ଏଥିରେ ଜାଣିବାକୁ ପାଇଛୁ। ଓଡ଼ିଶାର ସମ୍ବଲକୁ ଲୋକପ୍ରିୟ କରିବା ସହ ବିଜନେସ ଫ୍ୟାସିଲିଟି ଇକୋ ସିଷ୍ଟମକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ସୂଚନାଯୋଗ୍ୟ ରାଷ୍ଟ୍ରଦୂତମାନେ କଟକ ମଣିଆବନ୍ଧ ଟେକ୍ସଟାଇଲ କ୍ଲଷ୍ଟର ପରିଦର୍ଶନ କରିବା ସହ ବୁଣାକାରମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହାସହ ଢେଙ୍କାନାଳ ଯାଇ ଆକାଂକ୍ଷା ଜିଲ୍ଲା କାର୍ଯ୍ୟକ୍ରମରେ ହେଉଥିବା ବିଭିନ୍ନ କାମ ଦେଖିଥିଲେ। ଢେଙ୍କାନାଳର ବିବି ହାଇସ୍କୁଲ ଯାଇ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମରେ ସ୍ମାର୍ଟ କ୍ଲାସରୁମ ଓ ଇ-ଲର୍ଣ୍ଣିଂ ସୁବିଧା ବୁଲି ଦେଖିଥିଲେ। ଟିମ୍ ମହିସାପାଟର କାଜୁ କ୍ଲଷ୍ଟର ଓ ଢେଙ୍କାନାଳର ସଦେଇବାରେଣିର ଡୋକ୍ରା କାରିଗରୀ ବୁଲି ଦେଖିଥିଲେ। ଏହାସହ ଡେରାସର ସି-ଫୁଡ ପାର୍କ, ମଙ୍ଗେଶ୍ୱରର ୱାଲ୍ଡ ସ୍କିଲ୍ ସେଣ୍ଟର ଓ ପୋଖରୀପୁଟର କାଳା ଭୂମୀ ବୁଲି ଦେଖିଥିଲେ। ଓଡ଼ିଶାରେ ବିକାଶିତ କରାଯାଉଥିବା ବେଷ୍ଟ କ୍ଲାସ ଇନଫାଷ୍ଟ୍ରକଚରକୁ ପ୍ରଶଂସା କରିଥିଲେ। ସନ୍ଧ୍ୟାରେ ସେମାନେ ବ୍ୟବସାୟୀକ ଶିଖ ସମ୍ମିଳନୀରେ ଓଡ଼ିଶାର ବରିଷ୍ଠ ଅଧିାରୀ ଏବଂ ଶିଳ୍ପ ସଂଗଠନ ସହିତ ବିସ୍ତୃତ ଆଲୋଚନା କରିଥିଲେ।

## ବକ୍ରବାଣୀ



କେଡେ ପାରିବାର ନାଗୁଣୀ ଥିଲା
ଚୌଷଠୀ ଯୋଗୀଙ୍କୁ ନଚଉ ଥିଲା
ଜଗବନ୍ଧୁ ପରି ଗେରସ୍ତ କାହିଁ
କଉଁ ଗରାଖକୁ ବିରୋଧ ନାହିଁ
ଏବେ କାଳେ ମୁହଁ ଖୋଲିଦବକି
ମିଡିଆକୁ ସବୁ କହିଦବକି
ଛାତିରେ ଛନକା ପଶିଲା ବୋଲି
ଉଠେଇଲେ ତାକୁ ଦିନରେ କାଲି
ଜେଲରେ ଦିହିଁଙ୍କୁ ପାଖେ ବସେଇ
ଆଉଁଶି ଉଉଁଶି ଦେବେ ବୁଝେଇ।

—ଟୁଟୁ

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୪ - ୩୦ ଅକ୍ଟୋବର, ୨୦୨୨

# ଈଶ୍ୱରଙ୍କୁ ବିଶ୍ୱାସ ହିଁ ଶ୍ରେଷ୍ଠ ବିଶ୍ୱାସ

ଶ୍ରୀମଦଭଗବତ ଗୀତା ବା ଗୀତା ହେଉଛି କରୁକ୍ଷେତ୍ର ଯୁଦ୍ଧରେ ପ୍ରଭୁ ଶ୍ରୀକୃଷ୍ଣ-ଅର୍ଜୁନଙ୍କ ମଧ୍ୟରେ ହୋଇଥିବା କଥୋପକଥନ ବା କୃଷ୍ଣ ଅର୍ଜୁନଙ୍କୁ କହିଥିବା ସଂସାରର ସାରବାଣୀ। ଗୀତାକୁ ଶ୍ରୀକୃଷ୍ଣଙ୍କ ମୁଖନିସୃତ ବାଣୀ ବୋଲି କୁହାଯାଏ। ଏହା ମହାଭାରତର ଅଂଶ ବୋଲି ମଧ୍ୟ ଗ୍ରହଣ କରାଯାଏ। ଶ୍ରୀକୃଷ୍ଣଙ୍କ ଉପଦେଶକୁ ବ୍ୟାସଦେବ ନିର୍ଭୁଲ ଭାବେ ଶ୍ଳୋକ ଓ ଗଦ୍ୟ ଆକାରରେ ଲେଖିଯାଇଛନ୍ତି। ଶ୍ଳୋକବଦ୍ଧ ହୋଇଥିବା ଶ୍ରୀକୃଷ୍ଣଙ୍କ ବାଣୀରେ କେବଳ ଅର୍ଜୁନ ନାହାନ୍ତି, ଏଥିରେ ସଞ୍ଜୟ ଓ ଧୃତରାଷ୍ଟ୍ରଙ୍କ ବଚନକୁ ମଧ୍ୟ ଶ୍ଳୋକରେ ଲେଖିଥିଲେ ବ୍ୟାସଦେବ। ଗୀତାରେ ପ୍ରକୃତ ଶ୍ରୀକୃଷ୍ଣ କଥିତ ଶ୍ଳୋକ ସଂଖ୍ୟା ୬୨୦, ଅର୍ଜୁନ କଥିତ ଶ୍ଳୋକ ସଂଖ୍ୟା ୫୭, ସଞ୍ଜୟ କଥିତ ଶ୍ଳୋକ ସଂଖ୍ୟା ୬୭ ଏବଂ ଧୃତରାଷ୍ଟ୍ରଙ୍କ କଥିତ ଶ୍ଳୋକ ଗୋଟିଏ ବୋଲି ଲିପିବଦ୍ଧ ରହିଛି। ଏହି ୭୪୫ ଶ୍ଳୋକରେ ସମ୍ପୂର୍ଣ୍ଣ ହୋଇଥିବା ଗୀତା ଗ୍ରନ୍ଥକୁ ୧୮ ଅଧ୍ୟାୟରେ ବିଭକ୍ତ କରି ମହାଭାରତର ଅଂଶ ରୂପେ ଯୋଗ କରାଯାଇଛି। ଗୀତାରେ ମାନବ ଜୀବନର ଗୂଢ଼ ରହସ୍ୟ, ଜୀବନଚର୍ଯ୍ୟା, ସତ୍ୟ ପଥ ଓ ଅସତ୍ୟ ପଥର ସନ୍ଦେଶ ଭରିରହିଛି। ହିନ୍ଦୁ ଧର୍ମ ଅନୁସାରେ ମଣିଷ ଈଶ୍ୱରଙ୍କ ସୃଷ୍ଟି ଓ ଈଶ୍ୱରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ନିୟନ୍ତ୍ରିତ। ମଣିଷ ମନରେ ଭଗବତ ଚେତନା ଜାଗ୍ରତ ହେବାଦ୍ୱାରା ସିଏ ନିଜକୁ ଈଶ୍ୱରଙ୍କ ନିକଟରେ ସମର୍ପଣ ହୋଇଯାଆନ୍ତି। ତାଙ୍କର ପ୍ରତ୍ୟେକ କର୍ମରେ ଈଶ୍ୱରଙ୍କ ଉପଦେଶ ସଠିକ ଭାବେ କାର୍ଯ୍ୟ କରିଥାଏ। ଏଭଳି ବିଶ୍ୱାସ ଦୃଢ଼ୀଭୂତ ହେବା ଫଳରେ ମଣିଷର ସୁଖ ଓ ଦୁଃଖ ଉଭୟର ସାକ୍ଷୀ ହିଁ ଈଶ୍ୱର। କର୍ମ ଅନୁସାରେ ଫଳ ଭଳି ଆମେ ଯେତେବେଳେ ସୁକର୍ମ କରୁ ଏହାର ସୁଫଳ ନିଶ୍ଚୟ ପ୍ରାପ୍ତ ହୁଏ। ଖରାପ କର୍ମର ଫଳ ମଧ୍ୟ ଆମକୁ ହିଁ ଭୋଗ କରିବାକୁ ପଡେ। ଦୁଃଖରେ ଅଧିର ହୋଇ ଯେତେବେଳେ ଜଣେ ଆତ୍ମବିଶ୍ୱାସ ହରାଇ ବସେ ବା କିଛି ଭୁଲ ପଦକ୍ଷେପ ନିଏ, ସେତେବେଳେ ଈଶ୍ୱର ହିଁ ପୁନର୍ବାର ଚେତେଇ ଦିଅନ୍ତି। ମଣିଷ ନିଜ ସ୍ୱଭାବ ହେତୁ ଈଶ୍ୱରଙ୍କ ଉପରେ ଭରସା କରିବା କମ କରିଦେଲେ ବା ଅସୁବିଧା ସମୟରେ ଭାଙ୍ଗିପଡିଲେ ଈଶ୍ୱର କୌଣସି ନା କୌଣସି ରୂପରେ ଆବିର୍ଭାବ ହୋଇ ସହାୟତାର ହାତ ବଢାଇଥାନ୍ତି। ଏହାର କୋଟି କୋଟି ଉଦାହରଣ ଭିତରୁ ଶ୍ରୀକ୍ଷେତ୍ରର ଗୀତା ପଣ୍ଡାଙ୍କ କାହାଣୀ ଗୋଟିଏ ମାତ୍ର। ପବିତ୍ର ନୀଳାଚଳ ଧାମ ପୁରୀରେ ରହୁଥିଲେ ଜଣେ ଅତ୍ୟନ୍ତ ଗରିବ ବ୍ରାହ୍ମଣ, ଯିଏ କି ଗୀତା ପଣ୍ଡା। ତାଙ୍କ ନାମ ପଛର କାହାଣୀ ଏହିପରି - ଗୀତା ପଣ୍ଡା ପ୍ରତ୍ୟେକ ଦିନ ଶ୍ରୀମଦ ଭଗବତ ଗୀତାର ସମସ୍ତ ଶ୍ଳୋକ ପାଠ କରୁଥିଲେ। ଅତି ଦରିଦ୍ର ହେତୁ ଭିକ୍ଷା ମାଗି କାଳାତିପାତ କରିବା ବ୍ୟତୀତ ତାଙ୍କ ନିକଟରେ ଅନ୍ୟ କିଛି ବାଟ ନଥିଲା। ତାଙ୍କ ପରିବାର କହିଲେ ପତ୍ନୀ ଓ ତିନି ସନ୍ତାନ। ଗୀତା ପଣ୍ଡା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଜଣେ ପରମ ଭକ୍ତ ମଧ୍ୟ ଥିଲେ। ସେହି ସମୟରେ ଅକାଳ ପଡିବାରୁ ଲୋକ ଅସୁବିଧା ଭୋଗ କରୁଥିଲେ। ଠିକ ସେତିକିବେଳେ ଗୀତା ପଣ୍ଡାଙ୍କର ଭିକ୍ଷା ମାଗି ଚଳିବା କଷ୍ଟକର ହୋଇପଡିଲା। କେବେ ଭିକ୍ଷା ମୁଠେ ମିଳିଲା ତ ଆଉକେବେ ଆଦୌ ମିଳିଲାନାହିଁ। ଦିନକର କଥା, ଗୀତା ପଣ୍ଡା ପ୍ରାତଃ ସ୍ନାନ ପରେ ତାଳପତ୍ରରେ ଲିଖିତ ଗୀତା ପଠନ କରୁଥାନ୍ତି। ତାଙ୍କ ପତ୍ନୀ ଆସି ଜଣାଇଲେ ଯେ, ଘରେ କୌଣସି ଆହାର ନଥିବାରୁ ପିଲାମାନେ କ୍ଷୁଧା ଜ୍ୱାଳାରେ ଅତିଷ୍ଠ ହୋଇଗଲେଣି। ହେଲେ ଗୀତା ପଣ୍ଡା ଏଥିପ୍ରତି ଧ୍ୟାନ ନଦେଇ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଆରାଧନା କରିବା ସହିତ ଗୀତାର ଶ୍ଳୋକ ପଢି ଚାଲିଥାନ୍ତି। ଗୋଟିଏ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇ ଚାଲିଥାନ୍ତି ଯେ ମଣିଷର ଦୁଃଖ କଷ୍ଟ ସବୁ ହେଉଛି ଈଶ୍ୱରଙ୍କର। କାରଣ ଯେଉଁବ୍ୟକ୍ତି ଅହଂକାର ଶୂନ୍ୟ ହୋଇ ନିଜକୁ ଈଶ୍ୱରଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେଇଛି, ତା'ର ନିଜର ବୋଲି ଆଉ କିଛି ନାହିଁ। ତେଣୁ ଏ କ୍ଷେତ୍ରରେ ଈଶ୍ୱରଙ୍କ ବ୍ୟତୀତ କେହି ଆଉ ସେ ବ୍ୟକ୍ତିର ଦାୟିତ୍ୱ ନେବା ସମ୍ଭବ କି! ତେଣୁ ଗୀତା ପଣ୍ଡା ମନ ଭିତରେ ସେହି ଶ୍ରୀକୃଷ୍ଣଙ୍କୁ ହିଁ ନିଜର ଦୁଃଖ ଜଣାଇ ଚାଲିଥାନ୍ତି। ହେଲେ ତାଙ୍କ ପତ୍ନୀ ଜଣେ ମାଆ। ସିଏ ନିଜର ସନ୍ତାନ ମାନଙ୍କ କ୍ଷୁଧାକୁ ସହ୍ୟ କରିବେ କିପରି! ଭୋକ ଉପାସରେ ଆଉଟୁପାଉଟୁ ପିଲାଙ୍କୁ ଦେଖି ତାଙ୍କ ମନ ବିଚଳିତ ହୋଇ ଉଠିବା ସ୍ୱାଭାବିକ। କୌଣସି ମାଆ କେବେ ନିଜ ସନ୍ତାନଙ୍କ କଷ୍ଟ ସହିପାରନ୍ତି ନାହିଁ। ତେବେ ଏହା ପୁଣି ପିଲାଙ୍କ ଭୋକର ଜ୍ୱାଳା। କିପରି ଜଣେ ମାଆ ଏହାକୁ ସହ୍ୟ କରନ୍ତେ! ତେଣୁ ସେ ନିଜ ସ୍ୱାମୀଙ୍କ ଉପରେ ରାଗିବା ସ୍ୱାଭାବିକ। ସ୍ୱାମୀ ଗୀତା ପାଠ କରୁଥିବାରୁ ପତ୍ନୀ କଣ କହୁଛନ୍ତି ସେଥିରେ ଧ୍ୟାନ ଦେଉନଥାନ୍ତି। ଏଣେ ଗୀତାର ଯେଉଁପଦରେ ତାଙ୍କ ସମସ୍ୟା ରହିଛି ଓ ଏହାର ସମାଧାନ ସ୍ୱୟଂ ନାରାୟଣ କିପରି କରନ୍ତି ଗୀତା ପଣ୍ଡା ନିଜ ପତ୍ନୀଙ୍କୁ ସେଇଆ ବୁଝାଉଥାନ୍ତି। ହେଲେ ଗୀତା ପଣ୍ଡାଙ୍କ ପତ୍ନୀ ଗୀତା ଶ୍ଳୋକର ମାହାତ୍ମ୍ୟ ଅପେକ୍ଷା ନିଜ ସନ୍ତାନଙ୍କ ପେଟର ଜ୍ୱାଳା କଥାକୁ ବେଶୀ ଗୁରୁତ୍ୱ ଦେଇଚାଲିଥିଲେ। ଅକସ୍ମାତ ଗୀତା ପଣ୍ଡାଙ୍କ ପତ୍ନୀ କହିଲେ ଯେ ସ୍ୱାମୀ ତୁମେ ପଢୁଥିବା ଶ୍ଳୋକରେ ଯଦି ଆମ ସମସ୍ୟାର ସମାଧାନ ଥାଆନ୍ତା ତେବେ ଆମ ପିଲା ଆଜି ଭୋକରେ ନଥାନ୍ତେ। ଗତ କେଇଦିନ ହେଲା ତୁମେ ଭିକ୍ଷା ନପାଇ ଖାଲି ହାତରେ ଘରକୁ ଫେରୁଛ। ଯାହା ଫଳରେ ଆମକୁ ଖାଦ୍ୟ ମୁଠାଏ ମଧ୍ୟ ମିଳୁନାହିଁ। ତେଣୁ ତୁମ ଈଶ୍ୱର ଅଛନ୍ତି ବୋଲି ମୁଁ ବିଶ୍ୱାସ କରିପାରୁନାହିଁ। ଗୀତା ପଣ୍ଡା କହିଲେ, ତେବେ ଏ ଶ୍ଳୋକ କ'ଣ ତେବେ ଭୁଲ? ତାଙ୍କ ପତ୍ନୀ କହିଲେ ଏହା ନିଶ୍ଚୟ ଭୁଲ ଶ୍ଳୋକ। ଗୀତା ପଣ୍ଡା ନିଜ ଈଶ୍ୱରଙ୍କ ଅପମାନ ଆଉ ସହ୍ୟ କରିନପାରି କହିଲେ ଯଦି ଏହି ଶ୍ଳୋକ ତୁମକୁ ଭୁଲ ବୋଲି ଅନୁଭବ ହେଉଛି, ନିଜ ହାତରେ ଏହାକୁ ତେବେ କାଟିଦିଅ। ଗୀତା ପଣ୍ଡାଙ୍କ ପତ୍ନୀ ତତକ୍ଷଣାତ ଲେଖନୀ ଧରି ଉକ୍ତ ଶ୍ଳୋକଟି ଉପରେ ତିନି ଗାର ପକାଇଦେଲେ। ଏହାପରେ ପତି-ପତ୍ନୀ ଉଭୟ ପିଲାଙ୍କ ସହ ଉପବାସରେ ଶୋଇପଡିଲେ। ଏହାର ପରବର୍ତ୍ତୀ ଘଟଣା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଓ ଅଦ୍ଭୁତ। କାରଣ ଗୀତା ପଣ୍ଡାଙ୍କ ପରିବାର ନିଘୋଡ଼ ନିଦରେ ଶୋଇଥିଲାବେଳେ ଦ୍ୱାର କବାଟରେ ଠକ ଠକ ଶବ୍ଦ ହେଲା। ପତି ଶୋଇଥିବାରୁ ଗୀତା ପଣ୍ଡାଙ୍କ ପତ୍ନୀ ଆସି ଦ୍ୱାର ଖୋଲିଥିଲେ। ଦେଖିଲେ ଜଣେ ଦିବ୍ୟ ଚେହେରାର ଗୋପାଳ ବାଳକ କାନ୍ଧରେ ଭାର ଧରି ଦଣ୍ଡାୟମାନ। ତାଙ୍କୁ ଦେଖି ଗୀତା ପଣ୍ଡାଙ୍କ ପତ୍ନୀ ଆଶ୍ଚର୍ଯ୍ୟ ଚକିତ ହେବା ସହ ପଚାରିଲେ, ହେ ଯୁବକ ତୁମେ କିଏ? ଏହି ପ୍ରଶ୍ନରେ ଆଗନ୍ତୁକ ଭାରଧାରୀ ଯୁବକ କହିଲେ ମୋତେ ତୁମ ସ୍ୱାମୀଙ୍କ ବନ୍ଧୁ ପଠାଇଛନ୍ତି। ତେଣୁ ଏହି ଭାର ଗ୍ରହଣ କରନ୍ତୁ। ଗୀତା ପଣ୍ଡାଙ୍କ ପତ୍ନୀ ଆଗନ୍ତୁକଙ୍କୁ ଘର ଭିତରକୁ ଡାକିବା ସହ ଭାର ଖୋଲିଥିଲେ। ଏଥିରେ ଚାଉଳ, ଡାଲି, ଘୃତ ପନିପରିବା ଠାରୁ ବଂସ ଆରମ୍ଭ କରି ଅନେକ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ପାଇଁ ସାମଗ୍ରୀ ରହିଥିଲା। ଏଥିସହିତ ଭାର ମଧ୍ୟରେ କଉଡ଼ି ରହିଥିଲା। କିଛି କ୍ଷଣ ମଧ୍ୟରେ ଗୀତା ପଣ୍ଡାଙ୍କ ଗୃହ ଦ୍ରବ୍ୟରେ ଭରିଗଲା। ଗୀତା ପଣ୍ଡାଙ୍କ ପତ୍ନୀ ଅତିଥି ସେବା କରିବାକୁ ମନ ବଳାଇ ଆଗନ୍ତୁକଙ୍କୁ କହିଲେ, ଭୋ ଅତିଥି! ଆପଣ କିଛି ସମୟ ବିଶ୍ରାମ କରନ୍ତୁ ମୁଁ ଆପଣଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଛି। ଆଗନ୍ତୁଙ୍କ ଖାଦ୍ୟ ଗ୍ରହଣ କରିପାରିବେନି କାରଣ ତାଙ୍କ ଜିଭରେ ତିନୋଟି ଗାର ପଡି ଖଣ୍ଡିଆ ହୋଇ ରକ୍ତ ଝରୁଛି। ଏହାର ଅର୍ଥ ନବୁଝି ଗୀତା ପଣ୍ଡାଙ୍କ ପତ୍ନୀ ରୋଷେଇ କରିବାକୁ ଚାଲିଗଲେ। ପରେ ଦେଖିଲେ ଆଗନ୍ତୁଙ୍କ ଜଣକ କେତେବେଳୁ ଚାଲିଗଲେଣି। ରୋଷେଇ ପରେ ସ୍ୱାମୀ ଓ ସନ୍ତାନଙ୍କୁ ଖାଦ୍ୟ ବାଢିଦେଲେ। ହେଲେ ଗୀତା ପଣ୍ଡାଙ୍କ ଆଶ୍ଚର୍ଯ୍ୟର ସୀମା ନଥିଲା। କାରଣ ଘରଭର୍ତ୍ତି ଦ୍ରବ୍ୟ ତାଙ୍କୁ ଆଚମ୍ବିତ କଲା। ପତ୍ନୀ ସବିଶେଷ ତଥ୍ୟ ଦେବା ପରେ ଗିତା ପଣ୍ଡା କହିଲେ, ଦେଖିଲ ତ ତୁମେ ବିଶ୍ୱାସ କରୁନଥିଲ ଯେ ଈଶ୍ୱର ଆମ ପାଇଁ ଅଛନ୍ତି। ସ୍ୱୟଂ ମହାପ୍ରଭୁ ଆସି ଏ ସବୁ ଦେଇଗଲେ। ଏହାପରେ ପତ୍ନୀଙ୍କୁ ନେଇ ଗୀତା ପଣ୍ଡା ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି କ୍ଷମା ମାଗିଥିଲେ।

ସମ୍ବାଦକୀର୍ତ୍ତି

ତାରକ ମହାନ୍ତି



ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମମତାଙ୍କ ବଙ୍ଗଳା କାର୍ଡ



ସୌମେନ୍ଦ୍ର ଜେନା

ରାଜନେତାମାନେ ଭାଷଣରେ ନୀତି କଥା କହନ୍ତି ସତ, କିନ୍ତୁ ନିଜ ଉପରକୁ କଥା ଆସିଲେ ମାନସିକ ସ୍ଥିତି ସ୍ତରକୁ ଖସିଆସି ଯୁକ୍ତିବିବର୍ଜିତ ଆଲୋଚନା ଆରମ୍ଭ କରି ଦିଅନ୍ତି। ଓଡିଶାର ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହିପରି ଜଣେ ନେତ୍ରୀ ଯିଏ କି ସବୁ କଥାରେ ପ୍ରାଦେଶିକତାର ରଂଗ ଦେଇ ବଙ୍ଗାଳୀ ସ୍ୱାଭିମାନର ବର୍ଚ୍ଚସ୍ୱକୁ ପ୍ରତିଷ୍ଠା ଦେବାକୁ ଇଚ୍ଛା କରି ସମସ୍ତ ନୀତି ନିୟମକୁ ଭୁଲିଯାଆନ୍ତି। ଅତୀତରେ ଏମିତି ବହୁଘଟଣା ଘଟିଯାଇଛି। ଏବେ ନିକଟରେ ବିସିସିଆଇ (ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ) ଅଧ୍ୟକ୍ଷ ନିର୍ବାଚନରେ ପୂର୍ବତନ କ୍ରିକେଟ ଖେଳାଳି ଏବଂ ବଙ୍ଗଳା କ୍ରିକେଟ ବୋର୍ଡ ଅଧ୍ୟକ୍ଷ ରହିଥିବା ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲୀଙ୍କ ସଂପର୍କରେ ଅତି ରୁଚିହୀନ ମନ୍ତବ୍ୟ ଦେବାକୁ ପଛାଇ ନାହାନ୍ତି। ସୌରଭ ବଙ୍ଗାଳୀ ହୋଇଥିବାରୁ ଏବଂ ବିଜେପି ପକ୍ଷରୁ ରାଜ୍ୟରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ନଥିବାରୁ ତାଙ୍କୁ ଦ୍ୱିତୀୟ ଥର ପାଇଁ ଉକ୍ତ ପଦବୀରେ ରହିବାକୁ ସୁଯୋଗ ମିଳିଲା ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। କିନ୍ତୁ ତାଙ୍କ ଯୁକ୍ତି ପଛରେ ସେମିତି କିଛି ଦମ୍ ନଥିବା ଯେ କେହି ଜଣେ କହିପାରିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ଅଧ୍ୟକ୍ଷ ପଦରେ ଜଣେ ବ୍ୟକ୍ତି ପାଞ୍ଚବର୍ଷ ପାଇଁ ରହିପାରିବେ ବୋଲି ନିୟମ ରହିଛି। ଏହାକୁ କେନ୍ଦ୍ରକରି ତୃଣମୂଳ କଂଗ୍ରେସ ପାର୍ଟିର ରାଜ୍ୟସଭା ସାଂସଦ ଶାନ୍ତନୁ ସେନ ଅଭିଯୋଗ କରିଛନ୍ତି ଯେ ସୌରଭ ଗାଙ୍ଗୁଲୀ ପଶ୍ଚିମବଙ୍ଗର ହୋଇଥିବା ହେତୁ ଏବଂ ସେ ମମତା ବାନାର୍ଜୀଙ୍କ ରାଜ୍ୟର ହୋଇଥିବା ହେତୁ ତାଙ୍କୁ ବିସିସିଆଇର ଅଧ୍ୟକ୍ଷ କରାଗଲାନାହିଁ।

ନିକଟରେ ମୁମ୍ବାଇର ଟ୍ରିଡେଣ୍ଟ ହୋଟେଲରେ ବିସିସିଆଇର ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଦେଶର ଭିନ୍ନ ଭିନ୍ନ ରାଜ୍ୟର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ବୋର୍ଡର ଭିନ୍ନ ଭିନ୍ନ ପଦ ପାଇଁ ରାଜ୍ୟ କ୍ରିକେଟ ବୋର୍ଡର ସଦସ୍ୟମାନେ ସେମାନଙ୍କ ନାମାଙ୍କନ କରିଥିଲେ। ଚଳିତ ମାସ ଅକ୍ଟୋବର ୧୮ରେ ବିସିସିଆଇର ନିର୍ବାଚନ ସହ ବାର୍ଷିକ ବୋର୍ଡ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି। ୧୯ ନଭେମ୍ବର ୨୦୧୯ରେ ସୌରଭ ବିସିସିଆଇର ଅଧ୍ୟକ୍ଷ ହୋଇଥିଲେ। ଏକଥା ସତ ଯେ ଦ୍ୱିତୀୟ ଥର ପାଇଁ ଅଧ୍ୟକ୍ଷ ପଦବୀରେ ରହିବାକୁ ଗାଙ୍ଗୁଲୀଙ୍କର ଆଗ୍ରହ ଥିଲେ ମଧ୍ୟ ଭିନ୍ନ ଭିନ୍ନ ରାଜ୍ୟର ବୋର୍ଡ ସଦସ୍ୟମାନେ ଏହାକୁ ବିରୋଧ କରିଥିଲେ। ସେମାନେ ନୂତନ ଅଧ୍ୟକ୍ଷଙ୍କ ସପକ୍ଷରେ ଥିବା କହିଥିଲେ। ଗାଙ୍ଗୁଲୀଙ୍କୁ ଆଇପିଏଲ ପଦବୀ ମଧ୍ୟ ଯଚା ଯାଇଥିଲା ଯାହାକୁ ସେ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏବେ ଗାଙ୍ଗୁଲୀ ନିଜେ ପ୍ରକୃତ ସ୍ଥିତିକୁ ବୁଝିବା ପରେ ଜଣେ ବ୍ୟକ୍ତି ସବୁଦିନ ପାଇଁ କୌଣସି ପଦବୀରେ ରହିପାରିବ ନାହିଁ ବୋଲି ପ୍ରକାଶ କରିଛନ୍ତି। ଉଭୟ ରାଜ୍ୟ ଏବଂ ବିସିସିଆଇର ପ୍ରଶାସକ କାର୍ଯ୍ୟରେ ରହି ସେ କାର୍ଯ୍ୟକୁ ବେଶ୍ ଉପଭୋଗ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି। ତେବେ ବିରାଟ କୋହଲିଙ୍କ ଅଧିନାୟକତ୍ୱ ପଦରୁ ହଟିବା ମାମଲାକୁ ସେ ଠିକ୍ ରୂପେ ସମ୍ଭାଳି ନଥିବା ନେଇ ପୂର୍ବରୁ ବେଶ୍ ସମାଲୋଚିତ ହୋଇଥିଲେ। ଗତବର୍ଷ ଦକ୍ଷିଣ ଆଫ୍ରିକା ଗସ୍ତ ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀରେ କୋହଲୀଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା ବଢିଥିଲା। ଗାଙ୍ଗୁଲୀ ବିସିସିଆଇର ଅଧ୍ୟକ୍ଷ ପଦବୀର ଅପବ୍ୟବହାର କରି କ୍ରିକେଟ ଟିମ୍ ଚୟନ ବୈଠକରେ ଏକାଧିକବାର ଜୋର ଜବରଦସ୍ତ ଭାଗ ନେଇଥିଲେ ବୋଲି ଅଭିଯୋଗ ଉଠିଥିଲା। ସୁପ୍ରିମକୋର୍ଟ ବିସିସିଆଇକୁ ସମ୍ବିଧାନ ଅନୁଯାୟୀ କାର୍ଯ୍ୟ କରିବାକୁ କହିଥିଲେ ମଧ୍ୟ ସମସ୍ତେ ମନେ ମନେ ଧରିନେଇଥିଲେ ଯେ ଗାଙ୍ଗୁଲୀ ଆଉଥରକ ପାଇଁ ମଧ୍ୟ ଅଧ୍ୟକ୍ଷ ପଦ ଗ୍ରହଣ କରିବେ। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ବିସିସିଆଇର ବୈଠକରେ ଗାଙ୍ଗୁଲୀଙ୍କୁ ତାଙ୍କ ପ୍ରଶାସକୀୟ ଅପାରଗତା ପାଇଁ ସମାଲୋଚନା କରାଯାଇଥିଲା। ସେହି ବୈଠକରେ ଗାଙ୍ଗୁଲୀ ନିଜେ ଯୋଗ ଦେଇନଥିଲେ। ନଭେମ୍ବରରେ ହେବାକୁ ଥିବା ଆଇସିସି (ଇଣ୍ଟରନେସନାଲ କ୍ରିକେଟ କାଉନସିଲ)କୁ ସେ ମନୋନୀତ ହେବେ ବୋଲି କୁହାଯାଉଛି। ତେବେ ବିସିସିଆଇର ମୁଖ୍ୟ ହେବାପରେ ଏହାର କୌଣସି ପଦବୀରେ ରହିବାକୁ ତାଙ୍କର ମନ ନଥିବା ଆଲୋଚନା ହେଉଛି।

ଗତବର୍ଷ ୧୫ ଡିସେମ୍ବର ୨୦୨୧ରେ ବିରାଟ କୋହଲୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ତାଙ୍କୁ ଟି-୨୦ ଦଳର କ୍ୟାପଟେନ୍ ରହିବାକୁ କୁହାଯାଇନଥିଲା। କିନ୍ତୁ ତା ପୂର୍ବରୁ ସୌରଭ ଗାଙ୍ଗୁଲୀ କହିଥିଲେ ଯେ ବିରାଟଙ୍କୁ ବିସିସିଆଇ ଟି-୨୦ ଦଳର କ୍ୟାପଟେନ୍ ରହିବା ନେଇ ପଚାରିଥିଲା। ସେହି ଘଟଣା ପରେ ବିସିସିଆଇ କୌଣସି ମନ୍ତବ୍ୟ ସାଧାରଣରେ ଦେଇନଥିଲେ ମଧ୍ୟ ବିରାଟଙ୍କ କଥାକୁ ଭଲରେ ଗ୍ରହଣ କରିନଥିଲା। କାରଣ ଏଏନ୍ଆଇ ସମ୍ବାଦ ସଂସ୍ଥାର ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କୋହଲୀ କହିଥିଲେ, "ବୈଠକ ଆରମ୍ଭ ହେବାର ମାତ୍ର ଦେଢ ଘଣ୍ଟା ପୂର୍ବରୁ ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ଆଗରୁ କୌଣସି ଆଲୋଚନା ହୋଇନଥିଲା। ମୁଖ୍ୟ ଚୟନକାରୀ ଦଳକୁ ନେଇ କଥା ହୋଇଥିଲେ। ଫୋନ୍‌ରେ କଥା ଶେଷ ହେବା ପୂର୍ବରୁ ୫ଜଣ ଚୟନକର୍ତ୍ତା ମୁଁ ଦିନିକିଆ ଦଳର କ୍ୟାପଟେନ୍ ନହେବା ନିଷ୍ପତ୍ତି ନେଇସାରିଥିବା କୁହାଯାଇଥିଲା। ବେଶ୍ ଭଲ କଥା। ତା ପୂର୍ବରୁ ଆଦୌ ମୋ ସହ କେହି କଥା ହୋଇନଥିଲେ।" କାରଣ ସୌରଭ ପିଟିଆଇକୁ କହିଥିଲେ ଯେ ଟି-୨୦ ଦଳର ଅଧିନାୟକତ୍ୱ ନ ଛାଡିବା ଲାଗି ବିରାଟଙ୍କୁ କୁହାଯାଇଥିଲେ ହେଁ ସେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ତେଣୁ ରୋହିତ ଶର୍ମାଙ୍କୁ ଦିନିକିଆ କ୍ରିକେଟ ଦଳର ଅଧିନାୟକ ଭାବେ ବଛା ଯାଇଥିଲା ଏବଂ ବିରାଟ ଟେଷ୍ଟ ଦଳର ଅଧିନାୟକ ରହିବେ ବୋଲି କୁହାଯାଇଥିଲା। ଏହାପରେ ଚେତନ ଶର୍ମାଙ୍କ ନେତୃତ୍ୱରେ ଗଠିତ ଚୟନକର୍ତ୍ତା କମିଟି ସାମ୍ବାଦିକ ସମ୍ମିଳନୀରେ ସବୁକିଛି କହିବାକୁ ସ୍ଥିର କରାଯାଇଥିଲେ ମଧ୍ୟ ପରେ ତା ବିରୋଧରେ ମନ୍ତବ୍ୟ ନ ଦେଇ ସେମାନେ ଅଧିକ ବିବାଦ ସୃଷ୍ଟି କରିବାକୁ ଚାହିଁ ନଥିଲେ। ଏହି ଘଟଣାର ପରଦିନ ଅର୍ଥାତ୍ ୧୬ ଡିସେମ୍ବର ଦିନ କୌଣସି ସାମ୍ବାଦିକ ସମ୍ମିଳନୀରେ କୌଣସି ମନ୍ତବ୍ୟ ପ୍ରଦାନରୁ ବିରତ ରହିବାକୁ କୁହାଯାଇଥିଲା। କିନ୍ତୁ ଭାରତର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କର ଏ ସଂକ୍ରାନ୍ତରେ ଗାଙ୍ଗୁଲୀଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ "ଏଥିରେ ବିସିସିଆଇର କୌଣସି ଭୂମିକା ନାହିଁ। ଏଥିପାଇଁ କେବଳ ସୌରଭଙ୍କୁ ପ୍ରଶ୍ନ କରାଯିବା ଆବଶ୍ୟକ। କୋହଲୀଙ୍କୁ ଗାଙ୍ଗୁଲୀ ଏ ବିଷୟରେ ପୂର୍ବରୁ କଥା ହୋଇଥିଲେ କି ବୋଲି ପ୍ରଶ୍ନ ହେବା ଆବଶ୍ୟକ। ଏହି ବାର୍ତ୍ତା ସେ କୋହଲୀଙ୍କୁ ଦେଇଥିଲେ କି ନାହିଁ ତାହା ସେ ବେଶ୍ ଭଲଭବେ କହିପାରିବେ।" ପୂର୍ବତନ ଭାରତୀୟ କ୍ରିକେଟ ଦଳର ଅଧିନାୟକ କପିଳଦେବ ମଧ୍ୟ ଏହି ମାମଲାରେ ବିରାଟ କୋହଲୀ ଏବଂ ସୌରଭ ଗାଙ୍ଗୁଲୀଙ୍କୁ ସମାଲୋଚନା କରିଥିଲେ। ସେ ଖେଳାଳିମାନଙ୍କୁ ଦକ୍ଷିଣ ଆଫ୍ରିକା ଗସ୍ତ ଉପରେ ଅଧିକ ଧ୍ୟାନ ଦେବାଲାଗି କହିଥିଲେ। ସେ ହିନ୍ଦୁସ୍ଥାନ ଟାଇମସ୍‌କୁ କହିଥିଲେ,"ବୋର୍ଡର ଅଧ୍ୟକ୍ଷ ହିଁ ବୋର୍ଡର ଅଧ୍ୟକ୍ଷ। ସେମିତି ଭାରତୀୟ କ୍ରିକେଟଦଳର ଅଧିନାୟକ ମଧ୍ୟ ବହୁତ ବଡ କଥା। କିନ୍ତୁ ସାଧାରଣରେ ଜଣେ ଅନ୍ୟକୁ ଏପରି ଖରାପ କହିବା ଭଲ ବୋଲି ମୁଁ ଚିନ୍ତା କରିପାରୁନାହିଁ, ସେ ସୌରଭ କିମ୍ବା ବିରାଟ ହୁଅନ୍ତୁ ନା କାହିଁକି।"

ସୌରଭ ଯେ ଜଣେ ଭଲ ଖେଳାଳି ଏଥିରେ ସନ୍ଦେହ ନାହିଁ। କିନ୍ତୁ ଜଣେ ପ୍ରଶାସକ ଦାୟିତ୍ୱ ନେଇ କ୍ରୀଡା କ୍ଷେତ୍ରରେ ଠିକଣା ରୂପେ କାର୍ଯ୍ୟ ନକଲେ ଦେଶବାସୀ ନିଶ୍ଚୟ ଦୋଷ ଦେବେ ଏଥିରେ ସନ୍ଦେହ ନାହିଁ। ଏହାକୁ ଯଦି କେହି ଭିନ୍ନ ଭାବେ ଗ୍ରହଣ କରେ, ପ୍ରାଦେଶିକ ରଂଗ ଦିଏ କିମ୍ବା ମମତାଙ୍କ ପରି ଜାତିସ୍ତରକୁ ଖସିଆସି ଆଲୋଚନା କରେ, ତେବେ ତାକୁ ଅନ୍ୟମାନେ ଗ୍ରହଣ କରିବେ ନାହିଁ ନିଶ୍ଚୟ। ସୌରଭଙ୍କ କ୍ଷେତ୍ରରେ ତାହା ହିଁ ହୋଇଛି। ପ୍ରଶାସକ ପାଇଁ ଯେଉଁ ଲକ୍ଷ୍ମଣରେଖା ରହିଛି ସେହି ନିୟମ ଭିତରେ ନ ରହି ନିୟମରେଖାକୁ ଯେମିତି ଅତିକ୍ରମ କରିବାକୁ ଚାହିଁଲେ ତାହା ଅନ୍ୟମାନଙ୍କ ପାଇଁ ପସନ୍ଦ ଯୋଗ୍ୟ ହେଲାନାହିଁ। ସେମିତି ଦିଦିଙ୍କ ବଙ୍ଗଳାକାର୍ଡକୁ ମଧ୍ୟ ଲୋକେ ପସନ୍ଦ କରିନାହାନ୍ତି। ଅପରପକ୍ଷେ ଅମିତ ଶାହଙ୍କ ପୁତ୍ର ଜୟଶାହ ପୁନର୍ବାର ସମ୍ପାଦକ ପଦପାଇଁ ନିର୍ବାଚନ ଲଢିବାକୁ କେନ୍ଦ୍ରକରି ମମତା ପ୍ରଶ୍ନ ଉଠାଇଛନ୍ତି। ହେଲେ ବିସିସିଆଇର ନିର୍ବାଚନରେ ପ୍ରାଦେଶିକ ସଂଗଠନଗୁଡିକର ବଡ ଭୂମିକା ରହୁଥିବାରୁ ଏବଂ ଆର୍ଥିକ ବ୍ୟବସ୍ଥା କରିପାରୁଥିବା ବ୍ୟକ୍ତିର ବଡ ଭୂମିକା ରହୁଥିବାରୁ ଜୟଶାହଙ୍କୁ ବହୁ ଲୋକେ ପସନ୍ଦ କରୁଛନ୍ତି। ସେ ଅମିତ ଶାହଙ୍କ ପୁଅ ଭାବେ ନୁହେଁ ଗୁଜରାଟ କ୍ରିକେଟ ଆସୋସିଏସନ୍‌ର ସଂଗଠକ, ମୋଟେରା ଷ୍ଟାଡିୟମରେ ସଫଳତାର ସହ ମ୍ୟାଚ ଆୟୋଜନର ଦକ୍ଷତାକୁ ଦେଖି ଅନ୍ୟମାନେ ତାଙ୍କୁ ସମ୍ପାଦକ ଦାୟିତ୍ୱ ନେବାପାଇଁ ସମର୍ଥନ କରୁଛନ୍ତି। ନୂତନ ଅଧ୍ୟକ୍ଷ ପଦବୀ ପାଇଁ ରୋଜର ବିନ୍ନିଙ୍କ ପରି ୧୯୮୩ ବିଶ୍ୱକପ ବିଜେତା ଦଳର ସଫଳତମ ଖେଳାଳି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କପିଳଦେବ, ଗାଭାସ୍କରଙ୍କ ଶ୍ରେଣୀର କିମ୍ବଦନ୍ତୀ ଖେଳାଳି ବିନ୍ନି ଦକ୍ଷିଣ ଭାରତର ଜଣେ ଲୋକପ୍ରିୟ ଏବଂ ବିବାଦମୁକ୍ତ ଖେଳାଳି। ଗୁଣ୍ଡାପ୍ପା ବିଶ୍ୱନାଥଙ୍କ ପରି ସେ ଏକଦା ଦକ୍ଷିଣରେ ଖୁବ୍ ଚର୍ଚ୍ଚିତ ଖେଳାଳି ଥିଲେ। ସେ ଭାରତୀୟ ଦଳର ଜଣେ ସଫଳ ଅଲରାଉଣ୍ଡର ଥିଲେ। ସୌରଭଙ୍କ ସ୍ଥାନରେ ତାଙ୍କୁ ଗ୍ରହଣ କରିବା ପାଇଁ ରାଜ୍ୟ କ୍ରିକେଟ ସଂଗଠନଗୁଡିକ ମଧ୍ୟରେ ସହମତି ରହିଥିଲା। ଏପରି ସ୍ଥଳେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭିକ୍ଟିମ୍ କାର୍ଡ ଖେଳିବାକୁ ଚାହିଁ ବଙ୍ଗଳା-ବଙ୍ଗାଳୀ ବିଷୟ ଉଠାଇ ଯେମିତି ବ୍ୟବସ୍ଥାକୁ ବିଷାକ୍ତ କରିବାକୁ ଚେଷ୍ଟା କଲେ ତାହା ନିନ୍ଦନୀୟ ନିଶ୍ଚୟ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଓଡ଼ିଶାରେ ମହିଳା କେତେ ସୁରକ୍ଷିତ

ଗୋଲଖ ଚନ୍ଦ୍ର ଦାସ

ଓଡିଶାରେ ମା ଓ ଭଉଣୀମାନେ ଅସୁରକ୍ଷିତ। ମହିଳା ନିର୍ଯ୍ୟାତନା ଏବଂ ଅତ୍ୟାଚାରରେ ଓଡିଶା ଦେଶରେ ପ୍ରମୁଖ ସ୍ଥାନ ଅଧିକାର କରିବାକୁ ଯାଉଛି। ରାଜ୍ୟରେ ମହିଳା ନିର୍ଯ୍ୟାତନା, ଶିଶୁ ନିଖୋଜ, ଅପହରଣ ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ରାଜ୍ୟ ସରକାର ମହିଳାଙ୍କୁ ଉଚ୍ଚସ୍ଥାନରେ ରଖିବାର ବଡପଣ କରି ବିଭିନ୍ନ କମିଟି ଘୋଷଣା କରିବା ସହ ମହିଳାଙ୍କୁ ଉଚ୍ଚସ୍ଥାନରେ ରଖିଥିବା ଗଣମାଧ୍ୟମ ସାମ୍ନାରେ କହୁଛନ୍ତି। କିନ୍ତୁ ବାସ୍ତବ ଚିତ୍ର ଦେଖିଲେ ସ୍ପଷ୍ଟ ବାରିହୋଇପଡୁଛି ଓଡ଼ିଶାରେ ମହିଳା କେତେ ସୁରକ୍ଷିତ। ରାଜ୍ୟବାସୀଙ୍କୁ ଏକ ପହେଳିକା ଦେଖାଇ ଦିଆହୋଇଛି ଯେ ରାଜ୍ୟରେ '୫'ଟି ସରକାର କାର୍ଯ୍ୟ କରୁଛି। ବାସ୍ତବରେ ୫ଟି ଥାନାରେ କାର୍ଯ୍ୟ କରୁନାହିଁ,ସାଧାରଣ ଜନତା ଠାରୁ ବିରୋଧୀଦଳମାନେ ଅଭିଯୋଗ କରୁଛନ୍ତି। ଆସାମୀମାନେ ଦିବା ଲୋକରେ ରାଜରାସ୍ତାରେ ବୁଲୁଥିବା ବେଳେ ସେମାନଙ୍କୁ ଗିରଫ କରିବାତ ଦୂରର କଥା ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଂଚା ଦେଉଛନ୍ତି ପୋଲିସ ପ୍ରଶାସନ। ମହିଳା ଓ ଶିଶୁଙ୍କ ପାଇଁ ସଂପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛି ଓଡିଶା।

ପଟ୍ଟାମୁଣ୍ଡାଇ ଥାନା ପାଖରୁ ପୋହଳ ଗାଁ ମାତ୍ର ୪ କି.ମି ରାସ୍ତା। ପୋହଳର ପ୍ରଭାକର ସ୍ୱାଇଁ ଏବଂ ତାଙ୍କ ପରିବାର ତାଙ୍କ ସାନ ଭାଇର ପତ୍ନୀ ଜୟନ୍ତୀ ସ୍ୱାଇଁ ଓ ତାଙ୍କ ବିକଳାଙ୍ଗ ଝିଅ ରୁଦ୍ରାଣୀ ସ୍ୱାଇଁଙ୍କୁ ମାଡମାରି ଘରୁ ବାହାର କରିଦେଇଥିଲେ। ଦୀର୍ଘଦିନ ହେବ ଏ କେସ୍ ପଟ୍ଟାମୁଣ୍ଡାଇ କୋର୍ଟରେ ବିଚାରାଧୀନ ଥିଲା। ବିଚାର ବେଳେ ଆସାମୀମାନେ କୌଣସି ଦିନ କୋର୍ଟରେ ହାଜର ହେଲେ ନାହିଁ। ଶେଷରେ ବିଚାରପତି ବାଧ୍ୟ ହୋଇ ସେମାନଙ୍କ ନାମରେ ୱାରେଂଟ ଜାରି କରି ଥାନାକୁ ପଠାଇଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଆସାମୀମାନଙ୍କୁ ପୋଲିସ ଧରି ପାରୁନାହିଁ। ଏହି ସାଧାରଣ ଆସାମୀମାନଙ୍କୁ ପୋଲିସ ଧରି ପାରୁନଥିବା ବେଳେ ବଡ ବଡ ଘଟଣା ଘଟାଉଥିବା ଆସାମୀମାନଙ୍କୁ ପୋଲିସ ଧରିବାରେ କିପରି ସକ୍ଷମ ହେବ ତାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମା'କୁ ସର୍ବଦା ସମ୍ମାନର ଗୁଣଗାରିମାକୁ ବଖାଣୁଥିବା ରାଜ୍ୟ ସରକାର ମହିଳାଙ୍କୁ ସମ୍ମାନ ଦେବାରେ ବିଫଳ ସାବ୍ୟସ୍ତ ହୋଇଛନ୍ତି। ଏହାର ଅନ୍ୟ ଏକ ଜ୍ୱଳନ୍ତ ଚିତ୍ର କେନ୍ଦୁଝର ଜିଲ୍ଲାରେ ଦେଖିବାକୁ ମିଳିଥିଲା। ଗତ ଅଗଷ୍ଟ ୩୦ତାରିଖ ଦିନ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସମସ୍ତ ସଭ୍ୟ ଓ ସଭ୍ୟା ମାନେ ଯୋଗଦେଇଥିଲେ। ବୈଠକ ଆରମ୍ଭ ହେବା ମାତ୍ରକେ ୩ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଅସୀମା ମିଶ୍ର ପୂର୍ବ ସଭାର ବିବରଣୀ ଏବଂ ତାର କ୍ରିୟାନ୍ୱୟନ ସମ୍ପର୍କରେ ଜାଣିବା ପାଇଁ ଚାହିଁବାରୁ, ସଭାରେ ଉପସ୍ଥିତ ବିଧାୟକ, ସରପଂଚ ଓ ସମିତିସଭ୍ୟମାନେ ମିଶି ଜିଲ୍ଲା ପରିଷଦ ସଭ୍ୟାଙ୍କୁ ଗାଳି ଗୁଲଜ କରି ଘେରିଯାଇ ସଭାରୁ ବାହାର କରିଦେଇଥିଲେ, ଯାହାକି ଜଣେ ମହିଳାଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରିଥିଲା। ଘଟଣା ସମ୍ପର୍କରେ ଆନନ୍ଦପୁର ଥାନାରେ ଲିଖିତ ଏତଲା ଦିଆଯାଇଥିଲେ ମଧ୍ୟ ସେ ସମୟରେ ଆନନ୍ଦପୁର ପୁଲିସ ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ଚୁପ୍ ରହିଥିଲେ।

୨୦୨୦ ମସିହା ଅଗଷ୍ଟ ମାସ ୯ ତାରିଖରେ ନିଖୋଜ ହୋଇଥିବା ବହୁଚର୍ଚ୍ଚିତ ୨ ବର୍ଷିଆ 'ପିହୁ'ର ଆଜି ପର୍ଯ୍ୟନ୍ତ ସନ୍ଧାନ ମିଳିଲା ନାହିଁ କି ପୋଲିସ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଇଲା ନାହିଁ। ବହୁ ଚାପ ଓ ଦାବି ପରେ 'ପିହୁ'କୁ ଖୋଜିଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ଦେବାର ଘୋଷଣା କରିଦେଇ ରାଜ୍ୟ ସରକାର ଚୁପ୍ ହୋଇ ବସିଗଲେ। ବାଲ୍ୟ ବିବାହ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ପରୀ, ମମିତା ହତ୍ୟା ଘଟଣା ଏବଂ ଏହାର ସତ୍ୟାସତ୍ୟକୁ ନେଇ ବର୍ତ୍ତମାନ ସୁଦ୍ଧା ରାଜ୍ୟବାସୀଙ୍କ ମନରେ କ୍ଷୋଭ ରହିଛି।

ଗତ ସେପ୍ଟେମ୍ବର ୫ତାରିଖ ଦିନ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅନ୍ତର୍ଗତ ଗୁମା ପଞ୍ଚାୟତର ସପ୍ତମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଓ ପ୍ରସବ କରିବା ପରେ ଶିଶୁ ଓ ମା'ର ମୃତ୍ୟୁ ହୋଇଛି। ବିଦ୍ୟାଳୟ କର୍ତୃପକ୍ଷ, ସ୍ଥାନୀୟ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଅବହେଳା କାରଣରୁ ନାବାଳିକାର ମୃତ୍ୟୁ ହୋଇଥିଲା ବୋଲି ଅଭିଯୋଗ ହେଉଛି। ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହେଉଛି ଯେ ନାବାଳିକାର ମୃତ୍ୟୁ ହୋଇନାହିଁ ବରଂ ତାକୁ ହତ୍ୟା କରାଯାଇଛି। ଏଭଳି ଅମାନବୀୟ ଘଟଣା ପାଇଁ ଦାୟୀ ସମସ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିରୋଧୀମାନେ ଦାବି କରିଛନ୍ତି। ଏହିପରି ଅନେକ ଘଟଣା ଘଟୁଛି। ବର୍ଣ୍ଣନାକଲେ ତାଲିକା ଲମ୍ବା ହେବ। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଓ ପକ୍ଷପାତିତା କାରଣରୁ ରାଜ୍ୟବାସୀ ଆଇନ ବ୍ୟବସ୍ଥା ଉପରୁ ଆସ୍ଥା ହରାଇ ବସିଛନ୍ତି। ନିଜ ଅପାରଗତାକୁ ଲୁଚାଇବା ପାଇଁ ରାଜ୍ୟରେ ଶାସନ କରୁଥିବା ଦଳ ବିଭିନ୍ନ ସୁଆଙ୍ଗ କରୁଛି। ରାଜ୍ୟର ମା ଓ ଭଉଣୀଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଆଉ ଆଉ କେତେ ବର୍ଷ ଲାଗିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି।

ନାରୀ ସଶକ୍ତୀକରଣର କଥା କହି ମିଛ ବାହାସ୍ଫୋଟ ମାରୁଥିବା ରାଜ୍ୟ ସରକାର ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ତଥ୍ୟ ସାମ୍ନାକୁ ଆସିଛି। 'ମା'କୁ ସମ୍ମାନ' ନାରା ଦେଉଥିବା ରାଜ୍ୟ ସରକାରଙ୍କ ଅସଲ ମୁଖା ଖୋଲି ଦେଇଛି ଏନ୍‌ସିଆରବି ରିପୋର୍ଟ। ଓଡ଼ିଶାରେ ମହିଳା ବିରୋଧି ହିଂସା କ୍ରମାଗତ ବୃଦ୍ଧି ଘଟି ଚାଲିଥିବାବେଳେ, ଦଣ୍ଡବିଧାନ ହାର କ୍ରମାଗତ ହ୍ରାସ ପାଇଚାଲିଛି। ୨୦୧୭ ମସିହାରେ ୧୬୨୨ ବାଳିକା ନିଖୋଜ ହୋଇଥିବାବେଳେ ୧୪୭୮ଜଣ ଉଦ୍ଧାର ହୋଇଥିଲେ। ୨୦୨୧ମସିହାରେ ୨୪୫୨ ନିଖୋଜ ହୋଇଥିବାବେଳେ ୧୫୧୨ଉଦ୍ଧାର ହୋଇଛନ୍ତି। ୨୦୧୭ମସିହାରେ ୬୫୩୬ ମହିଳା ନିଖୋଜ ହୋଇଥିବାବେଳେ ୩୬୧୭ ଉଦ୍ଧାର ହୋଇଛନ୍ତି ଓ ୨୦୨୧ରେ ନିଖୋଜ ୭୩୧୬ ହୋଇଥିବା ୧୪୭୫ ଉଦ୍ଧାର ହୋଇଛନ୍ତି। ଓଡିଶାରେ ମହିଳା ନିଖୋଜ ସଂଖ୍ୟା ବଢ଼ିଥିବାବେଳେ ଉଦ୍ଧାର କାର୍ଯ୍ୟ କମିଛି। ବର୍ଷକରେ ଦୁଷ୍କର୍ମ ମାମଲା ୧୧% ବଢ଼ିବା ସହ ଯୌତୁକ ନିର୍ଯ୍ୟାତନା ୩୨% ବଢ଼ିଛି। ୨୦୨୦ ମସିହାରେ ୨୫,୪୮୯ଟି ମହିଳା ବିରୋଧି ଅପରାଧ ଘଟିଥିବାବେଳେ ୨୦୨୧ ମସିହାରେ ଏହି ସଂଖ୍ୟା ୩୧,୩୫୨ରେ ପହଞ୍ଚିଛି। ମହିଳା ଅପହରଣ ୩୭ ପ୍ରତିଶତ, ମହିଳା ଅସଦାଚରଣରେ ୧୭.୮ ପ୍ରତିଶତ, ବଳାତ୍କାର ମାମଲା ୨୦.୨୩ ପ୍ରତିଶତ, ନାବାଳିକା ଯୌନ ନିର୍ଯ୍ୟାତନା ୧୩.୩୫ ପ୍ରତିଶତ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତାଜନକ। ସେହିପରି ଓଡିଶାରେ ଦିନକୁ ଦିନ ନାବାଳିକା ଯୌନ ନିର୍ଯ୍ୟାତନା ଏବଂ ବଳାତ୍କାର ବୃଦ୍ଧି ଘଟୁଛି। ୨୦୧୯ ମସିହାରେ ୧୬୪୫ଟି ନାବାଳିକା ଦୁଷ୍କର୍ମ ହେଉଥିବାବେଳେ ୨୦୨୦ ମସିହାରେ ୧୬୬୪, ୨୦୨୧ ମସିହାରେ ୧୮୭୧ଟି ଅପରାଧ ରୁଜୁ ହୋଇଛି। ପୋକ୍ସୋ ଆଇନ ଅଧିନରେ କୋର୍ଟରେ ୧୨,୩୩୨ଟି ମାମଲା ବିଚରାଧୀନ ରହିଛି, ଯାହା ଦେଶର ବିଚରାଧୀନ ମାମଲାର ୫.୪୩ ପ୍ରତିଶତ ଅଟେ। ଶିଶୁଙ୍କ ଯୌନ ନିର୍ଯ୍ୟାତନା ମାମଲା ୨୦୧୯ ମସିହାରେ ୧୪.୫ ପ୍ରତିଶତ ଏବଂ ୨୦୨୦ ମସିହାରେ ୧୫.୩ ପ୍ରତିଶତ ରହିଛି। ଗତ ୫ ବର୍ଷରେ ୧୪,୭୫୩ ଶିଶୁ ନିଖୋଜ ଅଛନ୍ତି ଓ ସେମାନଙ୍କ ମଧ୍ୟରୁ କେବଳ ଶିଶୁ କନ୍ୟାଙ୍କ ସଂଖ୍ୟା ହେଉଛି ୧୨,୧୯୯। ସେହିଭଳି ନିଖୋଜ ଥିବା ଅନେକ ନିରୀହ ଶିଶୁର କୌଣସି ପତା ମିଳୁନାହିଁ। ମା କୋଳ ଶୁନ୍ୟ ହୋଇଯାଇଛି। ଗତ ବର୍ଷ ଦେଶରେ ୬୫୩୩ ଜଣଙ୍କ ଚାଲଣ ହୋଇଥିବାର ଅଭିଯୋଗ ହୋଇଥିବାବେଳେ ଓଡିଶାରୁ କେବଳ ୧୪୭୫। ଏମାନଙ୍କ ଭିତରେ ୪୪୪ ମହିଳା ଓ ୪୯୭ ଶିଶୁ ରହିଛନ୍ତି। ରାଜ୍ୟରେ ୫,୦୬୨ ହତ୍ୟା ଉଦ୍ୟମ; ୨,୮୧୪ ଡକାୟତି; ୧,୪୧୧ ହତ୍ୟା; ୫,୬୩୦ ଅପହରଣ ମାମଲା ରୁଜୁ ହେବା ଏବଂ ପ୍ରତି ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇବା ରାଜ୍ୟ ଅରାଜକତାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ସାଇବର କ୍ରାଇମରେ ସମଗ୍ର ଦେଶରେ ଓଡିଶା ରାଜ୍ୟ କ୍ରମାଗତ ଭାବେ ପ୍ରଥମ ସ୍ଥାନ ହାସଲ କରୁଛି। ସାଇବର କ୍ରାଇମର ଶିକାର ହେଉଛନ୍ତି ଅଧିକାଂଶ ମହିଳା।

ରାଜ୍ୟ ସରକାରଙ୍କ ମା'କୁ ସମ୍ମାନର କେବଳ ପ୍ରଚାର ସର୍ବସ୍ୱ। ରାଜ୍ୟର ମା ଓ ଭଉଣୀ ଆଜି ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଓଡ଼ିଶାରେ ଆଦିବାସୀ ଅଧ୍ୟୁଷିତ ଅଂଚଳରେ ଦିନକୁ ଦିନ ନାବାଳିକା, ମହିଳା ଓ ଶିଶୁ ମୃତ୍ୟୁ ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ସରକାର ସବୁ ଜାଣିବି ଚୁପ୍ ରହୁଛନ୍ତି। ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଓଡ଼ିଶାର ଆଦିବାସୀ ମହିଳାମାନେ ଦୁଷ୍କର୍ମରେ ଶିକାର ହୋଇ ପ୍ରାଣ ହରାଉଛନ୍ତି। ଲାଗାତର ଭାବେ ୨୩ ବର୍ଷଧରି ରାଜ୍ୟରେ ଶାସନ କରୁଥିବା ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ବିଫଳ ସାବ୍ୟସ୍ତ ହୋଇଛନ୍ତି ଏବଂ ଓଡିଶାର ମା ଓ ଭଉଣୀମାନେ ନ୍ୟାୟ ପାଇବା ବର୍ତ୍ତମାନ ଦିବା ସ୍ୱପ୍ନରେ ପରିଣତ ହୋଇଛି। ଏଥିରୁ ଜଣାପଡୁଛି ଅପରାଧିକ ସାମ୍ରାଜ୍ୟ ବୃଦ୍ଧି ପାଇଁ ଓଡିଶାରେ ଅପରାଧୀଙ୍କ ଭିତରେ ଆରମ୍ଭ ହୋଇଥିବା ପ୍ରତିଯୋଗିତାକୁ ରାଜ୍ୟ ସରକାର ପ୍ରୋତ୍ସାହିତ କରୁଛନ୍ତି। ଯେଉଁଠି ମୁଖ୍ୟମନ୍ତ୍ରୀ ବିଭିନ୍ନ ଅପରାଧରେ ସଂପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ସାଙ୍ଗରେ ନେଇ ସଭା ଓ ବିଦେଶ ଯାତ୍ରା କରୁଛନ୍ତି, ସେଇଠି ଅପରାଧ ନିୟନ୍ତ୍ରଣ ଏବଂ ଦଣ୍ଡବିଧାନ ଆଶା ନିରର୍ଥକ। ଏପରିକି ଶାସକ ଦଳର ମନ୍ତ୍ରୀ ଓ ନେତାମାନେ ଏଭଳି ଅପରାଧିକ କାର୍ଯ୍ୟରେ ସଂପୃକ୍ତ ରହୁଛନ୍ତି ଏବଂ ମୁଖିଆ ସେମାନଙ୍କୁ ସୁରକ୍ଷା ଦେଇ ଚାଲିଛନ୍ତି ବୋଲି ଚର୍ଚ୍ଚା ଆଲୋଚନା ହେଉଛି। ବହୁଚର୍ଚ୍ଚିତ ରହସ୍ୟମୟୀ ବ୍ଲାକମେଲର ଅର୍ଚ୍ଚନା ନାଗ ଗିରଫ ପରେ ଅନେକ ଘଟଣା ପଦାକୁ ଆସୁଛି। ପୁଲିସ ବ୍ୟବସ୍ଥା ଉପରେ ଅଙ୍ଗୁଳି ଉଠିଛି। ବିରୋଧୀ ଦଳମାନେ ଅଭିଯୋଗ କରିଛନ୍ତି ଯେ ଅର୍ଚ୍ଚନାଙ୍କ ନାଗଫାଶରେ ୨୫ରୁ ଅଧିକ ନେତା ସାମିଲ ଥିବା ବେଳେ ସେମାନଙ୍କ ମଧ୍ୟରେ ୧୮ ଜଣ ବିଧାୟକ ଅଛନ୍ତି। ରାଜ୍ୟରେ ଅପରାଧ କ୍ରମାଗତ ଭାବେ ବୃଦ୍ଧି ପାଇବା ଏବଂ ଦଣ୍ଡବିଧାନ ହାର ହ୍ରାସ ପାଇବାର ଏହା ହିଁ ମୁଖ୍ୟ କାରଣ ବିରୋଧୀ ଦଳମାନେ ଦାବି କରୁଛନ୍ତି। ନାରୀ ସଶକ୍ତିକରଣ ପାଇଁ ନାରୀଙ୍କ ସୁରକ୍ଷା ହେଉଛି ପ୍ରାଥମିକତା। କିନ୍ତୁ ନାରୀ ସଶକ୍ତିକରଣର କଥା କହି ମିଛ ବାହାସ୍ଫୋଟ ମାରୁଥିବା ରାଜ୍ୟ ସରକାର ମହିଳଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ।

*ଘିଗିଡିଆ, ବାରୁଅ, କେନ୍ଦ୍ରାପଡା*
*ମୋ-୯୮୬୧୦୨୮୫୫୩*

## ଧାରାବାହିକ ଉପନ୍ୟାସ

# ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୩୦




*(ପୂର୍ବପ୍ରକାଶ ଉତ୍ତାରୁ)*

ମନିଷାର ଜିଦ୍ ବଢୁଥିଲା ତାକୁ ଆକର୍ଷିତ କରି କିଛି ମୁହୂର୍ତ୍ତ ବ୍ୟବହାର କରିବ ଓ ତାପରେ ରାସ୍ତାରେ ଫିଙ୍ଗିଦେଇ ଆଗକୁ ଧାଇଁବ। ସେଥିପାଇଁ ଯିବା ଆସିବା ବାଟରେ ଜାଣିଜାଣି ସେ ଅନେକବାର ତା ସହିତ ଧକ୍କା ଲାଗିଛି। ଅଥଚ ସେ ପୁଅଟି ପ୍ରତିକ୍ରିୟାହୀନ ଭାବେ "ସରି" କହି ଚାଲିଯାଇଛି ! ତା ଦେହ ଓ ମନର ଡାକ ତାକୁ ପ୍ରଭାବିତ କରିପାରୁନି। ସେ ରାଗୁଛି ତା ଉପରେ..ଅଥଚ ତାର କୌଣସି କ୍ଷତି ପରିପାରୁନି । ସେ କଣ ସତରେ ସେ ପିଲାଟିକୁ ଭଲ ପାଇବସିଛି ? ମନିଷାର ଆଗ୍ରହ ବହୁଗୁଣିତ ହୁଏ ତା ପାଇଁ। ଇଏ କି ମଣିଷ( !) ଯିଏ ତାକୁ ଆଡ ଆଖିରେ ବି ଚାହେଁନି। ତା ରୂପର ମଧୁକୁ ଆଖିରେ ବି ଚୋରେଇ ନେବାକୁ ଇଚ୍ଛା କରେନି ! ଅହରହ ପାଠ ଆଉ ପାଠ ! ଶୁଣିଛି ତା ନାଁ ଅନିମେଶ୍।

କଲେଜର ସବୁଠାରୁ ମେଧାବୀ ଛାତ୍ର। ଖୁବ୍ ନମ୍ର, ଭଦ୍ର ଓ ବିନୟ ସ୍ୱଭାବର। ପୁରୁଷମାନେ ଯୁଗେ ଯୁଗେ ନାରୀ ଆଗରେ ମଥାନତ କରିଆସିଛନ୍ତି। ଇତିହାସ କହେ- ନାରୀକୁ ହାସଲ କରିବାପାଇଁ ଅତୀତରେ ବହୁତ୍ ବଡ ବଡ ଯୁଦ୍ଧ ହୋଇଛି। କେତେକେତେ ନିରୀହ ସୈନିକ ଓ ସାଧାରଣ ମଣିଷ ବଳିପଡିଛନ୍ତି। ଏବେ ସେ ଯୁଦ୍ଧ ଚାଲିଛି ସବୁଠି। ମଣିଷ ଯେତେ ବିବର୍ତ୍ତିତ ହେଲେ ବି ତା ଆଦିମ ପ୍ରକୃତିରୁ ବଦଳିଯାଇ ପାରିନି। ବୀର ଯୋଦ୍ଧାମାନେ ବି ସେମାନଙ୍କ ପ୍ରେୟସୀ କିମ୍ବା ପତ୍ନୀ ଆଗରେ ନିମିଷକ ମଧ୍ୟରେ ବିଲେଇ ପାଲଟି ଯାଆନ୍ତି। ସିଂହଭଳି ଗର୍ଜନ କରୁଥିବା ଅଫିସ୍‌ର ବସ୍ ବି ତାଙ୍କ ପତ୍ନୀ ଆଗରେ ମେଣ୍ଢା ଛୁଆରେ ବିବର୍ତ୍ତିତ ହୁଏ । ନାରୀ ଭିତରେ ସେ ବଶୀକରଣ ଶକ୍ତି ନିହିତ ଅଛି। ଯେକୌଣସି ବଳବାନ୍ ଲୋକକୁ ସେ ନିଜ ଇଚ୍ଛା ମୁତାବକ ନଚାଇପାରେ। ଉଠ୍ ବସ୍ କରିପାରେ। ହେଲେ ଏ ଅନିମେଶ କିଭଳି ମଣିଷଟିଏ..ଯାହାର କୌଣସି ଆକର୍ଷଣ ହିଁ ନାହିଁ କାହା ପ୍ରତି ? ସେ ଉଦ୍ଧତ ନା ଅହଂକାରୀ ? କାହିଁକି ନାରୀ ନାମକ ଏକ ସୁନ୍ଦର ସୃଷ୍ଟିର ସେ ଅବମାନନା କରେ ? କାହିଁକି ସେ ସୌନ୍ଦର୍ଯ୍ୟକୁ ଉପେକ୍ଷା କରେ ? ତାକୁ ଜାଣିବାରେ ଖୁବ୍ ଆଗ୍ରହ ମନିଷାର।

ଦିନକୁ ଦିନ ସେ ଅନିମେଶ୍ ଆଡକୁ ସେ ଢଳିବାରେ ଲାଗିଛି। କଲେଜ ପରେ ବି ତା ରୂପକାନ୍ତି, ଚାଲିବାର ଢଙ୍ଗ, କଥା କହିବାର ଶୈଳୀ ତା ଆଖି ଆଗରେ ନାଚିଉଠୁଛି। ମନେହେଉଛି ସେ ତା ଚିନ୍ତା ଭିତରେ ଦିନକୁ ଦିନ ବୁଡି ବୁଡି ଯାଉଛି। ସେ ଆଜିକାଲି ଅନ୍ୟମନସ୍କ..କିଛି ବି ରୁଚୁନାହିଁ। କୌଣସି କାମ କରିବାରେ ଆଗ ପରି ଆଉ ଆଗ୍ରହ ବି ନାହିଁ। ହେଲେ ଶୋଷ କୂଅପାଖକୁ ଆସିଛି। କୂଅ କେବେ ଶୋଷ ପାଖକୁ ଯାଇନାହିଁ। ଆଜି କିଛି ଭିନ୍ନ ଘଟିବାକୁ ଯାଉଛି ବୋଧହୁଏ। ସମସ୍ତେ ଭାବିଥିଲେ ମନିଷା ତାକୁ ଆଗୁଆ ପ୍ରପୋଜ୍ କରିଦେବ ନିଶ୍ଚିତ ଭାବେ।

ହେଲେ ନାଁ ମନିଷା ଏକ ଉଚ୍ଚତମ ଗଛର ନାଁ। ଯିଏ ପାଖାପାଖି ଗଛମାନଙ୍କ ସହିତ ପ୍ରତିଯୋଗିତା କରି ନିଜକୁ ପ୍ରତିଷ୍ଠିତ କରିପାରିଛି। ପାଗ ଓ ପରିବେଶ ସହିତ ଲଢିଛି। କେତେ ଉତ୍ତପ୍ତ ଖରା ଓ ଶୀତଳତା ଭିତରେ ସେ ଯୁଝିଛି ଋତୁ ତମାମ୍ ! ସେଥିପାଇଁ ଆଖପାଖ ଗଛମାନେ ତାଠାରୁ କେତେ ସାନ ଆଉ ସେ ନିଜେ କେତେ ବିରାଟ..ସୁଉଚ୍ଚ ! ଆଜି ଆଉ ଏକ ବିରାଟଗଛକୁ ଦେଖି ସେ କଣ ନିଜର ପୂର୍ବ କୀର୍ତ୍ତିକୁ ଭୁଲିଯିବ ସଂପୂର୍ଣ୍ଣ ରୂପେ ?

ନା ନା ସେ କଣ ଏତେ ଶସ୍ତା ଯେ ସହଜରେ ହାରିଯିବ ? ସେ ଗୋଟେ ଲୁହାଖମ୍ବ..ତାକୁ ହଲାଇ ଦୁର୍ବଳ କରିବା ଏତେ ସହଜ ନୁହଁ। ସେ କେବେ କାହା ପାଇଁ ଏତେ ଦୁର୍ବଳ ହୋଇନାହିଁ। ଯାହା ଚାହିଁଛି ଅଚିରେ ମିଳିଯାଇଛି। ହେଲେ ଏ ଅନିମେଶ୍ ତାକୁ ହରାଇବାକୁ ବସିଛି ଆଜି ! ହେଲେ ସେ ହାରିବ ନାହିଁ । ତାକୁ ଅପେକ୍ଷା କରିବାକୁ ହେବ ସେ ମହାର୍ଘ ବେଳାକୁ। ମହର୍ଷି ବିଶ୍ୱାମିତ୍ରଙ୍କ ଆଗରେ ସେ ମେନକା ସାଜି ତାଙ୍କ ନିରବଧି ତପସ୍ୟାକୁ ଭଗ୍ନ କରିବ ନିଶ୍ଚୟ। ଅନିମେଶ ପ୍ରେମରେ ସେ ବିସ୍ମୃତ ହେଲେ ବି ଏତେ ସହଜରେ ବଶ୍ୟତା ସ୍ୱୀକାର କରିପାରିବନି ? ମନିଷା ତାହା କେବେ କରିପାରେନା। ନା କେବେ ନୁହେଁ।

ଯା'ଭିତରେ କେତେ ଦିନ ଚାଲିଗଲାଣି। ଫାଇନାଲ୍ ପରିକ୍ଷା ସରିବାକୁ ବସିଲାଣି। ତଥାପି ସେ ପିଲାଟି ମନରେ କୌଣସି ତରଙ୍ଗ ନାହିଁ। ସେବେଠାରୁ ମନିଷା ବି ଆଂଟ ବାନ୍ଧିଛି- ଦେଖିବା..କିପରି ସେ ତପଭଙ୍ଗ କରିପାରିବ ନାହିଁ ଅନିମେଶ୍‌ର ! ଆଜିଯାଏଁ ସେ ହାରିନାହିଁ। ଶେଷ ପରୀକ୍ଷା ଦେଇସାରି ସେ କମନ୍‌ରୁମ୍‌ରେ ବସିଛି। କଣ କରିବ ଚିନ୍ତା କରୁଛି। ଦୁଇ ଗ୍ଲାସ୍ ପାଣି ପିଇ ସାରିଲାଣି । ତା ଚଂପା କଢିଜିଣା ଅଙ୍ଗୁଳିର ନଖକୁ କାମୁଡି କାମୁଡି ରକ୍ତାକ୍ତ କରିସାରିଲାଣି ।

*(କ୍ରମଶଃ)*

# ପ୍ରେମର ପରିଧି

## ବିଜୟ କୁମାର ପଣ୍ଡା





ସେଦିନ ଥାଏ ଫେବୃଆରୀ ଚଉଦ ତାରିଖ।

ରାଜ୍ୟ ସ୍ତରୀୟ ଶିଶୁ ପ୍ରତିଭା ସମ୍ବର୍ଦ୍ଧନା ମହୋତ୍ସବ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେବ୍ ବାବୁ ପଞ୍ଚମ ଶ୍ରେଣୀର ଛାତ୍ରୀ କୁନିର ଦରଦ ଭରା ବକ୍ତୃତା (ତର୍କ ପ୍ରତିଯୋଗିତା)ରେ ବିମୋହିତ ହୋଇଯାଇଥିଲେ। ଜୀବନରେ ମା ଏବଂ ବାପାଙ୍କର ଭୂମିକା ନେଇ ତା'ର ବକ୍ତୃତା ଦେବ୍ ବାବୁଙ୍କ ହୃଦୟ ଛୁଇଁ ଯାଇଥିଲା। ଆନମନା ନହୋଇ ବକ ଧ୍ୟାନ କଲା ଭଳି ଏକ ଲୟରେ ଆରମ୍ଭରୁ ଶେଷଯାଏଁ ସେ ପ୍ରତିଟି ଶବ୍ଦ ସେ ଶୁଣି ଚାଲିଥିଲେ।

ଏ ବକ୍ତୃତା ନୁହେଁତ.. ଯେମିତି ନିଜ ଜୀବନକୁ ଖୁବ ପାଖରୁ ଅନୁଭବ କରିଥିବା ଆଉ ଦରଦି ହୃଦୟରୁ ସ୍ୱତଃପ୍ରବୃତ୍ତ ଝରିଆସୁଥିବା ଶବ୍ଦର ମୁକ୍ତା ଗୁଡ଼ିକୁ ସୁନ୍ଦର ଭାବ ଦେଇ ସଜେଇ ପାରୁଥିବା ଏକ ଦକ୍ଷ କଥାକାର ଭଳି ଥିଲା କୁନିର କାହାଣି। ଜୀବନରେ ବହୁତ କିଛି ହରାଇଲା ପରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ସ୍ୱରରେ ଗୋଟିଏ ପିଲାର ତାର ଜୀବନରେ ବାପାଙ୍କର ମହତ୍ତ୍ୱ ଉପରେ ମର୍ମସ୍ପର୍ଶୀ ବକ୍ତୃତା ଥିଲା କୁନିର। କାହାଣୀ ପାଠ କରିବା ଆଗରୁ ତାଙ୍କ ଶ୍ରେଣୀର ଶିକ୍ଷୟତ୍ରୀ ସୂଚାଇଦେଇଥିଲେ ଯେ ସୁନ୍ଦର କାହାଣୀ ଲେଖିବା ଆଉ କହିପାରୁଥିବା କୁନି ଜଣେ ମେଧାବୀ ଛାତ୍ରୀ। ସ୍କଲର୍ସିପ ଏବଂ ଏନ.ଆର.ଟି.ଏସ ମେଧା ବୃତ୍ତି ଭଳି ରାଜ୍ୟ ସ୍ତରୀୟ ମେଧା ପରୀକ୍ଷାରେ ସେ ପୁରସ୍କୃତ।

ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ସବୁ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଇନ୍ସପେକ୍ଟର ଏବଂ ନୂଆ କରି ଆସିଥିବା କଲେକ୍ଟର (ଦେବ୍ ବାବୁ)ଙ୍କ କରକମଳରୁ ପୁରସ୍କାର ବିତରଣର କାର୍ଯ୍ୟକ୍ରମ ଥିଲା କିଂନ୍ତୁ ସ୍କୁଲ ଇନ୍ସପେକ୍ଟର ଆସିବାରେ କିଛି ବିଳମ୍ବ ହେବ ବୋଲି ଘୋଷଣା କରିଦିଆସାରିଥାଏ।

କିଛି ସମୟର ବିରତି ଭିତରେ କୋଲଡ୍ରିଂକ୍ସ ଗ୍ଲାସଟିକୁ ହାତରେ ନେଇ ଦୁଇ ଢୋକ ପିଇଛନ୍ତି ଦେବ୍ ବାବୁ, ହଠାତ ଘୋଷଣା ହେଲା ଯେ ସ୍କୁଲ ଇନ୍ସପେକ୍ଟର ଆସିଯାଇଛନ୍ତି । ସେ ମଞ୍ଚାସିନ ହେବାକୁ ଗଲାବେଳେ ନଜର ପକାଇଲେ ଦେବବାବୁ। ଇଏ କଣ ? ନିଜ ଆଖିକୁ ବିଶ୍ୱାସ କରିପାରିଲେନି। ଇଏ ତ ମାନସୀ ? ବୟସର ପାକଳ ପାହାଚ ତାକୁ ଯେମିତି ଛୁଇଁ ନଥିଲା।

ଡ଼ଉଲ ଡାଉଲ ସୁନ୍ଦର ଚେହେରା, ପୁରିଲା ପୁରିଲା ଗାଲ, କଳା କେଶ, ଲମ୍ବାବେଣୀ, ମନମୋହିନୀ ଚାଲି.. ଏବେବି କେହି ତା ପ୍ରେମରେ ସହଜରେ ପଡ଼ିଯିବ। ଦଶ ବର୍ଷ ଭିତରେ ମାନସିର ଚେହେରାରେ ସେମିତି କିଛି ବିଶେଷ ଫରକ ନାହିଁ। ଭାବନାରୁ ରାଇଜରୁ ଟିକେ ଫେରିଲେ, ଧେତ୍.. ସେ ପରା ଏଠି କଲେକ୍ଟର ଦେବ୍ ବାବୁ। ମୁଖ୍ୟ ଅଥିତି ଭାବରେ ନିମନ୍ତ୍ରିତ ହୋଇ ଆସିଛନ୍ତି, କଲେଜ ପଢୁଆ ଛତରା ଟୋକାଙ୍କ ଭଳି ଝିଅଙ୍କୁ ଦେଖି ତାଙ୍କ ଫିଗର ଉପରେ ଚର୍ଚ୍ଚା କରିବାର ବୟସ ତାର ନୁହେଁ। ଆଠ ବର୍ଷର ପୁଅର ବାପା ସେ।

ହେଲେ, ମାନସୀ ହାତରେ ଶଙ୍ଖା ଚୁଡ଼ି ନାହିଁ କି ମଥାରେ ସିନ୍ଦୁର ବି ନାହିଁ ! ମାନସୀ ଏକୁଟିଆ କାହିଁକି ଆସିଛି ! ତା' ସ୍ୱାମୀ ଆଉ ପିଲାପିଲିଙ୍କୁ ସାଥିରେ ବି ଧରି ଆସି ପାରିଥାନ୍ତା। ବିଧବା ଶାଢ଼ୀବି ପିନ୍ଧିନଥିଲା। ହଁ, ଆଜିକାଲିର ମଡ଼ର୍ଣ ସ୍ତ୍ରୀ ଲୋକ ମାନେ ସେସବୁକୁ ଏତେ ଗୁରୁତ୍ୱ ଦେଉନାହାନ୍ତି। କିନ୍ତୁ ମାନସୀର ଶାଢ଼ୀ ବ୍ଲାଉଜ ପିନ୍ଧିବାର ଢ଼ଙ୍ଗ ଶୈଳୀ ଦେଖି ଲାଗୁନଥିଲା ଯେ ସେ କୌଣସି ଉଗ୍ର ଆଧୁନିକା ନାରୀର ପ୍ରତିକ ଭଳି।

'ମାନସୀ କଣ ଅବିବାହିତା ରହିଗଲା କି ?' 'କାହାକୁ ବା ପଚାରିବେ ?' ମନେ ମନେ ଘାରି ହେଉଥାନ୍ତି ଦେବ୍ ବାବୁ। ଦଶ ବର୍ଷରୁ ଉର୍ଦ୍ଧ ହୋଇଗଲାଣି ମାନସୀ ସହ ତାଙ୍କର ଆଉ କୌଣସି ପ୍ରକାର ସମ୍ପର୍କ ନାହିଁ।

ମାନସୀ ସଭାରେ ଉପସ୍ଥିତ ହେଲାପରେ ଦେବ୍ ବାବୁଙ୍କୁ ଦେଖି ସେ ଚକିତ ହେଇଯାଇଥିଲା, ନୂଆ କଲେକ୍ଟର ଆସିବେ ବୋଲି ସେ ଶୁଣିଥିଲା କିନ୍ତୁ ତାଙ୍କର ପରିଚୟ ପଚାରିନଥିଲା। ଦେବ୍ ଯେ ଆଜି କଲେକ୍ଟର ସେକଥା ଜାଣି ତାର ମନଟ ଯେତିକି ଖୁସି ହୋଇଗଲା ସେତିକି ମଧ୍ୟ ବିଷାଦଗ୍ରସ୍ତ ହେଲା।

ଦଶବର୍ଷ ତଳର ପୁରୁଣା ସ୍ମୃତି ପୁଣିଥରେ ତାଜା ହେଇଗଲା। କୁନିକୁ ତର୍କ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ମିଳିଥିବା କଥା ଘୋଷଣା ହେଲା। କୁନିକୁ ପୁରସ୍କୃତ କରିବା ପାଇଁ କଲେକ୍ଟର ଦେବ୍ ବାବୁ ଏବଂ ଶିକ୍ଷା ବିଭାଗର ଉଚ୍ଚ ପଦବୀରେ ଅଧିନସ୍ଥ ମାନସି ତଥା କୁନିର ମା'କୁ ଆମନ୍ତ୍ରିତ କରାଯିବାର ଘୋଷଣା ହେଲାପରେ ପ୍ରକୃସ୍ଥିତ ହେଲେ ମାନସୀ।

*(କ୍ରମଶଃ)*

## ନିର୍ବାଚିତ କବିତା



# ପ୍ରେମରେ...

## ଯଶୋବନ୍ତ ସେଠୀ



ପ୍ରେମରେ
ବିରହ ଥାଉ ଅବା ମିଳନ
ଚାଲ ଆମେ ଏଇମିତି
ଯେଉଁ ଜାଗାରେ ଥାଇ
ଆଉ କିଛିଦିନ ଜିଇଁଯିବା
ଦୁନିଆକୁ ପ୍ରତ୍ୟୟ ଦିଆଇବା
'ମୃତ୍ୟୁ' କେବଳ ସଂଜ୍ଞାହୀନ ନାମଟିଏ
ଜୀବନର ମାନେ ଖାଲି
ଅନ୍ୟ ପାଇଁ ବଞ୍ଚିବା।
ତମେ ଆଜିକାଲି
ବଡ ଦୁଷ୍ଟ ହେଲଣି
ଆଗୁଆ ସୂଚନା ନଦେଇ
ବେଳେବେଳେ ଧସେଇ ପଶିଆସୁଛ
ମୋ' ନିଶ୍ଚୁପ ବଗିଚା ଭିତରକୁ
ଝଡପର ଆକାଶର
ଇଗଲଟିଏ ଭଳି
ପତ୍ର ଝଡିବା ଶବ୍ଦରେ
ଗଜଲଟିଏ ତୋଳି।
ହାତଧରି ନେଇଯାଅ
କେଉଁ ଏକ ଅଜଣା ସହରକୁ
ନଭଶ୍ଚୁମ୍ବୀ ଅଟ୍ଟାଳିକା ଯହିଁ
ନିଃଶବ୍ଦତାର ତରବାରୀରେ
ଶାଣ ଦେଇ ସଜବାଜ ହେଉଥା'ନ୍ତି
ପରସ୍ପରର ଦୀର୍ଘନିଃଶ୍ୱାସ ନିଃସୃତ
ଅସହାୟ କ୍ଷଣମାନଙ୍କର
ପକ୍ଷ ଛେଦିବାକୁ।
ସେ ସମୟେ
ଶୋଇବାକୁ ଚାହିଁଲେବି
ଶୋଇହୁଏ ନାହିଁ
ଅଣନିଃଶ୍ୱାସପଣର କୁହୁଡି ଭିତରେ
ନିଦ ଆସେ
ସ୍ୱପ୍ନ ଆସେ
ସ୍ୱପ୍ନରେ ବି ସ୍ୱପ୍ନ ଦେଖେ
ଏପଟ ସେପଟ ଖାଲି କଡ ଲେଉଟାଇ।
ଏ ବଞ୍ଚିବା ମରିବାରେ
କି ପାର୍ଥକ୍ୟ ଥାଏ !
ମୁଁ କିନ୍ତୁ ପ୍ରତିଟି ରାତିରେ
ଏଇମିତି ଦରମରା ହୋଇ
ବଞ୍ଚୁ ବଞ୍ଚୁ ମରିବାକୁ ଚାହେଁ।

ଭୁବନେଶ୍ୱର

# ଶେଷ ଚିଠି

## ଦୁଷ୍ମନ୍ତ ବେହେରା



ଫରଦ କହୁଛି ମୋ ଶେଷ ପୃଷ୍ଠା
ମନ ଅକ୍ଷର କହେ ଝାପ୍ସା
ହେବାକୁ ମୋର ଅଳପ ବାକି
ପଢ଼ିଲେ ଝରେ ଶ୍ରାବଣ ଏଇ।
ମନ ପକ୍ଷୀ ତୁମ ପ୍ରେମ ଝୁରେ
ହୃଦୟ ରଖିଛି ସାଇତି ଲଫାପା
ପୁରୁଣା ହେଲାଣି ସନ୍ତକ ତୁମର
ଲିଭି ନାହିଁ ହୃଦୟରୁ ସ୍ମୃତି ଦାଗ।
ପ୍ରେମ ଝରକା ଏପାଖେ ଚାହିଁଛି
ଆସିବ ତମେ ପ୍ରେମ ପରଶ ନେଇ
ମିଛରେ କହି ମନକୁ ବୁଝେଇଲ
ସମୟ ଶେଷରେ ଇତି ଲେଖି।
ମୁଁ ଏଠି ଦିନର ଅପେକ୍ଷାରେ
ସମୟ ବିତେ ତୁମେ ଗଲାପରେ
ଶେଷ ଚିଠିକୁ ଧରି କହେ
ଜୀବନ ସରେ ଶେଷ ବାଟକୁ ଚାହିଁ।
ପ୍ରେମ ପ୍ରକୃତିର ଦାନ ଚିଠି ଆଜି
ଅଛି କାଲି ଚିରି ଯିବ ରହିଥିବ
ତୁମ ପ୍ରେମ ଦାଗ ବେଳ ଥିଲେ
ଖୋଲି ପଢ଼ିବ ଶେଷ ଚିଠି।
ରାତିର ତାତିରେ ଦେହ ତାତେ
ଯଉବନ କହେ କାକର ଛୁଇଁ
ଆସିବ ଥରେ ପ୍ରିୟା ସାଥି
ହୋଇ ପଢ଼ିବା ଶେଷ ଚିଠି।
ତୁମ ବାଟର ମନ ସାକ୍ଷୀ
ଏଇ ଇଏତ ଶେଷ ଚିଠି

ରାସୋଳ, ମୁଣ୍ଡିଆପଷି
ଢ଼େଙ୍କାନାଳ
ଦୂରଭାଷ : ୬୩୭୨୨୨୬୭୨୨

## ପାଠକୀୟ ମତ

# ସଖୀ କଣ୍ଢେଇ

## ଶ୍ୱେତପଦ୍ମା ପାଢ଼ୀ




ଇଂରାଜୀରେ ଲେଖାଲେଖି କରୁଥିବା ଶ୍ୱେତପଦ୍ମା ନିଜ ମାତୃଭାଷାରେ ପ୍ରଥମ ଉପନ୍ୟାସ ରଚନା କରିବା କଥାଟି ଖୁବ ପ୍ରଶଂସନୀୟ। ଉପନ୍ୟାସଟିକୁ ସେ ଉତ୍ସର୍ଗ କରିଛନ୍ତି ସମଗ୍ର ନାରୀଜାତିଙ୍କ ଉଦ୍ଦେଶ୍ୟରେ। ନାରୀର କୋମଳ, ସ୍ନେହୀ, ଦୟାଶୀଳା ଏବଂ ମମତାମୟୀ ରୂପ ବି ଅଭାବ, ଅସୁବିଧା, ପରିସ୍ଥିତିକୁ ନେଇ ଆବଶ୍ୟକ ସ୍ଥଳେ ଦାମ୍ଭିକ, ଦୁର୍ଗତି ନାଶିନୀ ସାଜିପାରେ, ତାହା ସେ ଉକ୍ତ ଉପନ୍ୟାସରେ ବର୍ଣ୍ଣନା କରିଛନ୍ତି। ତାଙ୍କ ରଚିତ 'ସଖୀ କଣ୍ଢେଇ' ନାମକ ଏହି ଉପନ୍ୟାସଟି ରହସ୍ୟ ରୋମାଞ୍ଚରେ ପରିପୂର୍ଣ୍ଣ। ବହିଟିକୁ ପଢିଲା ବେଳେ ଗୋଟିଏ ସସ୍ପେନସ୍ ଥ୍ରୀଲର ଦେଖିଲା ଭଳି ଅନୁଭବ ପାଠକ ପାଇବେ। ଶୀର୍ଷକ ଅନୁଯାୟୀ ପ୍ରଚ୍ଛଦ ଚିତ୍ରଣ ଆକର୍ଷଣୀୟ ଏବଂ ଯଥାର୍ଥ। ପ୍ରଚ୍ଛଦ ଦେଖିଲେ ହିଁ କାହାଣୀର ସମ୍ୟକ ଧାରଣା ପାଠକଙ୍କୁ ବହିଟିକୁ ପଢିବା ପାଇଁ ଆକର୍ଷିତ କରିବ। ସତ କହିବାକୁ ଗଲେ ପ୍ରଚ୍ଛଦ ଯୋଗୁଁ ବହି ଥାକରେ କିମ୍ବା ପୁସ୍ତକ ମେଳାରେ, ଯେଉଁଠି ବି ବହି ଟି ଥାଉ, ଦେଖିବା ଲୋକଟି ନିଶ୍ଚୟ ଉତ୍ସାହର ସହିତ କିଛି ପୃଷ୍ଠା ଓଲଟେଇ ଦେଖିବାକୁ ବାଧ ହେବ। ଏକ କାଳ୍ପନିକ କାହାଣୀକୁ ସଫଳତାର ସହ ଅବତାରଣା କରିଛନ୍ତି ଔପନ୍ୟାସିକା, ଯାହା ପାଠକ ମାନଙ୍କୁ ଛୁଇଁବ ବୋଲି ଆଶା। ନାରୀମନର ସମ୍ବେଦନାକୁ ଖୁବ ନିକଟରୁ ସେ ଅନୁଭବ କରିଛନ୍ତି, ଯାହାର ପ୍ରମାଣ କାହାଣୀର ରଚନାଶୈଳୀରେ ପ୍ରମାଣିତ। କାହାଣୀ ମଝିରେ ପଂକ୍ତି ମାଧ୍ୟମରେ ତାଙ୍କର ମନୋଭାବ ବ୍ୟକ୍ତ କରି ସେ ତାଙ୍କ ଭିତରେ ଲୁଚି ରହିଥିବା କବିର ଭାବନାକୁ ଯଥେଷ୍ଟ ସମ୍ମାନ ଜଣାଇଛନ୍ତି। ମାତ୍ର ପଂକ୍ତିଗୁଡିକ ମଧ୍ୟ ଭାଗରେ ନ ରହି ଶେଷରେ ରହିଥିଲେ ଏହା ପାଠକକୁ କାହାଣୀର ଧାରାବାହିକତାକୁ ଅନୁଭବ କରିବାରୁ ବିରତ କରିବ ନାହିଁ ବୋଲି ମୋର ନିଜସ୍ୱ ମତ।

ଉପନ୍ୟାସରେ ରହିଛି ଦୁଇ ସଖୀଙ୍କ ବନ୍ଧୁତାର କଥା, ଯାହା ଜଣଙ୍କର ମୃତ୍ୟୁ ପରେ ମଧ୍ୟ ପୂର୍ବଭଳି ନିବିଡ଼ ରହିଛି। ବାନ୍ଧବୀର ଅଶରୀରି ଆତ୍ମାର ସାହାଯ୍ୟରେ କାହାଣୀର ମୁଖ୍ୟ ଚରିତ୍ର ରାଗିଣୀ ଉଭୟଙ୍କ ସହ ହୋଇଥିବା ଅତ୍ୟାଚାରର ପ୍ରତିଶୋଧ ନେଇଛି। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅନେକ ରହସ୍ୟ ଓ ଅବିଶ୍ୱସନୀୟ ଘଟଣା ପୁସ୍ତକ ପଢ଼ିବାର କୌତୁହଳକୁ ବଜାୟ ରଖିବ। ସତ କହିବାକୁ ଗଲେ କାହାଣୀର ଉପସଂହାର କିଭଳି ହେବ, ତାହା ଜାଣିବାକୁ ଖୁବ ଆଗ୍ରହ ହେବ ଏବଂ ଯା ଭିତରେ କେତେବେଳେ ପୁସ୍ତକ ପଠନ ଶେଷ ହୋଇଯିବ, ତାହା ପାଠକକୁ ଜଣା ମଧ ପଡିବ ନାହିଁ।

ମୋଟାମୋଟି ଭାବରେ 'ସଖୀ କଣ୍ଢେଇ'ର ରଚୟିତା, ଶ୍ୱେତପଦ୍ମା, ଯିଏ ନିଜେ ଦେଖିବାକୁ ଜଣେ କଣ୍ଢେଇ ଭଳି, ଏହା ତାଙ୍କର ଏକ ସଫଳ ସୃଷ୍ଟି ରୂପେ ବିବେଚିତ ହେବ ବୋଲି ବିଶ୍ୱାସ ଓ କାମନା। ନୂଆ ନୂଆ ଲେଖୁଥିବା ଯୁବପିଢ଼ିଙ୍କ ସାହିତ୍ୟ ପ୍ରତି ଏଇ ସମର୍ପିତ ଭାବନାକୁ ସ୍ୱାଗତ ଜଣାଉଛି। ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ଓ ପ୍ରସାର ପାଇଁ ଏଭଳି ବିନ୍ଧାଣୀଙ୍କର ଆବଶ୍ୟକତା ସବୁବେଳେ ରହି ଆସିଛି। ଶ୍ୱେତପଦ୍ମା ଆହୁରି ଅଧିକରୁ ଅଧିକ ଲେଖନ୍ତୁ ଏବଂ ପାଠକ ମାନଙ୍କୁ ଏଭଳି ଅନେକ ପୁସ୍ତକ ଭେଟି ଦିଅନ୍ତୁ।

- ଶ୍ରୁତକୀର୍ତ୍ତି ତ୍ରିପାଠୀ

# କବିତାର କଥା

(ଭାଗ-୯୨)



## ଉମାକାନ୍ତ ରାଉତ



# ବୟସକୁ ଯେବେ ଫ୍ରକ୍ ନିଅଣ୍ଟ ହୁଏ...

ଜହ୍ନ ତାଙ୍କୁ ନୂଆ ଭୁଆସୁଣୀର ମୁହଁ ପରି ଭଲ ଲାଗେ। ପଲଙ୍କରେ ମୁହଁ ପୋତି ଅଧା ଲାଜୁଆ ହୋଇ ହସୁଥିବା ତାଙ୍କ ମନ ଓଠର ବନ୍ଦରରେ ଜାହାଜେ ଗେଲକୁ ଅଟକେଇ ଦେଇପାରେ। ତାଙ୍କୁ ବି ଭଲ ଲାଗେ ଅନ୍ଧାର ଘର ଭିତରେ ମୃଦୁ ମୃଦୁ ପାଣିକାଚର ଶବ୍ଦ, ପବନର ଗୁପ୍ ଚୁପ୍ କଥା ଆଉ ଅଳସ ପତା ଭିତରେ ଚେଇଁ ଶୋଇଥିବା ସ୍ୱପ୍ନିଳ ନିଦ। ଅଳତା ବୋଳା ରଂଗର ଅଙ୍କାବଙ୍କା ଚାଲିର ପାଉଁଜି ଝଙ୍କାର ଶୁଣିବାକୁ କବି ଖୁବ୍ ଆତୁର।

ସ୍ୱଅନୁଭବର କାବ୍ୟିକ ପ୍ରକାଶ କରି ସେ ଜଣେଇ ଦିଅନ୍ତି ଯେ ଅଭିମାନକୁ ପାପୁଲିରେ ଆଉଁସି ଦେଲେ ବର୍ଷା ଥମିଯାଇ କଅଁଳିଆ ଖରା ଟହଲ ମାରେ। ସେଇ କଅଁଳିଆ ଖରାକୁ ଦେଖି ତାଙ୍କର ପୁଣି ମନ ହୁଏ - ଆଉ ଥରେ ତା'ର ସ୍ୱପ୍ନବୁଣା ଆଖିରୁ ଆଡରୁଷା ମେଘ ଅସରା ଅସରା ହୋଇ ବର୍ଷନ୍ତା କି ?

ଏସବୁ ପରେ ଯେଉଁ କଥାଟି କବିଙ୍କୁ ଭାରି ଭଲ ଲାଗେ ସେକଥା କହିବ ଏଇ ପଂକ୍ତି -

"ବେଳେବେଳେ ଭଲ ଲାଗେ ମୃତ୍ୟୁ ପାଖେ
ହାରିବାକୁ ବିନା ଯୁଦ୍ଧେ
ଯେତେବେଳେ ନଦୀ କହେ ନାହିଁ ନାଆ
ନୈରତ କୋଣରୁ ବହେ ନାହିଁ ବାଆ
ମନ କହେ, ମନୁଆରେ
କେହି ତୋର ସାହା ନାହିଁ
ତୁ ତୋ' ଚଲାପଥେ ବାଟୋଇ ଏକେଲା।"

କବି ସତ୍ୟବାଦୀଙ୍କ ଛଡ଼ା ଆଉ କିଏ ବୁଝିପାରେ ଯେ ବୟସକୁ ଯେଉଁଦିନୁ ଫ୍ରକ୍ ନିଅଣ୍ଟ ହୁଏ ସେଇଦିନୁ ଆଣ୍ଠୁଏ ପାଣିରେ ବେଣୀ ତିନ୍ତଯାଏ ବୋଲି !

ସତ୍ୟବାଦୀଙ୍କ ଛଡ଼ା କିଏ ଗାଁ ଟାଉଟରର ଲମ୍ବାଳିଆ ହସକୁ ସୂର୍ଯ୍ୟର ମୁନିଆଁ କିରଣ ସହ କରିପାରିବ ତୁଳନା ?

ଆକାଶ ଛାତିରେ ମଥା ରଖି ଶୋଇଥିବା ଛୋପରୀ ଜହ୍ନକୁ ଦେଖି ସେ କହିପାରନ୍ତି - ଜହ୍ନ ଏକ ଭୁଲ୍ ଠିକଣାରେ ଆସିଥିବା ମାମୁଲି ପାର୍ଶଲ୍ ଏବଂ ବର୍ଷାକୁ କରିଦେଇପାରନ୍ତି ମେଘରୁ ମାଟି ଯାଏଁ ଲମ୍ବିଥିବା ଗୋଟେ ପିଚ୍ଛିଳ ପାହୁଲ।

ଶେଷ ଋତୁର ପ୍ରସ୍ଥାନ ପରେ ବି ଡ୍ରାମାବାଜିରେ କବି ନିଦ ଓ ନିଦ ସଙ୍ଗେ ମହୁଲି ସପନ ମାଗୁଥିଲାବେଳେ ତାଙ୍କୁ ମିଳେ ଜହ୍ନର କଳଙ୍କ, ସୂର୍ଯ୍ୟର ଦର୍ପଣ, ପବନର ଦୀର୍ଘଶ୍ୱାସ, ପତ୍ରଙ୍କର ଶୋକ ଆଉ ଗୋଟେ ନିର୍ବାକ୍ ପୃଥିବୀ। !

ସେଥିପାଇଁ ତାଙ୍କ ସ୍ୱପ୍ନର ଭୁଆସୁଣୀ କ୍ଷେତ ଉଜୁଡି ଯାଇଥିବାରୁ ସେ ନିଜକୁ ପୃଥିବୀର ସର୍ବଶ୍ରେଷ୍ଠ ଦୁଃଖୀ ବୋଲି ମନେ କରନ୍ତି। ଆଉ ସୁନାକୁ ଖାଦ ପରି ଦୁଃଖକୁ ଜୀବନର ଅଳଙ୍କାର ପାଇଁ ନିହାତି ଏକ ଅପରିହାର୍ଯ୍ୟତା ମନେ କରି ଅକାତକାତ ପାଣିର ଗଣ୍ଡରେ ନିଜକୁ ସଜେଇ ଦିଅନ୍ତି ଗୋଟେ ଇଲିସି ମାଛ !

କହିବା ବାହୁଲ୍ୟ ଯେ ଶ୍ରେଷ୍ଠ ଦୁଃଖୀ, ସ୍ୱପ୍ନର ଭୁଆସୁଣୀ କ୍ଷେତ ପରି ମେଟା'ର୍ କେବଳ ସତ୍ୟବାଦୀଙ୍କ ଭଳି ପୋଖତ କବିମାନେ ହିଁ କରିପାରନ୍ତି। ନିମ୍ନ ପଂକ୍ତିରୁ ତାଙ୍କ କବିତାର ଚାଲିକୁ ଲକ୍ଷ୍ୟ କରାଯାଉ ——

"ସକାଳ ହେଲେ ବି ରାତି ପାଏ ନାଇଁ
ଦୁଃଖର ନିଆଁରେ ଜଳି ଯାଇଥିବା ଆଖିର
କି ସମ୍ପର୍କ ?
ନର୍ସର ଧଳା ଶାଢ଼ୀ ବା ଖରାର ଧୋତୀରେ
ତୋ' ଆଖିର ତାଟି ତେଣୁ ସାରା ରାତି
ମେଲା
ରାତି ହେଉ ଡେଙ୍ଗା ବା ବାଂଗେରା
ଷଣ୍ଢ ପରି ଧପାଳି ଆସିଚି ଲୁହ ତୋ ମୁହଁର
ସୋରିଷ କ୍ଷେତକୁ।"
(ଉର୍ମିଳାର ଅସରନ୍ତି ରାତିମାନେ)

*(କ୍ରମଶଃ)*

କଥା ହୁଅନ୍ତୁ : ୯୪୩୭୨୬୭୧୨୫



# କାହା ମନମାନିରେ ଚାଲିଛି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ !

**ଜଗତସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ସମୁଦାୟ ୧୦୧ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ବହୁ ସରକାରୀ ଅଧିକାରୀ ଅନୁପସ୍ଥିତ ଥିବାର ଦେଖିବାକୁ ମିଳିଥିଲା। ସରକାରୀ ବାବୁମାନଙ୍କ ପାଇଁ ଥିବା ଚେୟାର ଗୁଡିକରେ ସରକାରୀ ଅଧିକାରୀମାନେ ଅନୁପସ୍ଥିତ ଥିବା ବେଳେ ଚେୟାର ଗୁଡିକରେ ମାଛି ସବୁ ବସି ଅଭିଯୋଗ ଶୁଣାଣି କରୁଥିଲେ ବୋଲି ବାହାରେ ଆଲୋଚନା ହେଉଥିଲା। ଏହି ଜନଶୁଣାଣି ଶିବିରଟି ଜିଲ୍ଲାପାଳ ପାରୁଲ ପଟ୍ୱାରୀଙ୍କ ଅଧ୍ୟକ୍ଷତାରେ ହେଉଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସଚିଦାନନ୍ଦ ସାହୁ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ କିମ୍ବା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଖିଳେଶ୍ୱର ସିଂହ ଉପସ୍ଥିତ ନଥିଲେ। ସେହିପରି ଆରକ୍ଷୀ ଅଧୀକ୍ଷକଙ୍କ ଅନୁପସ୍ଥିତିରେ ଜିଲ୍ଲା ଉପ-ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା ବି ଉପସ୍ଥିତ ନଥିଲେ। କେବଳ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ଜଗତସିଂହପୁର ରମେଶ ଚନ୍ଦ୍ର ସିଂହ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରକୁ ଜିଲ୍ଲାର ବିଭିନ୍ନ ଅଂଚଳରୁ ବହୁ ଅଭିଯୋଗକାରୀ ଆସୁଥିଲେ ବି ସେମାନଙ୍କ ବସିବାପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ ବରଂ ସେମାନେ ତଳେ ବସୁଥିବାର ଦେଖିବାକୁ ମିଳୁଛି। ଏପରିକି ଭିନ୍ନକ୍ଷମ ମାନଙ୍କ ବସିବା ନିମନ୍ତେ କୌଣସି ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଉନାହିଁ। ସବୁଠାରୁ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଛି ଯେ ଅଭିଯୋଗ ଶୁଣିବା ନିମନ୍ତେ ଉପସ୍ଥିତ ଥିବା ସରକାରୀ ଅଧିକାରୀମାନେ ଅଭିଯୋଗକାରୀଙ୍କ ଅଭିଯୋଗକୁ ଗ୍ରହଣ କରି ତାକୁ ସଠିକ୍ ଭାବେ ନଦେଖି ବିଭିନ୍ନ ବ୍ଲକ ଅଂଚଳର ଅଧିକାରୀମାନଙ୍କ ନିକଟକୁ ପଠାଇବା ପରିବର୍ତେ ଭୁଲ୍ ଭାବେ ଅନ୍ୟ ସ୍ଥାନକୁ ପଠାଇ ଦେଉଛନ୍ତି। ଫଳରେ ଅଭିଯୋଗ ଶିବିରଟି ଏକପ୍ରକାର ଖତଗଦାରେ ପଡିଲା ପରି ଲାଗୁଛି। ଏଥିପାଇଁ ଅଭିଯୋଗକାରୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟି ଥିବାବେଳେ ସେମାନଙ୍କ ଅଭିଯୋଗ ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ନେଇ ସୂଚନା ଅଧିକାର ଆଇନ ଉପରେ ସୂଚନା ମାଗୁଥିଲେ ବି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଉନାହିଁ। ଯେଉଁ କିଛି ତଥ୍ୟ ପ୍ରଦାନ କରାଯାଉଛି ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ତଥ୍ୟ ଥିବାର ଦେଖିବାକୁ ମିଳୁଛି। ଜଗତସିଂହପୁର ଜିଲ୍ଲାରେ ଏପରି ଜନଶୁଣାଣି ଅଭିଯୋଗ ଉପରେ ବିଭାଗୀୟ ମନ୍ତ୍ରୀ ବା ୫ଟି ସଚିବ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଯାଏ ଗରିବ ...

୪୬.୫୦% ରେ ରହିଥିଲା। ମାତ୍ର ଦଶନ୍ଧି ମଧ୍ୟରେ ସମଗ୍ର ଦେଶରେ ସର୍ବାଧିକ ପରିମାଣର ଗରିବ ହ୍ରାସ ହୋଇଥିବା ନେଇ ବାହାସ୍ଫୋଟ ମାରୁଥିବା ଓଡ଼ିଶା ସରକାର ୨୦୦୪-୦୫ରେ ଦାରିଦ୍ର୍ୟ ହାର ୫୭.୨% ଥିବାବେଳେ ସେଥିରେ ୨୪.୬% ହ୍ରାସ ପାଇ ୨୦୧୧-୧୨ରେ ୩୨.୫୯%ରେ ରହିଥିଲା। ଆଉ ଗତ ଦଶନ୍ଧି ମଧ୍ୟରେ ପ୍ରାୟ ୮୦ଲକ୍ଷ ଲୋକ ଗରିବ ସୀମାରେଖା ତଳୁ ଉପରକୁ ଉଠିଛନ୍ତି ବୋଲି ଓଡ଼ିଶା ସରକାର ଦାବି କରୁଛନ୍ତି । ଗତ ଦୁଇଦିନ ତଳେ ଆନ୍ତର୍ଜାତିକ ଦାରିଦ୍ର୍ୟ ଦୂରୀକରଣ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ ମାଧ୍ୟମରେ କହିଥିଲେ ଯେ ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଗରିବ ରାଜ୍ୟରୁ ସର୍ବାଧିକ ଦାରିଦ୍ର୍ୟ ହ୍ରାସ କରିପାରିଛି। ପ୍ରାୟ ୨୫% ଦାରିଦ୍ର୍ୟ ହ୍ରାସ ଓଡ଼ିଶା କରିଛି। ବିକାଶ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ସାମଗ୍ରିକ ପଦକ୍ଷେପଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ସଂକଳ୍ପବଦ୍ଧ ବୋଲି କହିଥିଲେ। ତେବେ ପ୍ରଶ୍ନ ଉଠୁଛି, ଜାତିସଂଘର ରିପୋର୍ଟ ଅନୁସାରେ ବିହାର ଗତ ୧୫ ବର୍ଷ ମଧ୍ୟରେ ୪୨.୭୦% ଓ ଝାଡ଼ଖଣ୍ଡ ୩୨.୪୦% ପ୍ରତିଶତ ଦାରିଦ୍ର୍ୟ ହ୍ରାସ କରିଥିବାବେଳେ ଓଡ଼ିଶା ମାତ୍ର ୨୫% ଦାରିଦ୍ର୍ୟ ହ୍ରାସ କରିପାରିଛି। ଯଦି ଓଡ଼ିଶାରେ ଆର୍ଥିକ ଅଭିବୃଦ୍ଧି ଜାତୀୟ ହାରଠୁ ଅଧିକ ଓ ଦ୍ରୁତ ବିକାଶ ହେଉଛି ତା'ହେଲେ ପଶ୍ଚିମବଙ୍ଗ ଭଳି ଓଡ଼ିଶା କାହିଁକି ଦେଶର ଅତ୍ୟଧିକ ଗରିବ ରାଜ୍ୟ ତାଲିକାରୁ ବାଦ୍ ପଡ଼ିଲା ନାହିଁ। ଓଡ଼ିଶାରେ ଦ୍ରୁତ ଦାରିଦ୍ର୍ୟ ହ୍ରାସ ନେଇ ଜାତିସଂଘ ରିପୋର୍ଟରେ କାହିଁକି କିଛି ଉଲ୍ଲେଖ ହେଲାନି ଓ ସର୍ବାଧିକ ଦାରିଦ୍ର୍ୟ ହ୍ରାସ(୨୫%)କୁ ନେଇ ସରକାର ଆଉ କେତେ ଦିନ ବାହାସ୍ଫୋଟ ମାରିବେ? ଏମପିଆଇ-୨୦୨୨ ରିପୋର୍ଟ ଅନୁସାରେ, ଅବଶ୍ୟ ୨୦୧୫-୧୬ରୁ ୨୦୧୯-୨୧ ମଧ୍ୟରେ ଦାରିଦ୍ର୍ୟ ହ୍ରାସ ହାର ଭାରତରେ ଅପେକ୍ଷାକୃତ ଦ୍ରୁତ ଓ ଅଧିକ ରହିଛି। ୨୦୦୫-୦୬ରୁ ୨୦୧୫-୧୬ ମଧ୍ୟରେ ଦାରିଦ୍ର୍ୟ ହ୍ରାସ ହାର ୮.୧% ଥିବାବେଳେ ୨୦୧୫-୧୬ରୁ ୨୦୧୯-୨୧ ମଧ୍ୟରେ ଏହା ୧୧.୯% ରହିଛି । ୨୦୦୫-୦୬ରୁ ୨୦୧୫-୧୬ ମଧ୍ୟରେ ସମଗ୍ର ଦେଶରେ ୨୭.୫୦କୋଟି ଲୋକ ଗରିବ ସୀମାରେଖାରୁ ଉପରକୁ ଉଠିଥିବାବେଳେ ୨୦୧୫-୧୬ରୁ ୨୦୧୯-୨୧ ମଧ୍ୟରେ ଆଉ ୧୪ କୋଟି ଲୋକଙ୍କ ଜୀବନଧାରଣ ମାନରେ ପରିବର୍ତ୍ତନ ହୋଇଛି। ଅର୍ଥାତ ୨୦୦୫-୦୬ରୁ ୨୦୧୯-୨୧ ମଧ୍ୟରେ ମୋଟ ୪୧.୫୦କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିପାରିଛନ୍ତି। ଅବଶ୍ୟ କୋଭିଡ୍ ମହାମାରୀ ଯୋଗୁ ଦେଶରେ ସମ୍ପୂର୍ଣ୍ଣ ସର୍ଭେ ବା ଆକଳନ ସମ୍ଭବ ହୋଇପାରିନି। ତେବେ ଏହି ରିପୋର୍ଟ ପାଇଁ ଜନସଂଖ୍ୟା ଓ ସ୍ୱାସ୍ଥ୍ୟ ସର୍ଭେର ୭୧ ପ୍ରତିଶତ ତଥ୍ୟ କୋଭିଡ୍ ମହାମାରୀ ପୂର୍ବରୁ ସଂଗ୍ରହ କରାଯାଇଥିଲା। ଏମପିଆଇ ୨୦୧୯-୨୧ ତଥ୍ୟ ଅନୁସାରେ ଭାରତର ମୋଟ ଜନସଂଖ୍ୟାର ୧୬.୪% ଲୋକ ଏବେବି ଗରିବ ସୀମା ରେଖା ତଳେ ରହୁଛନ୍ତି।

### ଖୋଲିବ କି ...

ସେମାନେ କେଉଁଠୁ ଟଙ୍କା ଆଣୁଥିଲେ? କାହାକୁ ଦେଉଥିଲେ? ସେସବୁର ତଦନ୍ତ ଚାଲିଛି। ଆଗକୁ ଏହା ଅଧିକ ସ୍ପଷ୍ଟ ହେବ ବୋଲି ଡିସିପି କହିଛନ୍ତି। କମିଶନରେଟ୍ ପୁଲିସର ୨୦ ଜଣିଆ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ସତ୍ୟବିହାର ସ୍ଥିତ ଆଲିସାନ କୋଠାରେ ଚଢ଼ଉ କରିଥିଲା। ଆଉ ସେହି ଘରୁ ଉଠାଇ ଆଣି ଗିରଫ କରିଥିଲା ପୁଲିସ। ଗିରଫଦାରୀ ପୂର୍ବରୁ ଆଗୁଆ ଜାମିନ୍ ଆବେଦନ ପ୍ରକ୍ରିୟା ଆରମ୍ଭ କରିଥିଲେ ଜଗବନ୍ଧୁର ଓକିଲ। ଶୁକ୍ରବାର ପୂର୍ବାହ୍ନ ୧୧ଟା ୪୭ ମିନିଟ୍ରେ ଜାମିନ ଆବେଦନ ଫାଇଲ୍ ହୋଇଥିବାବେଳେ ତା'ପୂର୍ବରୁ ଅର୍ଥାତ ଶୁକ୍ରବାର ଭୋରରୁ ଜଗବନ୍ଧୁକୁ ପୁଲିସ ଘରୁ ଉଠାଇ ଆଣିଥିଲା। ତେଣୁ ଚର୍ଚ୍ଚା ହେଉଛି, ଆଗୁଆ ଜାମିନ ଆବେଦନର ଗନ୍ଧ ବାରି ପୁଲିସ ଆଗୁଆ ଗିରଫ କରିଥିଲା ଜଗବନ୍ଧୁଙ୍କୁ। ଗିରଫ କରି ଜଗବନ୍ଧୁଙ୍କୁ ମେଡ଼ିକାଲ୍ ନେବା ବେଳେ ସେ ଅସୁସ୍ଥ ଥିବା ଦେଖିବାକୁ ମିଳିଛି। ତାଙ୍କ ତଣ୍ଟି ପାଖରେ ଏକ ନଳୀ ସଂଯୋଗ କରାଯାଇଛି। ତାଙ୍କ ଓକିଲଙ୍କ କହିବା କଥା, ଗତ ୨ ବର୍ଷ ହେଲା ଏଭଳି ଅସୁସ୍ଥ ଅଛନ୍ତି ଜଗବନ୍ଧୁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଅର୍ଚ୍ଚନା ଫାଶରେ ଯେତିକି ଫସିଛନ୍ତି, ତା'ଭିତରେ ଅଛନ୍ତି ୨୫ରୁ ଅଧିକ ନେତା। ଆଉ ଯେଉଁ ୧୮ ବିଧାୟକ ଅଛନ୍ତି, ସେଥିରୁ ଅଧିକାଂଶ ବିଜେଡିର ବୋଲି ଚର୍ଚ୍ଚା ହେଉଛି। ଅର୍ଚ୍ଚନା-ଜଗବନ୍ଧୁ ଉଭୟେ ନିଜକୁ ବିଜେଡି ସଦସ୍ୟ ବୋଲି ମଧ୍ୟ ସୋଶାଲ୍ ମିଡ଼ିଆ ଆକାଉଣ୍ଟରେ ଦର୍ଶାଇଛନ୍ତି। ତେଣେ କଳାହାଣ୍ଡିରୁ କ୍ୟାପିଟାଲ୍ ଯାଏଁ ଲମ୍ବିଥିବା ରାଜ୍ୟର ସବୁଠୁ ବଡ଼ ସେକ୍ସ ସ୍କାଣ୍ଡାଲ୍ ବୋଲି ଚର୍ଚ୍ଚା ହେଉଥିବା ଏହି ମାମଲାରେ ପୁଲିସ ତଦନ୍ତର ଗତିକୁ ନେଇ ହୁଲସ୍ଥୁଲ୍ ରାଜ୍ୟ ରାଜନୀତି।

### ହେଟସ୍ପିଚ୍‌କୁ ନେଇ ...

ସୁପ୍ରିମକୋର୍ଟ ଆହୁରି କ୍ଷୁବ୍ଧ ହୋଇଛନ୍ତି। ସରକାର ହେଟସ୍ପିଚ୍ ବିରୋଧରେ ପଦକ୍ଷେପ ଗ୍ରହଣ କରନ୍ତୁ ନଚେତ ଅଦାଲତ ଅବମାନନାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଧର୍ମ ନିର୍ବିଶେଷରେ ହେଟସ୍ପିଚ୍ ଦେଉଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ଦିଲ୍ଲୀ, ଉତ୍ତର ପ୍ରଦେଶ ଓ ଉତ୍ତରାଖଣ୍ଡର ପୁଲିସ୍ ମୁଖ୍ୟମାନେ ହେଟସ୍ପିଚ ଘଟଣାରେ କ'ଣ ସବୁ ପଦକ୍ଷେପ ଏଯାଏ ନେଇଛନ୍ତି, ତା'ର ରିପୋର୍ଟ ଦେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ଧର୍ମ ନିରପେକ୍ଷ। ତେଣୁ ହେଟସ୍ପିଚକୁ ଅପରାଧିକ ମାମଲା ଭାବେ ବିବେଚନା କରାଯାଉ ବୋଲି କୋର୍ଟ କହିଛନ୍ତି। ହେଟସ୍ପିଚ ବିରୋଧରେ ହୋଇଥିବା ଗୋଟିଏ ଆବେଦନ ଶୁଣାଣି କରି ଶୁକ୍ରବାର ସୁପ୍ରିମକୋର୍ଟ ଜୁନିୟର ଅଫିସରମାନଙ୍କୁ ତୁରନ୍ତ ହେଟସ୍ପିଚ୍ ଦେଉଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ହେଟସ୍ପିଚ ଭଳି ମାମଲାରେ ହସ୍ତକ୍ଷେପ କରିବାର ଦାୟିତ୍ୱ ସୁପ୍ରିମକୋର୍ଟଙ୍କର ରହିଛି। ହେଟସ୍ପିଚ ଅତ୍ୟନ୍ତ ଗମ୍ଭୀର ମାମଲା। ଭାରତର ସମ୍ବିଧାନ ଆମକୁ ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ରର ମାନ୍ୟତା ଦେଇଛି। ଦେଶରେ ଘୃଣାର ପ୍ରଚାର କରୁଥିବା ଭାଷଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇପିସିରେ ଉପଯୁକ୍ତ ପ୍ରାବଧାନ ରହିଛି। ତଥାପି ସମସ୍ତେ ଚୁପ ରହୁଛନ୍ତି। ଆମକୁ ପ୍ରଚଳିତ ଆଇନକୁ ପାଳନ କରିବାକୁ ପଡ଼ିବ। ଯଦି ବି କେହି ଅଭିଯୋଗ କରୁନାହାନ୍ତି, ତା'ହେଲେ ପୁଲିସ୍ ନିଜ ଆଡୁ ତୁରନ୍ତ ମାମଲା ରୁଜୁ କରୁ। ଯଦି ଏଥିରେ ବ୍ୟତିକ୍ରମ ହେବ, ତା'ହେଲେ ଅଧିକାରୀଙ୍କ ବିରୋଧରେ ମଧ୍ୟ ଅବମାନନା ମାମଲା ଚାଲିବ। ସୁପ୍ରିମକୋର୍ଟ ହେଟସ୍ପିଚ ଦେଉଥିବା ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି କହିଛନ୍ତି। ଧର୍ମ ନିର୍ବିଶେଷରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଘୃଣାର ମାହୋଲ ଏବେ ଦେଶରେ ଅଧିକ ହେଲାଣି। ଏବେ ଦିଆଯାଉଥିବା ବୟାନ ଅତ୍ୟନ୍ତ ବିଚଳିତ କରୁଛି। ଏପରି ବୟାନକୁ କେବେ ହେଲେ ସହ୍ୟ କରାଯାଇ ପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜଷ୍ଟିସ କେଏମ ଯୋଶେଫ ଓ ଜଷ୍ଟିସ ଋଷିକେଶ ରାୟଙ୍କ ଖଣ୍ଡପୀଠ କହିଛନ୍ତି, ଏକବିଂଶ ଶତାବ୍ଦୀରେ ଏସବୁ କ'ଣ ହେଉଛି? ଧର୍ମ ନାଁରେ ଆମେ ଆଜି କେଉଁଠି ପହଞ୍ଚି ଗଲେଣି? ଆମେ ଈଶ୍ୱରଙ୍କୁ କେତେ ଛୋଟ କରି ସାରିଲୁଣି। ଭାରତର ସମ୍ବିଧାନ ବିଜ୍ଞାନ ଦ୍ୱାରା ବିକଶିତ ପାଇଁ ପ୍ରେରଣା ଦେଇଥାଏ। ହେଲେ ଆମେ ଏସବୁ କ'ଣ କରୁଛୁ? ଭାରତ ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର। ଏଠାରେ ସବୁ ଧର୍ମକୁ ସମ୍ମାନ ମିଳେ। ଲୋକଙ୍କର ବାକ ସ୍ୱାଧୀନତା ରହିଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

### ନୂଆ ଇନିଂସ ...

ଗ୍ରହଣ କରିଛନ୍ତି ଓସିଏର ବରିଷ୍ଠ ସଦସ୍ୟ ଆଶୀର୍ବାଦ ବେହେରା। ଓଡିଶା କ୍ରିକେଟ ଆସୋସିଏସନରେ ଏଣ୍ଟ୍ରି ମାରିଲେ ବିଜେଡି ବିଧାୟକ ପ୍ରଣବ ପ୍ରକାଶ ଦାସ। ଆଜି ଓସିଏ ନିର୍ବାଚନ ପାଇଁ ନାମାଙ୍କନ ଥିବା ବେଳେ, ସଭାପତି ପଦ ପାଇଁ କେବଳ ପ୍ରଣବ ପ୍ରକାଶ ଦାସ ହିଁ ନାମାଙ୍କନ ଦାଖଲ କରିଛନ୍ତି। ତେଣୁ ପ୍ରଣବ ଓସିଏ ସଭାପତି ଭାବେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଥିଲା। ସେପଟେ ସମ୍ପାଦକ ପ୍ରାର୍ଥୀ ଭାବେ ପୂର୍ବତନ ସମ୍ପାଦକ ସଞ୍ଜୟ ବେହେରା ଓ ଉପସଭାପତି ପ୍ରାର୍ଥୀ ଭାବେ ପଙ୍କଜ ଲୋଚନ ମହାନ୍ତି ଜଣେ ଲେଖାଏଁ ପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେଣୁ ଏହି ତିନି ଜଣ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଛନ୍ତି। ସେପଟେ ସବୁ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ ହେବା ନେଇ ସ୍ପଷ୍ଟ ହୋଇଯାଇଥିଲା।

### ହାରମାନିଲେ ...

ଏକ ଘରୋଇ କମ୍ପାନୀକୁ ଦେବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ମାତ୍ର ଏହି ୨୦ବର୍ଷ ମଧ୍ୟରେ ଉକ୍ତ ମାମଲାର ତ୍ରୁଟି କାହାର ଥିଲା, ତା'ର ଖୋଳତାଡ଼ ହେଲାନି କିମ୍ବା କାହାରିକୁ ସରକାରୀ ଭାବେ ଦାୟୀ କରାଯାଇନଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ମୋଟ ୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏସିଆନ୍ ଡେଭଲପେମେଣ୍ଟ ବ୍ୟାଙ୍କ ସହାୟତାରେ ୧୯୯୭ ମସିହାରେ ୧୬୩କିମି ବିଶିଷ୍ଟ ସମ୍ବଲପୁର-ରାଉରକେଲା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ କରିଥିଲା। ତେବେ ରାଜ୍ୟ ସରକାର ଚୁକ୍ତିମାନା ଖିଲାପ କରି ୨୦କୋଟି ଟଙ୍କା ବିଲ୍ ନଦେବାରୁ ଏଲଆଣ୍ଡଟି କମ୍ପାନୀ ସେତେବେଳେ ଆର୍ବିଟ୍ରେସନ୍ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲା ଓ ୨୦୦୨ ଜାନୁୟାରୀ ୧୭ତାରିଖରେ ଟ୍ରିବ୍ୟୁନାଲ ନିର୍ଦ୍ଦେଶନାମା ଜାରି କରି କମ୍ପାନୀକୁ ତା'ର ବକେୟାକୁ ୧୮ପ୍ରତିଶତ ସୁଧ ସହ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହାକୁ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାର ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରି ବିଫଳ ହୋଇଥିଲେ। କୋର୍ଟରୁ ନିରାଶ ହେବା ପରେ ବି ରାଜ୍ୟ ସରକାରଙ୍କ ଚେତା ପଶିନଥିଲା ଓ ବକେୟା ଅର୍ଥ ନଦେବାରୁ ସିଭିଲ କୋର୍ଟ(କର୍ମସିଆଲ)ଙ୍କ ନିର୍ଦ୍ଦେଶରେ ଏଲଆଣ୍ଡଟି କମ୍ପାନୀ ୨୦୨୨ ଜୁଲାଇ ମାସରେ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ 'ନିର୍ମାଣସୌଧ'ରେ ଥିବା ସରକାରୀ ସମ୍ପତ୍ତିକୁ ଜବତ କରିଥିଲା। ଯାହାକୁ ନେଇ ସେତେବେଳେ ବିଧାନସଭାରେ ପ୍ରବଳ ହଙ୍ଗାମା ହେବା ସହ ରାଜ୍ୟ ସରକାରଙ୍କ ପାଇଁ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜ୍ୟ ସରକାରଙ୍କ ଉଚ୍ଚପଦସ୍ଥ ଅଫିସରଙ୍କ ଅଫିସରେ ଥିବା କମ୍ପ୍ୟୁଟର ସାମଗ୍ରୀଠୁ ଆରମ୍ଭ କରି ଅନେକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିକୁ କମ୍ପାନୀ ଦଖଲକୁ ନେବା ଓଡ଼ିଶା ଇତିହାସରେ ପ୍ରଥମ ଥିଲା। ରାଜ୍ୟ କ୍ୟାବିନେଟ ବୈଠକରେ ଏଲଆଣ୍ଡଟି କମ୍ପାନୀକୁ ତା'ର ବକେୟା ମୂଳଧନ ଉପରେ ୧୮ ପ୍ରତିଶତ ସୁଧ ହାରରେ ମୋଟ ୧୦୦କୋଟି ୬ଲକ୍ଷ ୪୨ହଜାର ୪୬୬ଟଙ୍କା ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ କେଉଁ କାରଣ ପାଇଁ ରାଜ୍ୟବାସୀଙ୍କ ଟିକସ ଅର୍ଥରୁ ଅତିରିକ୍ତ ୮୦କୋଟି ଟଙ୍କା ଗଲା ଓ ଏଥିନିମନ୍ତେ କିଏ ଦାୟୀ ତା'ର ଖୋଳତାଡ଼ ହେଲାନି କିମ୍ବା ତା'ଉପରେ ସରକାର କିଛି ପଦକ୍ଷେପ ନେଲେନି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏଲଆଣ୍ଡଟି କମ୍ପାନୀକୁ ତା'ର ଏହି ବକେୟା ୧୦୦.୦୬କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ଆରବିଟ୍ରେସନ ଟ୍ରିବ୍ୟୁନାଲ ୨୦୦୨ ଜାନୟାରୀ ୧୭ତାରିଖରେ ତାଙ୍କର ରାୟ ଏଲଆଣ୍ଡଟି କମ୍ପାନୀ ସପକ୍ଷରେ ଦେବାବେଳେ ପୂର୍ତ୍ତ ବିଭାଗର ଦାୟିତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରହିଥିଲେ। ଶ୍ରୀ ପଟ୍ଟନାୟକ ୨୦୦୧ ଜୁଲାଇ ୭ରୁ ୨୦୦୨ ଅଗଷ୍ଟ ୬ତାରିଖ ପର୍ଯ୍ୟନ୍ତ ଏହି ବିଭାଗ ଦାୟିତ୍ୱରେ ଥିଲେ। ସେହିପରି ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଅନଙ୍ଗଉଦୟ ସିଂହଦେଓ ରାଜ୍ୟ ପୂର୍ତ୍ତ ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ୨୦୦୨ରୁ ୨୦୨୨ ମସିହା ପର୍ଯ୍ୟନ୍ତ ଏହି ବକେୟା ଅର୍ଥକୁ ଦେବାକୁ ରାଜ୍ୟ ସରକାର ଆଗ୍ରହ ଦେଖାଇନଥିବାର ଫଳ ଏବେ ରାଜ୍ୟବାସୀଙ୍କୁ 'ତଣ୍ଡ' ଆକାରରେ ଦେବାକୁ ପଡ଼ିଛି।

### ଷଡଯନ୍ତ୍ର ...

୩ ଗୋଟି ସବରେଜିଷ୍ଟ୍ରାର ଅଫିସକୁ କୋର୍ଟ ନିକଟକୁ ଲାଗିଥିବା କୌଣସି ସରକାରୀ ବିଲ୍ଡିଂଗକୁ ସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଉ। ଯାହାକୁ ନେଇ ଆଗାମୀ ଦିନରେ କାହାର କୌଣସି ଆପତ୍ତି ରହିବନାହିଁ। ତାହା କରାନଗଲେ ଆଇନଜୀବୀଙ୍କ ସମେତ ଜମିବାଡ଼ି ପଞ୍ଜିକରଣ ସହ ସମ୍ପୃକ୍ତ ବ୍ୟକ୍ତିମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାର ଆଶଙ୍କା ରହିଛି।

ଅନ୍ୟ ଏକ ପ୍ରସଙ୍ଗକୁ ନେଇ ମଧ୍ୟ ବିରୋଧ ଉଠିଛି, ତାହା ହେଉଛି ଜମିବାଡ଼ି ପଞ୍ଜିକରଣ ପାଇଁ ସ୍ଲଟ ବୁକିଙ୍ଗ। ଆଇନଜୀବୀମାନେ କହୁଛନ୍ତି, ସ୍ଲଟ ବୁକିଙ୍ଗ ବ୍ୟବସ୍ଥା ଏକ ମାରାତ୍ମକ ବ୍ୟବସ୍ଥା, ଯେଉଁଥିରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବେ। କାରଣ ଜମିବାଡ଼ି ପଞ୍ଜିକରଣ ବ୍ୟବସ୍ଥାରେ କ୍ରେତା-ବିକ୍ରେତାଙ୍କ ମଧ୍ୟରେ ଅର୍ଥ ଦେଣନେଣ ଭଳି ଗୁରୁତ୍ୱପୂର୍ଣ୍ଣ କଥା ରହିଛି। କ୍ରେତା କିଣିବାକୁ ଥିବା ଜମିର ମୂଲ୍ୟ ବିକ୍ରେତାଙ୍କୁ ସମ୍ପୂର୍ଣ୍ଣ ନମିଳିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଶେଷ ହୋଇନଥାଏ। ବିକ୍ରେତା ଜମିର ମୂଲ୍ୟ ପାଇସାରିବା ପରେ ସିଏ ସବରେଜିଷ୍ଟ୍ରାରଙ୍କ ନିକଟରେ ହାଜର ହୋଇ ଦସ୍ତାବିଜରେ ସ୍ୱାକ୍ଷର କରିଥାନ୍ତି। ଯଦି ସ୍ଲଟ ବୁକିଙ୍ଗ ପ୍ରକ୍ରିୟା ଚାଲିବ, ତେବେ ପଞ୍ଜିକରଣ ପୂର୍ବରୁ ତାରିଖ ଓ ସମୟ ନେବାକୁ ପଡିବ।ଯଦି ଧାର୍ଯ୍ୟ ସମୟ ପୂର୍ବରୁ କୌଣସି ଅଘଟଣ, ବିଳମ୍ବ ବା ବିକ୍ରେତା ଦୁର୍ଘଟଣାର ସମ୍ମୁଖୀନ ହେଲେ ଆଉ ଠିକ ସମୟରେ ପଞ୍ଜିକରଣ ସମ୍ଭବ ହେବନାହିଁ। ଏଥିରେ କୋଟି କୋଟି ଟଙ୍କା ଦେଇ କ୍ରେତା ଅସୁବିଧାରେ ପଡିବ, ଯାହାକି ପରେ ଜଟିଳ ଅବସ୍ଥା ଧାରଣ କରିପାରେ। ଏ କ୍ଷେତ୍ରରେ ରାଜସ୍ୱ ବିଭାଗ କଣ ଜମି କିଣିବାକୁ ଦେଇଥିବା ଅର୍ଥ ବିକ୍ରେତା ଠାରୁ ଫେରାଇ ଆଣିପାରିବ?

ତେଣୁ ଜମି କିଣାବିକାକୁ ସହଜ କରିବା ପରିବର୍ତ୍ତେ ଜଟିଳ କରିବା ପଛରେ କିଛି ରାଜସ୍ୱ ଅଧିକାରୀଙ୍କ ଚକ୍ରାନ୍ତ ରହିଥିବା ଅଭିଯୋଗ ହେଉଛି। ଆଇନଜୀବୀ ଓ ମୋହରୀର ମାନେ ଅଭିଯୋଗ କରୁଛନ୍ତି ଯେ, କିଛି ବିଭାଗୀୟ ଅଫିସର ଜାଣିଶୁଣି ଏଭଳି ଷଡଯନ୍ତ୍ର କରିଛନ୍ତି। ତେଣୁ ତୁରନ୍ତ ଏଭଳି ଭୁଲ ନିଷ୍ପତ୍ତିର ପ୍ରତ୍ୟାହାର ନହେଲେ ତୀବ୍ର ବିରୋଧ କରାଯିବ।

### ଗୋବିନ୍ଦ ପଟ୍ଟନାୟକ ...

କିନ୍ତୁ ଗ୍ରାମାଞ୍ଚଳରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲାଗଲେ ଏସବୁର ଭୟ ରହିଛି। ବର୍ତ୍ତମାନ ଆମର ଷ୍ଟେଟ୍ କ୍ୟାପିଟାଲରେ ଥିବା କୋର୍ଟ ଏବଂ ସବ୍‌ରେଜିଷ୍ଟ୍ରାର ଅଫିସକୁ ୱେଲ୍ କମ୍ୟୁନିକେସନ ରହିଛି। ଜଣେ ଅନ୍ଧ ବାଡିଧରି ମଧ୍ୟ ଏଠାରେ ପହଞ୍ଚି ପାରିବ। ଏତଦ୍‌ବ୍ୟତୀତ ବର୍ତ୍ତମାନ ଯେଉଁ ସ୍ଥାନରେ ଏହି ସମସ୍ତ ଅଫିସ ଚାଲିଛି ତାହା ଓକିଲ ଏବଂ ମହକିଲଙ୍କ ପାଇଁ ସୁବିଧାଜନକ। ଅନ୍ୟ ଏକ ପ୍ରସଙ୍ଗ ହେଉଛି ପେଟପାଟଣା କଥା। ବିଭିନ୍ନ ଦିଗ ପ୍ରତି ସରକାର ବିଚାରବିମର୍ଷ ନକରି ଭିନ୍ନଭିନ୍ନ ସ୍ଥାନରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିଲେ ଏହା କାହାପାଇଁ ସୁବିଧାଜନକ ନୁହେଁ। ଏଭଳି କଲେ ଭବିଷ୍ୟତରେ ଅଡୁଆ ପରିସ୍ଥିତି ସୃଷ୍ଟି ହେବ। ତେଣୁ କୋର୍ଟ ପରିସର ନିକଟରେ ସରକାର ଯେତିକି ଆବଶ୍ୟକ ମନେ କରୁଛନ୍ତି ସେତିକି ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିଲେ କାହାର କୌଣସି ଆପତ୍ତି ରହିବ ନାହିଁ।

### ବଂଶୀଧର ବେହେରା ...

ଅଧିକ ସୁବିଧା ସୁଯୋଗ ପ୍ରଦାନ କରିବା ପରିବର୍ତ୍ତେ ଏହାକୁ ଜଟିଳ କରିବା ଯଥାର୍ଥ ନୁହେଁ। ଏଭିଡେନ୍ସ ଆକ୍ଟ ଅନୁସାରେ ଦଲିଲକୁ ସୁରକ୍ଷା ଦେବା ସବୁଠୁ ବଡ କଥା। ମେଟ୍ରୋ ପଲିଟାନ ସିଟି ମାନଙ୍କରେ ଗୋଟିଏ ସ୍ଥାନରେ ଅନେକ ସବ୍‌ରେଜିଷ୍ଟ୍ରାର ଅଫିସ ରହିଥିଲା ବେଳେ ଭୁବନେଶ୍ୱରରେ ଏହାର ବ୍ୟତିକ୍ରମ କାହିଁକି? ସରକାର ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ ନକରିବେ ତେବେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ।

### ଆତ୍ମାପ୍ରକାଶ ମହାନ୍ତି ...

ଏହି ଅଫିସରମାନେ ଯୁବପିଢ଼ିକୁ ମଦୁଆ, ସାଧାରଣ ଲୋକଙ୍କୁ ମାଗଣଖିଆ କରି କେବଳ ଭୋଟ ହାସଲ ଲକ୍ଷ୍ୟରେ ରହୁଛନ୍ତି। ଏହି ଚକ୍ରାନ୍ତକାରୀ ଅଫିସରମାନେ ଚାହୁଁନାହାନ୍ତି ଶିକ୍ଷିତ ଲୋକ ସୁସ୍ଥ ରହି ସରକାରଙ୍କ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରନ୍ତୁ। ବରଂ ପେଟେ ମଦ ପିଇ ନିଜର ହିତାହିତ ଜ୍ଞାନ ଭୁଲି ନିଜ ଭବିଷ୍ୟତକୁ ନଷ୍ଟ କରିଚାଲନ୍ତି। ମାଗଣା ଯୋଜନା ଘୋଷଣା କରି ସରକାରକୁ ଦୀର୍ଘବର୍ଷ ଯାଏ ବଞ୍ଚାଇ ରଖି ନିଜର ସ୍ୱାର୍ଥ ସାଧନ କରିବା ନିମନ୍ତେ ଅଫିସରମାନେ ଏକ ସୁଚିନ୍ତିତ ଷଡଯନ୍ତ୍ର କରିଛନ୍ତି। ଜନତାଙ୍କୁ ମୁର୍ଖ କରି ନିଜେ ଅବସର ପର୍ଯ୍ୟନ୍ତ ସମସ୍ତ ପ୍ରକାର ସୁଖ ଭୋଗ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଝିଣ୍ଟିକା ମାରି ବଣି ପୋଷିବା ଭଳି ଲୋକଙ୍କୁ ଗରିବ କରି ସରକାର ଚଳାଇବା ଏମାନଙ୍କ ଲକ୍ଷ୍ୟ। ଯେଉଁ ଲୋକମାନଙ୍କର ଟଙ୍କା ବୁଡି ଯାଉଛି ସେମାନେ ଯେଉଁଠି ଅଭିଯୋଗ କରିବା କଥା ସେସବୁ ଜାଗାରେ ତାଙ୍କରି ଲୋକ ହିଁ ବସିଛନ୍ତି। ଅନ୍ଧ ରାଇଜରେ ଦର୍ପଣ ବିକିବା ଭଳି ବ୍ୟବସ୍ଥା କରି ସରକାର ଲୋକଙ୍କୁ ଠକି ଚାଲିଛି। ଯଦି ଏବେଠାରୁ ଜନସାଧାରଣ ଏହି ଦୁର୍ନୀତିଗ୍ରସ୍ତ ଅଫିସରମାନଙ୍କ ଚକ୍ରାନ୍ତ ବୁଝିପାରିବେ ନାହିଁ ତେବେ ଆଗାମୀ ଦିନରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

# ସାଇ କୁଟୀର ନାମରେ ଆଦାୟ ଅର୍ଥ ହିତାଧିକାରୀଙ୍କୁ ଫେରସ୍ତ

**ଅସ୍ତରଙ୍ଗ :** ଗତ ୧୦ବର୍ଷ ପୂର୍ବରୁ ଅସ୍ତରଙ୍ଗ କାକଟପୁର ବ୍ଲକରେ ସାଇ କୁଟୀର ନାମରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଆଦାୟ କରାଯାଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଜଣେ ହିତାଧିକାରୀଙ୍କ ପିଛା ପ୍ରାୟ ୨୫୦୦ରୁ ୩୦୦୦ ଟଙ୍କା ଆଦାୟ କରାଯାଇଥିବା ବେଳେ ସାଇ କୁଟୀର ନ ପାଇଁ ନିରାଶ ହେବାରୁ ଏ ସମ୍ପର୍କରେ ହିତାଧିକାରୀମାନେ ପ୍ରଶାସନିକ ଅଧିକାରୀ ମାନଙ୍କୁ ଅବଗତ କରିଥିଲେ। ଏଭଳି କୁଟୀର ଶିଳ୍ପ ନାମରେ ସେଭଳି କିଛି ସଂସ୍ଥା ବା ସରକାରୀ ଯୋଜନା ନଥିବା ବିଭାଗୀୟ ଅଧିକାରୀ ସ୍ପଷ୍ଟ କଲାପରେ କାର୍ଯ୍ୟାନୁଷ୍ଠାନ ଭୟରେ ଟ୍ରଷ୍ଟ ର ମୁଖ୍ୟ ଦୀପକ ବରାଡ ସୁବାସ ଚନ୍ଦ୍ର ସେନାପତି ଓରଫ୍ ବାସୁଙ୍କ ମାଧ୍ୟମରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୨୫୦୦ଟଙ୍କା ଲେଖାଏଁ ପ୍ରାୟ ୯ ଲକ୍ଷ୍ୟ ୫୦ହଜାର ଟଙ୍କା ଫେରସ୍ତ କରିଥିବା ନେଇ ସ୍ୱୀକାର କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି ଏଭଳି ବେଆଇନ ଭାବେ ଅର୍ଥ ଆଦାୟ କରି ଫେରସ୍ତ କରିବା କେତେ ଯୁକ୍ତିଯୁକ୍ତ। ଯଦି ଫେରସ୍ତ କରାଗଲା ତାହେଲେ ଅନ୍ୟ ହିତାଧିକାରୀଙ୍କୁ କେବେ ଫେରସ୍ତ ହେବ। ଏସମ୍ପର୍କରେ ସୁବାସ ଚନ୍ଦ୍ର ସେନାପତି କହିଛନ୍ତି ମୁଁ ଯେତିକି ହିତାଧିକାରୀଙ୍କ ଠାରୁ ଆଦାୟ କରିଥିଲି ସେତିକି ଫେରସ୍ତ କରିସାରିଛି। ଆଉ ଯଦି କେହି ହିତାଧିକାରୀ ମାନେ ଅଛନ୍ତି ସେମାନେ ଟ୍ରଷ୍ଟ ର ମୁଖ୍ୟ ଦୀପକ ବରାଡ ସହ ଯୋଗାଯୋଗ କରି ଅର୍ଥ ଫେରସ୍ତ ପାଇପାରିବେ। ଏ ସମ୍ପର୍କରେ ଅନ୍ୟ ସହଯୋଗୀ ମାନଙ୍କୁ ପଚାରିବାରୁ ସେମାନେ କୁହନ୍ତି ଆଗାମୀ ଦୀପାବଳି ଭିତରେ ସମସ୍ତ ହିତାଧିକାରୀମାନଙ୍କୁ ସଂପୂର୍ଣ୍ଣ ଅର୍ଥ ଫେରସ୍ତ କରାଯିବ ବୋଲି ଟ୍ରଷ୍ଟ ଅଧକ୍ଷ ଆମ୍ଭମାନଙ୍କୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ଶ୍ରୀ ଶ୍ରୀ ସାଇ ସଦଗୁରୁ ଓଲେଫେୟାର ଟ୍ରଷ୍ଟ ସାଇ କୁଟୀର ନାମରେ ୪୦ ଲକ୍ଷ୍ୟ ରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରାଯାଇଥିବା ବେଳେ ୯ ଲକ୍ଷ୍ୟ ୫୦ହଜାର ଟ୍ରଷ୍ଟ ର ଅଧକ୍ଷ ଦୀପକ ବରାଡ ଦେଇଥିବା ବେଳେ ଅବଶିଷ୍ଟ ଟଙ୍କା ଟ୍ରଷ୍ଟ ର ଅଧକ୍ଷ ଫେରସ୍ତ କରିପାରିବେ ତ ଏବେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଦୀର୍ଘ ୧୦ବର୍ଷ ପରେ ଏକ ତୃତୀୟାଂଶ ହିତାଧିକାରୀ ଅର୍ଥ ଫେରସ୍ତ ପାଇଥିବା ବେଳେ ଦୀପାବଳି ଭିତରେ କ'ଣ ସମସ୍ତ ହିତାଧିକାରୀମାନେ ଅର୍ଥ ଫେରସ୍ତ ପାଇପାରିବେ ତ ନାଁ ପୁଣି ଏ ଅଫିସ ସେ ଥାନା ବୁଲିବୁଲି ନୟାନ୍ତ ହେବେ।

# ବେଲଗାଁର ଗ୍ରାମଦେବୀ ମା' ମହାମାହୀ ଦେବୀଙ୍କ ମଣ୍ଡେଇ ମହୋତ୍ସବ



**ନବରଙ୍ଗପୁର:** ଝରିଗାଁ ବ୍ଲକ ଅନ୍ତର୍ଗତ ବେଲଗାଁରେ ଗ୍ରାମଦେବୀ ମା' ମହାମାୟୀଙ୍କ ମଣ୍ଡେଇ ଯାତ୍ରା ଆଡମ୍ବର ସହକାରେ ପାଳିତ ହୋଇଯାଇଛି।ପ୍ରଥମେ ଆଖପାଖ ଗ୍ରାମର ବିଭିନ୍ନ ଦେବାଦେବୀଙ୍କ ପ୍ରତୀକ ଲାଠି, କୁର୍ଚି, ବିମାନ ସହ ପୂଜାରୀ, ଗାଉଁଟିଆ, ଶିରା,ଗୁଣ୍ଡା,ଚଲାଣ ପ୍ରମୁଖ ମା'ଙ୍କ ମହାମାୟୀଙ୍କ ମୁଖ୍ୟ ପୂଜକଙ୍କ ଘରେ ଏକତ୍ରିତ ହୋଇଥିଲେ। ସେଠାରେ ପୂଜାପାଠ ପରେ ଏକ ବିରାଟ ଶୋଭାଯାତ୍ରାରେ ମା'ଙ୍କ ମନ୍ଦିରରେ ସମସ୍ତେ ପହଞ୍ଚିଥିଲେ। ପରେ ମା'ଙ୍କ ମନ୍ଦିରରେ ସମସ୍ତ ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଯାତ୍ରା ପଡ଼ିଆରେ ଦୋକାନ ବଜାର ଖୋଲିବା ସହ ସଂଧ୍ୟାରେ ଲୋକଙ୍କ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବେଲଗାଁ ସରପଞ୍ଚ ଅଧିବାର ପୂଜାରୀଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରାଯାଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁରର ସାଂସଦ ରମେଶ ଚନ୍ଦ୍ର ମାଝୀ ଏବଂ ସମ୍ମାନିତ ଅତିଥି ଭାବେ ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝୀ, ସାଂସଦ ପ୍ରତିନିଧି ପ୍ରିୟ ରଞ୍ଜନ ଦାଶ, ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝୀ, ଜିଲ୍ଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ତ୍ରିମିଳା ପୂଜାରୀ,ବିଧାୟକ ପ୍ରତିନିଧି ରାମଧର ମାଝୀ, ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀ ଗଣ୍ଡ, ଟିକଚାନ୍ଦ ମାଝୀ, ମୋହନ ନାୟକ, ତୁଳସୀ ମାଝୀ,ଶଙ୍କର ପନକା, ରାଇସିଂ ମାଝୀ, ଚମ୍ପାଲାଲ ପନକା, ଅନିସ ମହମ୍ମଦ, ଜଗବନ୍ଧୁ ହରିଜନ, ଗାସିରାମ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡେଇ ଉତ୍ସବ ମାଧ୍ୟମରେ ଲୋକଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନ ସହିତ ଭାଇ ଚାରା ବଢ଼ିଥାଏ ବୋଲି ଅତିଥି ମାନେ ମତ ରଖିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଝରିଗାଁ ପୁଲିସ ପକ୍ଷରୁ ଯାତ୍ରାରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# କବର ସ୍ଥାନ ବିରୁଦ୍ଧରେ ଅତାବିରା ତହସିଲ ଘେରିଲେ କେନ୍ଦୁପାଲି ଗ୍ରାମବାସୀ



**ବରଗଡ :** ବରଗଡ଼ ଜିଲ୍ଲା ଅତାବିରା ତହସିଲ ଅନ୍ତର୍ଗତ କେନ୍ଦୁପାଲି ଗାଁର ଗୋଚର ଜମିକୁ ନେଇ ଗତ ସେପ୍ଟେମ୍ବର ମାସ ୧୯ ତାରିଖ ଦିନ ମୁସଲିମ ସମ୍ପ୍ରଦାୟର କବର ସ୍ଥାନ କରିବାକୁ ଅତାବିରା ତହସିଲ ପକ୍ଷରୁ ପି.ଆର୍ କେସ୍ ନଂ ୨୯/୨୨,ପି ଆର ନଂ ୨୨୦୫ କେନ୍ଦୁ ପାଲି ମୌଜାର ଏକ ଜମିକୁ ନେଇ ନୋଟିସ ଜାରି ହୋଇଥିଲା। ଯାହା ୩୦ଦିନ ମଧ୍ୟରେ ଆପତ୍ତି ଅଭିଯୋଗ ଦାଖଲ କରିବାକୁ ସମୟ ଧାର୍ଯ୍ୟ ରହିଥିବା ବେଳେ କେନ୍ଦୁପାଲି ଗ୍ରାମ୍ୟ ଉନ୍ନୟନ କମିଟି ଆପତ୍ତି ଅଭିଯୋଗ ପତ୍ର ଦାଖଲ କରିବା ସହ ଗୋଚର ଜମିକୁ କିଭଳି ଭାବେ କିସମ ପରିବର୍ତ୍ତନ କରି ଏକ ନିର୍ଦ୍ଦିଷ୍ଟ ସଂପ୍ରଦାୟର ଲୋକଙ୍କୁ କବର ସ୍ଥାନ ପାଇଁ ହସ୍ତାନ୍ତର କରାଯିବ ବୋଲି ପ୍ରଶ୍ନ କରିଥିବାବେଳେ ପୂର୍ବରୁ ଲୁଚାଇ ପ୍ରଶାସନ ଶୋଇ ରହିଥିଲେ। ଯାହା ଦୀର୍ଘ ବର୍ଷରୁ ବାରମ୍ବାର ଭୂମିହିନ ମାନଙ୍କ ପାଇଁ ଘର ଡିହ ଖଣ୍ଡ ମିଳିପାରିନାହିଁ। ଏବେ କିସମ ପରିବର୍ତ୍ତନ କରି ଗାଁ ଚରାଭୂଇଁ ତଥା ଗୋଚରଭୂମିର ଜମିକୁ ଷଡ଼ଯନ୍ତ୍ର କରି କବର ସ୍ଥାନ କରିବାକୁ ହସ୍ତାନ୍ତର କରିବା ପାଇଁ ଯୋଜନା କରାଯାଉଥିବା ବେଳେ କେନ୍ଦୁପାଲି ଗ୍ରାମ୍ୟ ଉନ୍ନୟନ କମିଟିକୁ ନ ଜଣାଇ ପ୍ରଶାସନ ଏଭଳି ପଦକ୍ଷେପ କେତେ ଯଥାର୍ଥ ଅଟେ ବୋଲି ଉତ୍ତେଜନା ବୃଦ୍ଧି ପାଇ ହିନ୍ଦୁ ସମାଜ ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ସେତିକି ନୁହେଁ ପ୍ରଶାସନ ଜାଣିଶୁଣି ଏଭଳି ଚକ୍ରାନ୍ତ ଚଳାଉଥିବାକୁ ସମ୍ପୂର୍ଣ୍ଣ ବିରୋଧ କରି କେନ୍ଦୁପାଲି ଗ୍ରାମ୍ୟ ଉନ୍ନୟନ କମିଟି ଅତାବିରା ତହସିଲ କାର୍ଯ୍ୟାଳୟ ଘେରି ଅଫିସ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଅଚଳାବସ୍ଥା କରି ଦେଇଥିଲେ। ଏହି ବିରୋଧକୁ କେନ୍ଦୁପାଲି ସହ ଆଖପାଖ ଗ୍ରାମବାସୀ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ତଥା ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ କମିଟି ପକ୍ଷରୁ ସମର୍ଥନ ଜଣାଇ ଏକ ଦାବିପତ୍ର ଅତିରିକ୍ତ ମୟୂରେସ୍ ପଣ୍ଡାଙ୍କୁ ହଜାର ହଜାର ସଂଖ୍ୟାରେ ଲୋକଙ୍କ ଉପସ୍ଥିତିରେ ଦାବିପତ୍ର ଦେବା ସହ ଏହା ଉପରେ ଯଦି କିସମ ପରିବର୍ତ୍ତନ କରାଯାଏ ଓ କବର ସ୍ଥାନକୁ ହସ୍ତାନ୍ତର କରାଯାଏ ତାହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତହସିଲ କାର୍ଯ୍ୟାଳୟରେ ତାଲା ପଡ଼ିବା ସହ ରାସ୍ତାଘାଟରେ ନିଆଁ ଜଳିବ ବୋଲି ଚେତାବନୀ ଦେଇଛନ୍ତି। ହିନ୍ଦୁ ଜାଗରଣ ମଞ୍ଚ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଏବଂ କେନ୍ଦୁ ପାଲି ଗ୍ରାମ୍ୟ ଉନ୍ନୟନ କମିଟି ତଥା ଆଖପାଖ ଅଞ୍ଚଳର ଗ୍ରାମବାସୀ ଏବଂ ସମସ୍ତ ଅନୁଷ୍ଠାନ, କମିଟିର କର୍ଯ୍ୟକର୍ତ୍ତାମାନେ ଏଥିରେ ସାମିଲ ଥିଲେ।

# ବିଶ୍ୱସ୍ତରୀୟ ଆଇଓଡିନ୍ ଅଭାବଜନିତ ରୋଗ ନିରାକରଣ ପାଇଁ ସଚେତନତା ଦିବସ ପାଳିତ



**ଜଗତସିଂହପୁର :** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ବିଶ୍ୱସ୍ତରୀୟ ଆଇଓଡିନ୍ ଅଭାବ ଜନିତ ରୋଗ ନିରାକରଣ ପାଇଁ ସଚେତନତା ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କ୍ଷେତ୍ରବାସୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଜିଲ୍ଲା ମୁଖ୍ୟଚିକିତ୍ସା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ନିଜ ଅଭିଭାଷଣରେ ଏହା ଏକ ମାଇକ୍ରୋ ନିୟୁଟ୍ରିଏଂଟ ଓ ଶରୀରରେ ଏହା ଆବଶ୍ୟକତା ରହିଛି ଏଣୁ ଆବଶ୍ୟକତା ପୂରଣ ନିମନ୍ତେ ଆଇଓଡିନ୍ ଲୁଣ ବ୍ୟବହାର କରିବା ଦ୍ୱାରା ସହଜରେ ଆରାମ ମିଳିଥାଏ। ତେଣୁ ଆମେ ସଚେତନତା ବ୍ୟାପକ ଭାବରେ ପ୍ରଚାର କରିବା ଯେମିତି କି ସମସ୍ତେ ଆୟୋଡିନ୍ ଲୁଣ ବ୍ୟବହାର କରିବେ ଏବଂ ଏହାକୁ ପରୀକ୍ଷା କରିବା ନିମନ୍ତେ ଲେମ୍ବୁ ଚିପୁଡିଲେ ଏହା ବାଇଗଣି ରଙ୍ଗ ହୋଇଥାଏ। ଲୁଣ ପ୍ୟାକେଟ୍ ଖୋଲିବା ପରେ ବନ୍ଦ ଡବା ଭିତରେ ରଖିବା ଉଚିତ୍ ନଚେତ୍ ଏଥିରେ ପବନ ବାଜିରେ ଆଇଓଡିନ୍ ନଷ୍ଟ ହୋଇଥାଏ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଶତ୍ରୁଘ୍ନ ଦାସ ନିଜ ଅଭିଭାଷଣରେ ଏହି ଆଇଓଡିନ୍ ସମୁଦ୍ର ମଧ୍ୟରେ ପ୍ରଚୁର ପରିମାଣରେ ମିଳିଥାଏ। ସବୁ ଲୁଣ ଆଇଓଡିନ୍ ଯୁକ୍ତ ହେବା ଉଚିତ୍ ବୋଲି ସରକାରଙ୍କ ନିୟମ ମଧ୍ୟ ରହିଛି। ଭାରତରେ ପ୍ରତ୍ୟେକ ବ୍ୟକ୍ତି ଦୈନିକ ୧୦ ଗ୍ରାମ ଲୁଣ ବ୍ୟବହାର କରୁଥିବା ବେଳେ ଆଇଓଡିନ୍ ଯୁକ୍ତ ହେବା ଉଚିତ୍। ଶାରିରୀକ ମାନସିକ ଓ ଥାଇରଏଡ ହରମୋନ ଉତ୍ପାଦନ ପାଇଁ ଆଇଓଡିନ୍ ଆବଶ୍ୟକ ହୁଏ ବୋଲି ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ନିମାଇଁ ଚରଣ ନାୟକ ଏହି ଆଇଓଡିନ୍ ଅଭାବ ନେଇ ଶରୀରରେ ବିଭିନ୍ନ ସମସ୍ୟା ସବୁ ସୃଷ୍ଟି ହେବା ସହିତ ଶାରିରୀକ ଓ ମାନସିକ ବିକାଶ ହ୍ରାସ ପାଇଥାଏ। ଏପରିକି ପ୍ରଜନନ କ୍ଷମତା ହ୍ରାସ ପାଇବା ଦ୍ୱାରା ଗର୍ଭପାତ ହୋଇଥାଏ। ଏପରିକି କମ୍ ଓଜନ ଶିଶୁ ଓ ମୃତ ଶିଶୁ ଜନ୍ମ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ରଶ୍ମିରଞ୍ଜନ ପଟ୍ଟନାୟକ ଭାଷଣ ପ୍ରସଙ୍ଗରେ କହିଥିଲେ ଯେ ଜଳବାୟୁର ପରିବର୍ତ୍ତନ, ଜଙ୍ଗଲ ଲୋପ ପାଇବା, ବନ୍ୟା, ବାତ୍ୟା, ଜଳ ମୃର୍ତିକା, ଇତ୍ୟାଦି ଯୋଗୁ ଆଇଓଡିନ୍ ରୋଗ ବୃଦ୍ଧି ହେବା ସହିତ ପରିବେଶ ଉପରେ ଏହାର ପ୍ରଭାବ ଦେଖାଯାଉଛି। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀଣି ସଚଳା ମହାନ୍ତି ସଚେତନତା ନିମନ୍ତେ ପୋଷ୍ଟର, ଲିଫ୍‌ଲେଟ୍ ଓ ଅନ୍ୟାନ୍ୟ କାଗଜପତ୍ର ବିଭିନ୍ନ ସ୍ଥାନରେ ବ୍ୟବହାର କରି ସଚେତନତା ବିଷୟରେ ଲୋକମାନଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ଏହି ସଭାରେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରମୋଦ କୁମାର ବାରିକ, ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର, ଏସଡିଏମଓ ଲୋଜିଷ୍ଟ ଡା.ଅଶୋକ କୁମାର ସାହୁ, ଫୁଡ୍ ସେଫ୍ଟି ଅଫିସର ଅନିତା ଦାଶ ଏବଂ ନାରାୟଣୀ ନର୍ସିଂ ସ୍କୁଲର ଅଧ୍ୟକ୍ଷ, ଛାତ୍ରଛାତ୍ରୀ, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଶତ୍ରୁଘ୍ନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।





# ପ୍ରତ୍ୟକ୍ଷ ଦେବୀ ମାତା ମେଟାକାନୀ

ସିତାଂଶୁ ଶେଖର ମିଶ୍ର

'ଯାଦେବୀ ସର୍ବଭୂତେଷୁ ଶକ୍ତି ରୂପେଣସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ
ନମୋନମଃ'

ମନୋମୁଗ୍ଧ କରପ୍ରାକୃତିକ ଶୋଭାରାଶିରେ ପରିପୂର୍ଣ୍ଣ ଘଞ୍ଚଜଙ୍ଗଲ ମଧ୍ୟରେ ବିରାଜମାନ କରିଛନ୍ତି ମାତା ମେଟାକାନୀ। ପ୍ରତ୍ୟକ୍ଷ ଦେବୀଭାବରେ ମାତାଙ୍କ ଯଶକୀର୍ତ୍ତି ରହିଅଛି। ସୁବର୍ଣ୍ଣପୁର ଜିଲ୍ଲାରେ ରହିଥିବା ଅନେକ ପ୍ରାଚୀନ ଶକ୍ତିପୀଠ ମଧ୍ୟରୁ ଏହା ହେଉଛି ଏକ ପ୍ରସିଦ୍ଧ ଶକ୍ତିପୀଠ। ସୁବର୍ଣ୍ଣପୁର ଜିଲ୍ଲାର ବିରମହାରାଜପୁର ଉପଖଣ୍ଡସ୍ତ ଉଲୁଣ୍ଡା ବ୍ଲକର କୁତମେଣ୍ଡା ଗ୍ରାମଜଙ୍ଗଲ ମଧ୍ୟରେ ରହିଅଛି।

ମାତା ଏଠାରେ କୋଉକାଳରୁ ପୂଜା ପାଇଆସୁଛନ୍ତି। କରୁଣାମୟୀ ମାତା ମେଟାକାନୀଙ୍କ ମହିମା ଅପାରଅପାର। ଅସରନ୍ତି କରୁଣାର ସାଗର ଅଟନ୍ତି। ସେଥିପାଇଁ କାହିଁ କୋଉ ଦୂରଦୂରାନ୍ତରୁ ମାଆଙ୍କ କରୁଣା ଟିକିଏ ପାଇବା ପାଇଁ ଧାଇଁ ଆସିଥାନ୍ତି ଶ୍ରଦ୍ଧାଳୁମାନେ। ମେଟାକାନୀଙ୍କ ମହିମା ଯୋଜନ ଯୋଜନ କୋଷ ପର୍ଯ୍ୟନ୍ତଆଜି ବିଦିତ ହୋଇପାରିଛି। ଏହି ସ୍ଥାନକୁ ମାଆଙ୍କ ମହିମା ତଥା ପ୍ରାକୃତିକ ଶୋଭାରାଜି ଭକ୍ତମାନଙ୍କୁ ଟାଣିଆଣିଥାଏ। ମାତାଙ୍କ ମୂଳପୀଠକୁ ଯିବା ପୂର୍ବରୁ ମାତା ବାଟମେଟାକାନି ଭାବରେ ମୁଖ୍ୟରାସ୍ତା କଡ଼ରେ ବିଦ୍ୟମାନ କରିଛନ୍ତି। ବାଟମେଟାକାନୀଙ୍କୁ ଦର୍ଶନ କଲାପରେ ଏକ କାରୁକାର୍ଯ୍ୟ ଖଚିତ ଏକ ସୁନ୍ଦର ତୋରଣ ଦେଖିବାକୁ ମିଳିଥାଏ। ସେହି ବାରଦେଇ ମାତ୍ର ଗୋଟାଏ କିଲୋମିଟର ପ୍ରାକୃତିକ ଶୋଭାରାଜି ମଧ୍ୟରେ ଯିବାପରେ ମାଆଙ୍କ ମୂଳପୀଠରେ ପହଞ୍ଚିବାକୁ ହୋଇଥାଏ। ମୂଳପୀଠକୁ ପହଂଚିବା ପୂର୍ବରୁ ଆଉ ଗୋଟାଏ ଏକ ଆକର୍ଷଣୀୟ ତୋରଣ ଦେଖିବାକୁ ମିଳିଥାଏ। ମାଆଙ୍କୁ ଦର୍ଶନକରି ଯିବାବେଳକୁ ରାସ୍ତାର ଉଭୟ ପାର୍ଶ୍ୱରେ ଧାଡ଼ିଧାଡ଼ି ହୋଇ ଭୋଗଦୋକାନ ଦେଖିବାକୁ ମିଳିଥାଏ। ତାପରେ ଯାଇ ମାତାଙ୍କ ପାଖରେ ପହଞ୍ଚିବାକୁ ହୋଇଥାଏ। ମାତାଙ୍କଏଠାରେ ଆବିର୍ଭାବକୁ ନେଇଏକ ରୋଚକ ଜନଶୃତି ରହିଅଛି। ଜନଶୃତି ଅନୁଯାୟୀ, ରାଜା ରାଜୁଡ଼ା ସମୟର କଥା ଏକ ଅନାଥ ଝିଅକୁ ରାଜା ପାଳିତ କନ୍ୟା ଭାବରେ ଗ୍ରହଣ କରିଥିଲେ। ଝିଅଟି ଯେତେବେଳେ ଆସ୍ତେ ଆସ୍ତେ ବଡ଼ ହେଲା ତା ପାଇଁ ସୁଯୋଗ୍ୟ ସନ୍ତାନହାତରେ ଦେବାକୁ ମନସ୍ଥ କରିଥିଲେ। ଫଳସ୍ୱରୂପ ବର୍ତ୍ତମାନ ମାତାଙ୍କ ଆବିର୍ଭାବ ବାଟ ଦେଇଯିବାକୁ ପଡ଼ିଥିଲା।

ବିବାହ ସମ୍ପନ୍ନ ପରେ ଶାଶୂ ଘରକୁ ଯିବା ବେଳେ ବର୍ତ୍ତମାନର ଏହି ସ୍ଥାନରୁ ଝିଅ ଆଉ ଯାଇନଥିଲା। ଅସ୍ୱାଭାବିକ ଭାବ ପ୍ରକଟର କଥା ରାଜାଙ୍କ ଗୋଚର ସ୍ୱରୂପ ମେଟା ନାମକ ଏକ ଗୁଣିଆଁ ଆସି ଉପଚାର ସମୟରେ ଏକ ଅଲୌକିକ ଘଟଣା ଦେଖିବାକୁ ମିଳିଥିବା ଜଣାଯାଏ। ଝିଅଟି ଏଠାରୁ ଅନ୍ତର୍ଧାନ ହୋଇ ମୁଁ ଆଜିଠାରୁ ଏଠାରେ ମେଟାକାନୀ ନାମରେ ପରିଚିତ ରହିବି ଓ ପୂଜା ପାଇବି ବୋଲି ରାଜାଙ୍କୁ ସ୍ୱପ୍ନାଦେଶ ହୋଇଥିବା କଥାରହିଛି। ଫଳସ୍ୱରୂପ ସେଠାରେ ଏକ ଗମ୍ଭାରୀ ଗଛ ମୂଳରେ ମାତା ଆବିର୍ଭାବ ହୋଇ ସେହିଦିନଠାରୁ ପୂଜା ପାଇଆସୁଥିବା ଲୋକମୁହଁରୁ ଜଣାଯାଏ। ମାତା ଘଞ୍ଚଜଙ୍ଗଲମଧ୍ୟରେ ରହିଥିବା ଏକ ଗଛ ମୂଳରେ ଦକ୍ଷିଣ ମୁହାଁ ହୋଇ ଆବିର୍ଭାବ ହୋଇଥିବା ଦେଖିବାକୁ ମିଳେ। ଏହାକୁ ନେଇ ଯାହା ଜନଶୃତି ରହିଛି। ମାତା ଯେତେବେଳେ ପାଳିତକନ୍ୟା ଭାବରେ ରାଜଉଆସରେ ବଢିଲେ ସେତେବେଳେ ସେ ମାତା ସୁରେଶ୍ୱରୀଙ୍କ ପାଖରେ ସମ୍ପୂର୍ଣ୍ଣ ଭାବରେ ସମର୍ପିତ ରହିଥିବା ବୋଧଗମ୍ୟହୁଏ। ଯେତେବେଳେ ରାଜା ବିବାହ ପ୍ରସ୍ତାବ ଆଣି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ ଯାହା ହୃଦୟଙ୍ଗମ ରହୁଛି ମାତା ସେଥିରେ ଖୁସିନଥିଲେ। ସେଥିପାଇଁ କରୁଣାମୟୀ ଓ ଭକ୍ତବାତ୍ସଲମାତା ସୁରେଶ୍ୱରୀଙ୍କ ପାଖରେ ସେ ଗୁହାରି କରିଥିବା ମନେହୁଏ। ସନ୍ତାନ ମନର ଗହନକଥା ମାତା ସୁରେଶ୍ୱରୀ ବୁଝିପାରିଥିଲେ। କାରଣ ଯାହା ପ୍ରତ୍ୟୟମାନହୁଏ ଝିଅଟି ସାଧାରଣ ଝିଅନଥିଲା ଝିଅଟି ଏକ ଦେବକନ୍ୟା ହୋଇ ଏହି ପୃଥିବୀ ଗର୍ଭକୁ ଆସିଥିବା ଅନୁମେୟ ହୁଏ। ଜନ୍ମ ହେବାଠାରୁ ମାତା ହୋଇ ଆବିର୍ଭାବ ପର୍ଯ୍ୟନ୍ତ ସମସ୍ତ ଦିଗକୁ ଦେଖିଲେ ଏହା ବୁଝାପଡ଼େ। ସରଳ, ନିଷ୍ପାପ ଝିଅର ଭକ୍ତିଭାବ ଓ ଗୁହାରୀ ଶୁଣି ମାତା ସେତେବେଳେ ନିଶ୍ଚୟ ବିବସ ହୋଇରହିଥିବେ। ହେଲେ ଝିଅଟି ସେଠାରୁ ଆଗକୁ ନ ବଢିବା ସହିତ ପିତା ଘରକୁ ଫେରାଇ ନନେବା ଗୁହାରି ସ୍ୱରୂପ ମାତା ସୁରେଶ୍ୱରୀ ଭକ୍ତର ପ୍ରାର୍ଥନାରେ ସନ୍ତୋଷ ପ୍ରକାଶକରି ବରଦାନ ସ୍ୱରୂପ ମାତା ମେଟାକାନୀଙ୍କ ଆବିର୍ଭାବ ହୋଇଥିବା କଥା ମଧ୍ୟ ଜନଶୃତି ରହିଅଛି।

ଏହି ଐତିହାସିକ ପ୍ରାଚୀନ ପବିତ୍ର ସ୍ଥଳର ପର୍ଯ୍ୟଟନଦୃଷ୍ଟି କୋଣରୁ ବହୁ ଗୁରୁତ୍ୱବହନକରେ। ରାଜ୍ୟକାହିଁକି ଦେଶମଧ୍ୟରେ ରହିଥିବା ପ୍ରମୁଖ ଦେବୀପୀଠ ମାନଙ୍କ ସହ ଏହି ପୀଠ ପ୍ରତି ମଧ୍ୟ ଶ୍ରଦ୍ଧାଳୁ ମାନଙ୍କ ଏକ ସ୍ୱତନ୍ତ୍ର ଆକର୍ଷଣରହିଥିବା ଜଣାଯାଏ। ପର୍ଯ୍ୟଟନଦୃଷ୍ଟି କୋଣରୁ ଦେଖିଲେ ମଧ୍ୟଏହା ଏକସୁନ୍ଦର ଆକର୍ଷଣୀୟପର୍ଯ୍ୟଟନ ସ୍ଥଳୀ ଅଟେ। ମାତା ମେଟାକାନୀ ପୀଠରେ ବର୍ଷତମାମ ଶ୍ରଦ୍ଧାଳୁ ମାନଙ୍କ ଯିବା ଆସିବା ଲାଗିରହିଥାଏ। ମାଆଙ୍କ ପୀଠରେ ଚୈତ୍ର ଓ ଆଶ୍ୱିନ ମାସରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଥିବାର ଦେଖିବାକୁ ମିଳିଥାଏ। ଉକ୍ତ ଦୁଇ ମାସରେ ଭକ୍ତ ବୃନ୍ଦ ନିଜ ନିଜର ମନୋବାଂଛିତ ଫଳ ସକାଶେ ମାଆଙ୍କ ପାଖରେ ଅଖଣ୍ଡଦୀପ ପ୍ରଜ୍ୱଳିତ କରୁଥିବା ଜଣାଯାଏ। ଛୋଟଛୋଟ ଶିଶୁମାନଙ୍କ ପ୍ରଥମ ବାଳପକା କାର୍ଯ୍ୟକ୍ରମ ମାଆଙ୍କ ପୀଠରେ କରୁଥିବା ଦେଖିବାକୁ ହୋଇଥାଏ।

ଉକ୍ତସ୍ଥଳୀରେ ରହିଥିବା ସୁନ୍ଦର ପୁଷ୍କରଣୀ ସହ ଆକର୍ଷଣୀୟ ଉଦ୍ୟାନଟି ପର୍ଯ୍ୟଟକଙ୍କ ମନମୋହିନେଇଥାଏ । ପ୍ରକୃତି ଏଠାରେ ଯୋଉ ସମ୍ଭାର ମେଳେଇଛି ସେହି ଅପରୂପ ଶୋଭା ରାଶିକୁ ଉପଭୋଗ କରିବା ତଥା ମାଆଙ୍କ ଆଶିଷ ଓ କରୁଣା ଟିକକ ପାଇଁ ବର୍ଷର ସବୁ ସମୟରେ ଉକ୍ତ ପୀଠଟି ଲୋକାରଣ୍ୟ ରହିଥାଏ। ପ୍ରାକୃତିକ ଶୋଭା ରାଶିରେ ପରିପୂର୍ଣ୍ଣ ତଥା ପୁଷ୍କରିଣୀ ଜଳର ଚମତ୍କାରିତା ଯୋଗୁଁ ଏଠାକୁ ହଜାର ହଜାର ସଂଖ୍ୟାରେ ଲୋକମାନେ ବଣଭୋଜି ପାଇଁ ଆସୁଥିବା ଜଣାଯାଏ। ମାଆଙ୍କ କରୁଣା ସହିତ ବଣ ଭୋଜିର ମଜା ଏଠାରେ ନିଆରା ରହିଥାଏ। କରୁଣା ମୟୀ ମାଆଙ୍କଚମତ୍କାରିତା ରହିଅଛି। ଏଠାରେ ରହିଥିବା ପୁସ୍କରଣୀରେ ଅପୁତ୍ରିକନାରୀ ସ୍ନାନକରି ମାଆଙ୍କ ପାଖରେ ସନ୍ତାନପ୍ରାପ୍ତି ନିମନ୍ତେ ଗୁହାରୀ ରଖିଲେ ମନୋବାଞ୍ଛା ପୂରଣ ହୋଇଥାଏ ବୋଲି ମଧ୍ୟ ବିଶ୍ୱାସ ରହିଅଛି। ଆହୁରି ଗୋଟାଏ କଥା ଜାଣିବାକୁ ମିଳିଥାଏ ଏହି ରାଜପଥ ଦେଇ ଯାଉଥିବା ସମସ୍ତ ଯାତ୍ରୀଗଣ ଏଠାରେ ଟିକିଏ ଅଟକି ମାଆଙ୍କ ଦର୍ଶନ କରିଗଲେ ଯାତ୍ରାରେ କୋଣସି ପ୍ରକାରର ଅଘଟଣ ଆସିନଥାଏ। ସେଥିପାଇଁ ପଥଚାରୀଙ୍କ ଠାରୁ ଆରମ୍ଭ କରି ଉକ୍ତ ରାସ୍ତାଦେଇ ଯାଉଥିବା ସମସ୍ତ ଯାନବାହନ ମଧ୍ୟ ଏଠାରେ ଅଟକି ମାଆଙ୍କ ଦର୍ଶନ କରି ପୁଣି ଯାତ୍ରାକରୁଥିବା ଦେଖିବାକୁ ମିଳିଥାଏ। ଏହି ପୀଠକୁ ଆସିବାକୁ ହେଲେ ଜିଲ୍ଲା ସଦର ମହକୁମାକୁ ଆସି ଟେକ୍ସି ଯୋଗେ ଯାଇହେବ।

ସୁବର୍ଣ୍ଣପୁର ସମ୍ବଲପୁର ଓ ସମ୍ବଲପୁର ସୁବର୍ଣ୍ଣପୁରକୁ ଚାଲୁଥିବା ଯାତ୍ରୀବାହୀ ବସ ଯୋଗେ ଏହି ସ୍ଥାନକୁ ପହଞ୍ଚିହେବ। ସଦରମହକୁମାରୁ ଏହାର ଦୂରତ୍ୱ ୨୦ କିଲୋମିଟର ହେବ। ଭୁବନେଶ୍ୱରରୁ ୫୭ନମ୍ବର ଜାତୀୟ ରାଜପଥରେ ସୁବର୍ଣ୍ଣପୁରକୁ ୨୮୦ କିଲୋମିଟର। ଭୁବନେଶ୍ୱରରୁ ୫୫ନମ୍ବର ଜାତୀୟ ରାଜପଥରେ ରେଢ଼ାଖୋଲ ପର୍ଯ୍ୟନ୍ତ ଆସି ଟେକ୍ସି ଯୋଗେ ଆସିଲେ ମାତ୍ର ୧୦୦ କିଲୋମିଟର ହେବ। ଏହାର ନିକଟତମ ରେଳପଥ ସମ୍ବଲପୁର। ନିକଟତର ବିମାନପଥ ଝାରସୁଗୁଡ଼ା। ବଲାଙ୍ଗିରଠାରୁ ସୁବର୍ଣ୍ଣପୁର ସଦରମହକୁମାଦେଇ ୭୦ କିଲୋମିଟର। ସମ୍ବଲପୁର ସୁବର୍ଣ୍ଣପୁର ରାଜପଥରେ ମାତ୍ର୬୦ କିଲୋମିଟର। ପଥଚାରୀଙ୍କ ବିଶ୍ରାମ ପାଇଁ ବିଶ୍ରାମ ଗୃହ ରହିଅଛି। ସଦର ମହକୁମା ସୁବର୍ଣ୍ଣପୁରକୁ ମାତ୍ର ୨୦କିଲୋମିଟର ଆସିଲେ ହୋଟେଲ, ପାନ୍ଥନିବାସ, ଧର୍ମଶାଳା ଓ ଯାତ୍ରୀନିବାସ ଉପଲବ୍ଧ ରହିଛି।

*ସୋନପୁର*

*ଦୂରଭାଷ : ୮୧୪୪୮୭୦୭୨୯*





## ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେପି

# ବୁଥ୍ ଭିତରକୁ ଫୋନ ବାରଣ ହେଉ : ଡ. ଲେଖାଶ୍ରୀ



**ଭୁବନେଶ୍ୱର :** ଧାମନଗର ଉପନିର୍ବାଚନରେ ସରକାରୀ କଳ ଓ ପ୍ରଶାସନକୁ ପ୍ରଚାର କାର୍ଯ୍ୟରେ ଶାସକ ବିଜେଡି ବ୍ୟବହାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଦଣ୍ଡନୀୟ ଅପରାଧ। ବିଜେଡି ସମର୍ଥକ କଣ୍ଟ୍ରୋଲ ଡିଲରଙ୍କ ଦ୍ୱାରା ରାସନ ସାମଗ୍ରୀ ବଣ୍ଟନ କରାଯିବା ସହ ମତଦାନ ଦେଇ ଫଟୋ ଦେଖାଇବା ପରେ ୨ହଜାର ଟଙ୍କା ଦେବାକୁ ପ୍ରଲୋଭିତ କରୁଛି ବିଜେଡି। ଯାହା ନିର୍ବାଚନ ଆଚରଣ ବିଧିକୁ ଖୁଲମ୍ ଖୁଲା ଉଲଘଂନ କରୁଛି। ତେଣୁ ମତଦାନ ବେଳେ ମୋବାଇଲ ଫୋନ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯିବାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରାଯାଇଛି। ସୂଚନାଥାଉ କି, ଆସନ୍ତା ନଭେମ୍ବର ୩ ତାରିଖରେ ହେବାକୁ ଥିବା ଧାମନଗର ଉପନିର୍ବାଚନରେ ମତଦାନ କେନ୍ଦ୍ରରେ ମୋବାଇଲ ଫୋନ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଉ। ପୂର୍ବରୁ ଅନେକ ଭୋଟର ବାଲାଟ ପେପର ଏବଂ ଭିଭିପାଟ ମେସିନ ଫଟୋକୁ ଉଠାଇ ଶାସକ ବିଜେଡି ସପକ୍ଷରେ ଭୋଟ ଦେଉଥିଲେ, ଯାହା ଭୋଟରଙ୍କୁ ପ୍ରଭାବିତ କରିଥିଲା। ଏହାସହ ଶାସକ ବିଜେଡି ଭୋଟ ପାଇଁ ୧ଲକ୍ଷ ଟଙ୍କା ପ୍ରଦାନ କରୁଥିବା ପ୍ରମାଣ ମଧ୍ୟ ମିଳିଛି। ଏହା ଅତ୍ୟନ୍ତ ଅଗଣତାନ୍ତ୍ରୀକ ଏବଂ ଆଦର୍ଶ ନିର୍ବାଚନ ଆଚରଣ ସଂହିତା ବିରୋଧୀ ଅଟେ । ତେଣୁ ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ ଏହି ପ୍ରସଙ୍ଗରେ ବିହୀତ ଏବଂ ଦୃଷ୍ଟାନ୍ତମୂଳକ କଠୋର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବିଜେପି ରାଜ୍ୟ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ କହିଛନ୍ତି। ସେହିପରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ୩୦ଟଙ୍କା ନେଇ ଓଡିଶା ସରକାରଙ୍କ ଲୋଗୋ ଥିବା ଜାତୀୟ ଖାଦ୍ୟ ସୁରକ୍ଷା କାର୍ଡ ବାଣ୍ଟୁଛନ୍ତି। ଯାହାକି ଅନ୍ୟ କୌଣସି ସ୍ଥାନରେ କରାଯାଉ ନାହିଁ। କାହା ନିର୍ଦ୍ଦେଶରେ ଏସଏଚଜି ମହିଳାମାନେ ଏହି କାର୍ଯ୍ୟ କରୁଛନ୍ତି ତାହାର ତଦନ୍ତ ନିହାତି କରାଯିବା ଉଚିତ୍। ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଏସୁବୁକୁ ବନ୍ଦ କରିବା ଲାଗି ସିଇଓଙ୍କ ନିକଟରେ ବିଜେପି ଦାବି କରିଛି ବୋଲି ଡ. ଲେଖାଶ୍ରୀ କହିଛନ୍ତି। ଏହି ଅବସରରେ ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିର ପୂଜକ ଶିବ ନନାଙ୍କ ଦେହାନ୍ତ



**ଜଗତସିଂହପୁର :** ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ସଦାଶିବ ମନ୍ଦିର ପୂଜକ ଶିବପ୍ରସାଦ ଦାସ (୫୫)ଙ୍କ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡିତ ଥିବାରୁ ତାଙ୍କର ଅକାଳ ବିୟୋଗକୁ ନେଇ ଗ୍ରାମରେ ଗ୍ରମାମବାସୀଙ୍କ ପକ୍ଷରୁ ତାଙ୍କ ମରଶରୀରକୁ ଧରି ଗ୍ରାମର ସବୁ ସ୍ଥାନରେ ପଦଯାତ୍ରା କରିଥିଲେ। ଶେଷରେ ଗ୍ରାମ ଶ୍ମଶାନ ନିକଟରେ ସତ୍କାର କରାଯାଇଥିଲା। ଘଟଣାରୁ ପ୍ରକାଶ ଯେ ମୃତ ଶିବା ନନା ଜଣେ ଗରିବ ବ୍ରାହ୍ମଣ ଥିଲେ। ଶିବ ନନାଙ୍କ ପୁଅ ରାକେଶ ଦାସ ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁଖବରପାଇ ରେଢୁଆ ଅଂଚଳର ବହୁ ଲୋକ ତାଙ୍କ ଘର ନିକଟରେ ପହଂଚି ଶବାଧାରରେ ମାଲ୍ୟାର୍ପଣ କରିବା ସହିତ ଗଭୀର ଶୋକପ୍ରକାଶ କରିଥିଲେ।

# ମୈତ୍ରେୟୀ ଲେଖିକା ସଂଗଠନର ମାସିକ ଆଭାସୀ ଆସର

**ଭୁବନେଶ୍ୱର :** ଶକ୍ତି ଓ ସାଧନାର ପ୍ରତିମା ହିଁ ନାରୀ। ନାରୀର ଦେବୀତ୍ୱ ଓ ଅସ୍ତିତ୍ୱର ସ୍ୱରୂପ ଆଧାତ୍ମିକ ଚେତନା ମାଧ୍ୟମରେ ମୈତ୍ରେୟୀ ଲେଖିକା ସଂଗଠନର ତ୍ରୟୋଦଶ ମାସିକ ଆସର ଆଭାସୀ ମଂଚରେ ଅନୁଷ୍ଠିତ ହୋଇଯାଇଛି। ଏହି ଆସରର ମୁଖ୍ୟ ଅତିଥି ରୂପେ ବରିଷ୍ଠ କବି ମମତା ଦାଶ ଯୋଗଦେଇ ନାରୀର ଶକ୍ତି ଧାରଣା ହିଁ ଦେବୀତ୍ୱ ସିଦ୍ଧ କରିବା ସହ ଏହାର ଯର୍ଥାତତା ବୁଝାଇଲେ। ପୁରୁଣା ଚିତ୍ରକଳ୍ପକୁ ପରିତ୍ୟାଗ କରି ନୂଆ ଚିନ୍ତା ଓ ଚେତନାରେ ଚିତ୍ରକଳ୍ପ ଦେଇ ଲେଖିବାକୁ ସମସ୍ତ ମୈତ୍ରେୟୀମାନଙ୍କୁ ସେ ପ୍ରେରିତ କରିଥିଲେ। ଆସରର ସଭାପତି ପ୍ରିୟ ମୈତ୍ରେୟୀ ଚିନ୍ମୟୀ ଷଡ଼ଙ୍ଗୀ ପୌରାଣିକ ଶ୍ଳୋକ ଆବୃତ୍ତି କରି ସଭିଙ୍କୁ ବିମୋହିତ କରିଥିଲେ। ମାତୃତ୍ୱ ହିଁ ଦେବୀତ୍ୱ ଯାହା ଦରିଦ୍ରତାରେ ମଧ୍ୟ ପରିଲକ୍ଷିତ ହୋଇଥାଏ ବୋଲି ସେ ନିଜ ଅଭିଭାଷଣରେ କହିଥିଲେ। ସାହିତ୍ୟରେ ନାରୀର ଭୂମିକାକୁ ଶ୍ରେଷ୍ଠ ମଣି ମୈତ୍ରେୟୀ ସଦସ୍ୟାମାନଙ୍କୁ ସେ ଉତ୍ସାହିତ କରିଥିଲେ। ମାତୃ ସଙ୍ଗୀତରେ ମୈତ୍ରେୟୀ ନିହାରୀକା ରଥଙ୍କର ଭାବପୂର୍ଣ୍ଣ ସଙ୍ଗୀତ ପରିବେଷଣ ସମସ୍ତଙ୍କୁ ଭାବବିହ୍ୱଳ କରିପାରିଥିଲା। ମୈତ୍ରେୟୀ ଗାୟତ୍ରୀ ଦାସଙ୍କ ମନଛୁଆଁ ସଂଚାଳନା ଏବଂ ମୈତ୍ରେୟୀ ବିଜୟଲକ୍ଷ୍ମୀ ପାଣିଗ୍ରାହିଙ୍କ କବିତା ସଂଯୋଜନା ବେଶ୍ ହୃଦୟସ୍ପର୍ଶୀ ଥିଲା। ଯେଉଁ ମୈତ୍ରେୟୀମାନଙ୍କ ସୃଷ୍ଟିର ସମ୍ଭାରରେ ଦେବୀପକ୍ଷ ସଫଳ ହୋଇଥିଲା ସେମାନେ ଥିଲେ ସୁଜାତା ମହାପାତ୍ର, ବନ୍ଦିତା ଦାସ, ସଂଧ୍ୟାରାଣୀ ଦାସ, ଶୁଚିସ୍ମିତା ମିଶ୍ର, ସୁସ୍ମିତା ମହାପାତ୍ର, ଡ. ଜ୍ୟୋତ୍ସ୍ନା ମଞ୍ଜରୀ ତ୍ରିପାଠୀ, ସୁମିତା ବେହେରା ପ୍ରଣତି ଆଚାର୍ଯ୍ୟ ମିଶ୍ର ଓ ଗାୟତ୍ରୀ ଆର୍ଯ୍ୟ।ପଠିତ କବିତାଗୁଡିକୁ ସମୀକ୍ଷା କରିଥିଲେ ମୈତ୍ରେୟୀ ଅଙ୍ଗୁରବାଳା ପରିଡ଼ା। ଆସରର ସୃଜନୀରେ ମୈତ୍ରେୟୀ ଶ୍ୱେତପଦ୍ମା ପାଢ଼ୀଙ୍କ 'ସଖୀକଣ୍ଢେଇ' ଉପନ୍ୟାସକୁ ସମୀକ୍ଷା କରିଥିଲେ ମୈତ୍ରେୟୀ ବିନ୍ଦୁ ନିବେଦିତା ଓ ମୈତ୍ରେୟୀ ଶ୍ରୁତକୀର୍ତ୍ତି ତ୍ରିପାଠୀ। ମୈତ୍ରେୟୀ ଲେଖିକା ସଂଗଠନର ମାସିକ ଆସର ସୃଜନ ଓ ସର୍ଜନାର ଏକ ମୁକ୍ତମଞ୍ଚ ବୋଲି ମୈତ୍ରେୟୀ ଚନ୍ଦ୍ରା ମିଶ୍ର ଅଭିବ୍ୟକ୍ତି ପ୍ରଦାନ କରି ସଭିଁଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଆସରର ସୁପରିଚାଳନା ଦାୟିତ୍ୱରେ ଥିଲେ ମୈତ୍ରେୟୀ ସସ୍ମିତା ମହାନ୍ତି। ମୈତ୍ରେୟୀ ଲେଖିକା ସଂଗଠନର ସମ୍ପାଦିକା ଲକ୍ଷ୍ମୀ ଚାନ୍ଦଙ୍କ ମାର୍ଗଦର୍ଶନରେ ଆଜିର ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା।



# ଅଦାନୀଙ୍କୁ ପଛରେ ପକାଇଲେ ସୁସ୍ମିତା



**ଭୁବନେଶ୍ୱର :** ଦେଶର ବଡ଼ ବଡ଼ ଅରବପତିଙ୍କୁ ପଛରେ ପକାଇଲେ ଓଡ଼ିଶାର ସୁସ୍ମିତା ବାଗଚୀ। ଏଡେଲ୍ ଗିଭ୍ ହୁରୁନ୍ ଇଣ୍ଡିଆ ଫିଲାନଥ୍ରୋପି ତାଲିକା ୨୦୨୨ ପ୍ରକାଶ କରିଥିବା ଦେଶର ସବୁଠାରୁ ବଡ଼ ଦାନୀଙ୍କ ମଧ୍ୟରେ ରହିଛନ୍ତି ସୁସ୍ମିତା। ସେ ଏହି ତାଲିକାର ପଞ୍ଚମ ସ୍ଥାନରେ ରହିଛନ୍ତି। ଏଥିସହିତ ଶିଳ୍ପପତି ତଥା ଏସିଆର ସବୁଠାରୁ ଧନୀ ବ୍ୟକ୍ତି ଗୌତମ ଆଦାନୀ ମଧ୍ୟ ତାଙ୍କ ପଛରେ ପଡ଼ିଯାଇଛନ୍ତି। ଏହି ତାଲିକା ଅନୁସାରେ ଆଇଟି କମ୍ପାନୀ ଏଚ୍‌ସିଏଲ୍‌ର ଫାଉଣ୍ଡର ଶିବ ନାଦର ବର୍ଷକୁ ୧ ହଜାର ୧୬୧ କୋଟି ଟଙ୍କା ଦାନ କରି ପ୍ରଥମ ସ୍ଥାନରେ ରହିଛନ୍ତି। ଏହି ଅନୁସାରେ ହିସାବ କଲେ ଶିବ ନାଦର ଦିନକୁ ୩ କୋଟି ଟଙ୍କା ଲେଖାଏଁ ଦାନ କରିଛନ୍ତି। ଏହା ସହିତ ଶିବ ନାଦର ଆଇଟି କମ୍ପାନୀ ୱିପ୍ରୋର ଫାଉଣ୍ଡର ଅଜିମ୍ ପ୍ରେମ୍‌ଜୀଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଅଜିମ୍ ପ୍ରେମଜୀ ସବୁଠାରୁ ବଡ଼ ଦାନବୀର ବୋଲି କୁହାଯାଉଥିଲା। ଚଳିତ ବର୍ଷ ଅଜିମ୍ ୪୮୪ କୋଟି ଟଙ୍କା ଦାନ କରି ସୂଚୀର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରିପୋର୍ଟ ମୁତାବିକ ରିଲାଏନ୍ସ କମ୍ପାନୀର ଚେୟାରମ୍ୟାନ୍ ମୁକେଶ ଅମ୍ବାନୀ ତାଲିକାର ତୃତୀୟ ସ୍ଥାନରେ ରହିଥିବା ବେଳେ ଚତୁର୍ଥ ସ୍ଥାନରେ ଆଦିତ୍ୟ ବିର୍ଲା ସମୂହର ଚେୟାରମ୍ୟାନ୍ କୁମାର ମଙ୍ଗଳମ୍ ବିର୍ଲା ରହିଛନ୍ତି। ଅମ୍ବାନୀ ଗୋଟିଏ ବର୍ଷ ମଧ୍ୟରେ ୪୧୧ କୋଟି ଟଙ୍କା ଦାନ କରିଛନ୍ତି ଏବଂ ଆଦିତ୍ୟ ବିର୍ଲା ୨୪୨ କୋଟି ଟଙ୍କା ଦାନ କରିଛନ୍ତି। ଆଇଟି ସେକ୍ଟରର ବଡ଼ କମ୍ପାନୀ ମାଇଣ୍ଡ ଟ୍ରି ସହ ଜଡ଼ିତ ସୁସ୍ମିତା ବାଗଚୀଙ୍କ ଛଡ଼ା ରାଧା ଏବଂ ଏନ୍‌ଏସ ପାର୍ଥ ସାରଥୀ ୨୧୩ କୋଟି ଟଙ୍କା ବାର୍ଷିକ ଦାନ ସହିତ ତାଲିକାର ପଞ୍ଚମ ସ୍ଥାନରେ ରହିଛନ୍ତି। ଏହା ସହ ୧୯୦ କୋଟି ଟଙ୍କା ଦାନ ସହିତ ଗୌତମ ଆଦାନୀ ଚଳିତ ବର୍ଷ ସପ୍ତମ ସ୍ଥାନରେ ରହିଛନ୍ତି। ଗତବର୍ଷ ଭୁବନେଶ୍ୱରରେ ବିଶ୍ୱସ୍ତରୀୟ କ୍ୟାନସର ହସ୍ପିଟାଲ ଓ କେୟାର ସେଣ୍ଟର ପ୍ରତିଷ୍ଠା କରିବା ପାଇଁ ସହଯୋଗର ହାତ ବଢ଼ାଇଥିଲେ ଉଦ୍ୟୋଗପତି ସୁବ୍ରତୋ ବାଗଚୀ ଏବଂ ତାଙ୍କ ପତ୍ନୀ ସୁସ୍ମିତା ବାଗଚୀ। ବାଗଚି ଦମ୍ପତ୍ତି ମୋଟ ୪୩୦ କୋଟି ଟଙ୍କାର ସହାୟତା ଯୋଗାଇଦେବେ ବୋଲି ଘୋଷଣା କରିଥିଲେ। ଓଡ଼ିଶାର ଏହି ସୁନାମ ଧନ୍ୟ ଦମ୍ପତ୍ତି ରାଜ୍ୟର ଅନନ୍ୟ ସେବା ପରମ୍ପରାରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ କଟକର ବାଇମୁଣ୍ଡିଙ୍କ ଉଚ୍ଚ ପରମ୍ପରାକୁ ଆଗେଇ ନେଇଥିଲେ।

# ନିଷ୍ଠାର ସହ ରୋଗୀ ସେବା କର : ନବୀନ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡା ଜିଲ୍ଲାର ନୂଆ ମୁଖ୍ୟ ଚିକିତ୍ସାଳୟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିଛନ୍ତି। ଏହି ନୂତନ ଚିକିତ୍ସାଳୟ କମ୍ପ୍ଲେକ୍ସରେ ୨୦୦ଟି ଶଯ୍ୟା ଥିବାବେଳେ ଅତ୍ୟାଧୁନିକ ଓପିଡି ୟୁନିଟ୍, କାଜୁଆଲିଟ୍ ଓ ଟ୍ରମା କେୟାର, ୫ ଶଯ୍ୟା ବିଶିଷ୍ଟ ଟ୍ରମା ଆଇସିୟୁ, ରାଡିଓଲୋଜି, ଏମ୍‌ଆରଆଇ ସିଟି ସ୍କାନ ସୁବିଧା, ଉନ୍ନତ ଧରଣର ଓଟି କମ୍ପ୍ଲେକ୍ସ, ୧୫ ଶଯ୍ୟା ବିଶିଷ୍ଟ ଏସ୍‌ଏନ୍‌ସିୟୁ ସହିତ କଙ୍ଗାରୁ ମାତୃସେବା ସୁବିଧା, ୩୪ ଶଯ୍ୟା ବିଶିଷ୍ଟ ଆଇସିୟୁ ବ୍ୟବସ୍ଥା କରାଯାଇଛି। ଭର୍ଚୁଆଲ ଜରିଆରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଲେ ଯେ ଏହି ଆଧୁନିକ ହସ୍‌ପିଟାଲ କେନ୍ଦ୍ରାପଡା ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୂପାନ୍ତର ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଜିଲ୍ଲାର ରୋଗୀମାନଙ୍କୁ ଆଉ ଚିକିତ୍ସା ପାଇଁ ଆଉ କଟକ ବା ଭୁବନେଶ୍ୱର ଯିବା ଆବଶ୍ୟକ ନାହିଁ। ନିଜ ଜିଲ୍ଲାରେ ହିଁ ସେମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ। ଆମ ପାଇଁ 'ପ୍ରତି ଜୀବନ ମୂଲ୍ୟବାନ'। ଏହି ଆଦର୍ଶ ନେଇ ଆମେ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଡାକ୍ତର ଓ ପାରାମେଡିକ୍ସ ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତେଣୁ, ଆପଣମାନେ ନିଷ୍ଠାର ସହ ରୋଗୀର ସେବା କରନ୍ତୁ। ରୋଗୀର ମୁହଁରେ ହସ ଓ ମନରେ ବିଶ୍ୱାସ ହିଁ ଆପଣମାନଙ୍କ ପାଇଁ ଏବଂ ଆମ ସମସ୍ତଙ୍କ ପାଇଁ ବଡ ପୁରସ୍କାର ହେବ ଓ ଆମ ପାଇଁ ସନ୍ତୋଷ ଆଣିପାରିବ। ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଲକ୍ଷ ଲକ୍ଷ ଲୋକ ବିନା ପଇସାରେ ଭଲ ଚିକିତ୍ସା ପାଇପାରୁଛନ୍ତି। ଲକ୍ଷ ଲକ୍ଷ ପରିବାର ଉପକୃତ ହେଉଛନ୍ତି। ଏହାଦ୍ୱାରା ଗରିବ ଲୋକଙ୍କ ଚିକିତ୍ସା ଚିନ୍ତା ଦୂର ହୋଇପାରିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶିକ୍ଷ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଲେ ଯେ କେନ୍ଦ୍ରାପଡା ହେଉଛି ବିଜୁ ବାବୁଙ୍କ କର୍ମ ଭୂମି। କେନ୍ଦ୍ରାପଡାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଆଜି କେନ୍ଦ୍ରାପଡା ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ମାଇଲ ଖୁଣ୍ଟ ସ୍ଥାପିତ ହୋଇଛି ବୋଲି ସେ କହିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ କହିଲେ ଯେ କେନ୍ଦ୍ରାପଡାବାସୀଙ୍କ ପାଇଁ ଏକ ଗର୍ବ ଓ ଗୌରବର ଦିନ। ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ୧୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ଦେଇଛନ୍ତି। ଜିଲ୍ଲାର ସମସ୍ତ ହେଲ୍‌ଥ ସେଣ୍ଟରର ଭିତିଭୂମିର ଉନ୍ନତି ପାଇଁ ଅର୍ଥ ଯୋଗାଇ ଦେଇଛନ୍ତି। କେନ୍ଦ୍ରାପଡା ବିଧାୟକଶଶୀଭୂଷଣ ବେହେରା ତାଙ୍କ ବକ୍ତବ୍ୟରେ କେନ୍ଦ୍ରାପଡାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିର ଉଚ୍ଚପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲାପାଳ ଅମୃତ ଋତୁରାଜ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜିଲ୍ଲା ପରିଷଦର ସିଡିଏମ୍‌ଓ-କମ-ଇଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିତ୍ରକଳା ପ୍ରଦର୍ଶନୀ ଓ ପାରମ୍ପରିକ ପଟ୍ଟଚିତ୍ର ଶିବିର ଉଦ୍‌ଯାପିତ

**ବେଙ୍ଗାଲୁରୁ :** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ତିନି ଏକାଡେମୀ ଦ୍ୱାରା ଆୟୋଜିତ ଓଡିଶା ଉତ୍ସବ ପାଳନ ଅବସରରେ ଓଡିଶା ଲଳିତକଳା ଏକାଡେମୀ ଆନୁକୂଲ୍ୟରେ ଚାଲିଥିବା ତିନିଦିନିଆ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ ଓ ପାରମ୍ପରିକ ପଟ୍ଟଚିତ୍ର ଶିବିର ଉଦଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ପ୍ରଦର୍ଶନୀରେ ବାଙ୍ଗାଲୁରୁ ଠାରେ ରହୁଥିବା ବହୁ ଓଡ଼ିଆ ଓ ବାଙ୍ଗାଲୁରୁବାସୀ ଓଡ଼ିଶାର ଖ୍ୟାତନାମା ବରିଷ୍ଠ ଓ ଯୁବଶିଳ୍ପୀ ମାନଙ୍କର ସମସାମୟିକ ଚିତ୍ରକଳାକୁ ଦେଖିବାର ସୁଯୋଗ ପାଇଥିଲେ। ଉତ୍ସବ ଅବସରରେ ଚାଲିଥିବା ପଟ୍ଟଚିତ୍ର ଶିବିରରେ ଓଡ଼ିଶାର ୧୦ ଜଣ ମହିଳା ଚିତ୍ରଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ୧୬ ଫୁଟ ର ପାରମ୍ପରିକ ପଟ୍ଟଚିତ୍ର ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏକାଡେମୀ ଦ୍ୱାରା ପ୍ରଥମଥର ପାଇଁ ଓଡିଶା ବାହାରେ ଏପରି ବୃହତ ଆକାର ପଟ୍ଟଚିତ୍ରର ପ୍ରସ୍ତୁତିକରଣ ଓ ପ୍ରଦର୍ଶନ ହୋଇଛି ବୋଲି ଏକାଡେମୀ ସଚିବ ପଞ୍ଚାନନ ସାମଲ କହିଛନ୍ତି। ଏହାଦ୍ୱାରା ଓଡିଶୀ ପଟ୍ଟଚିତ୍ରର ସ୍ୱତନ୍ତ୍ର ଶୈଳୀକୁ ଦର୍ଶକ ଉପଲବ୍ଧି କରିବା ସହିତ ଆମ ଐତିହ୍ୟର ପ୍ରଚାର ଓ ପ୍ରସାର ହୋଇଥିଲା। ୧୬ ଫୁଟରେ ୪ ଫୁଟର ଏହି ଚିତ୍ରଟିରେ ଶିଳ୍ପୀମାନେ ମଝିରେ ଶ୍ରୀକୃଷ୍ଣଙ୍କ ରାସଲୀଳା ସହିତ ବାମପାର୍ଶ୍ୱରେ ଗିରିଗୋବର୍ଦ୍ଧନ ଓ ଡାହାଣ ପାର୍ଶ୍ୱରେ କାଳୀୟ ଦଳନର ଚିତ୍ରକୁ ନିଖୁଣ ଭାବରେ ଅଙ୍କନ କରିଥିଲେ। ଏହି ଅବସରରେ ବାଙ୍ଗାଲୁରୁଠାରେ ରହୁଥିବା ଓଡ଼ିଆ ମହିଳା ମାନଙ୍କ ମଧ୍ୟରେ ପାରମ୍ପରିକ ଝୋଟି ପ୍ରତିଯୋଗିତା ହୋଇଥିଲା। ଝୋଟିରେ ଉର୍ମିଳା ରଥ ପ୍ରଥମ, ବିଷ୍ଣୁପ୍ରିୟା ମହାପାତ୍ର ଦ୍ୱିତୀୟ, ସ୍ୱାଗତିକା ରଥ ତୃତୀୟ, ଲୋପାମୁଦ୍ରା ପରିଡା ଚତୁର୍ଥ ଓ ମୁରୁଜରେ ପ୍ରୋଦୀପ୍ତା ମହାନ୍ତି ପ୍ରଥମ ରୂପେ ପୁରସ୍କାର ପାଇଁ ବିବେଚିତ ହୋଇଥିଲେ। ଉଦଯାପନୀ ଉତ୍ସବର ଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନକୁମାର ଦାସ, ଓଡିଶା ଲଳିତକଳକ୍ଷ ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସୁବିଖ୍ୟାତ ଲୋକକଳା ଶିଳ୍ପୀ କେ. ଶିବାନନ୍ଦ ହେଗଡେ, ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଡ଼ଃ ହୃଷିକେଶ ମଲ୍ଲିକ, ବିଭାଗର ଯୁଗ୍ମନିର୍ଦ୍ଦେଶକ ସୁବୋଧ କୁମାର ଆଚାର୍ଯ୍ୟ, ଓଡିଶା ସଂଗୀତ ନାଟକ ଏକାଡେମୀର ସଚିବ ପବୋଧ ରଥ, ପ୍ରମୁଖ ଶିଳ୍ପୀ ମାନଙ୍କ ଦ୍ୱାରା ଅଙ୍କିତ ବୃହତ ପଟ୍ଟଚିତ୍ରର ପ୍ରଶଂସା କରିବା ସହିତ ଶିଳ୍ପୀଙ୍କୁ ଉତ୍ସାହିତ କରିଥିଲେ। ସନ୍ଧ୍ୟାରେ ଅତିଥି ମାନେ ଝୋଟି ଓ ମୁରୁଜରେ କୃତିପ୍ରତିଯୋଗୀ ମାନଙ୍କୁ ଓ ୧୦ଜଣ ମହିଳା ପଟ୍ଟଚିତ୍ର ଶିଳ୍ପୀଙ୍କୁ ଟ୍ରଫି ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ।



# ଅନନ୍ୟା ନୃତ୍ୟଶିଳ୍ପୀ ଅର୍ଚ୍ଚନା

**ଭୁବନେଶ୍ୱର :** ରମାଦେବୀ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀ ସୁଶ୍ରୀ ଅର୍ଚ୍ଚନା ମୁଦୁଲି ଓଡିଶାର ମହାନ ନୃତ୍ୟ ପରମ୍ପରା ଓଡିଶୀ ନୃତ୍ୟର ଜଣେ ଅସାଧାରଣ ପ୍ରତିଭାମୟୀ ନୃତ୍ୟଶିଳ୍ପୀ ଭାବେ ଓଡ଼ିଶାର ବିଭିନ୍ନ ସାଂସ୍କୃତିକ ସମାରୋହରେ ନିଜର ନୃତ୍ୟ ପରିବେଷଣ ମାଧ୍ୟମରେ ନିଜର ନୃତ୍ୟ ନୈପୁଣ୍ୟ ପ୍ରତିପାଦିତ କରିଛନ୍ତି। ଭୁବନେଶ୍ୱର ସ୍ଥିତ ବମିଖାଲର ବାସିନ୍ଦା ଅର୍ଜୁନ ମୁଦୁଲି ଓ ସସ୍ମିତା ମୁଦୁଲିଙ୍କର ସୁକନ୍ୟା ସୁଶ୍ରୀ ଅର୍ଚ୍ଚନା ନୃତ୍ୟାଚାର୍ଯ୍ୟ ଗୁରୁଶ୍ରୀ ଦୁର୍ଗା ଚରଣ ରଣବୀରଙ୍କ ନୃତ୍ୟାନୁଷ୍ଠାନ ନୃତ୍ୟାୟନରୁ ଗୁରୁଶ୍ରୀ ଦେବ ପ୍ରସାଦ ଦାସଙ୍କ ଶୈଳୀର ଓଡିଶୀ ନୃତ୍ୟରେ ଧୀରେନ୍ଦ୍ର ନାଥ ପଟ୍ଟନାୟକଙ୍କ ତତ୍ତ୍ୱବଧାନରେ ଗୁରୁ ମନୋଜ କୁମାର ପ୍ରଧାନଙ୍କ ଠାରୁ ଶିକ୍ଷା ଲାଭ କରି ଅଳ୍ପ ବୟସରୁ ବେଶ ପ୍ରଶଂସା ସାଉଁଟି ପାରିଛନ୍ତି। ୨୦୦୪ ମସିହା ଡିସେମ୍ବର ୧୧ ତାରିଖରେ ଜନ୍ମଗ୍ରହଣ କରିଥିବା ସୁଶ୍ରୀ ଅର୍ଚ୍ଚନା ମୁଦୁଲି ବିଭିନ୍ନ ଅନୁଷ୍ଠାନ ଠାରୁ ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପ, ଭଞ୍ଜ କଳା ମଣ୍ଡପ, କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର, ସମେତ ପୁରୀ, କଟକ, ଅନୁଗୁଳ, ସ ମ୍ବଲପୁର, ଇତ୍ୟାଦି ସ୍ଥାନରେ ବିଭିନ୍ନ ସୁପ୍ରସିଦ୍ଧ ରଙ୍ଗମଞ୍ଚ ମାନଙ୍କରେ ଓଡିଶୀ ନୃତ୍ୟରେ ତାଙ୍କର ନୈପୁଣ୍ୟ ପ୍ରଦର୍ଶନ କରି ବହୁ ପ୍ରଶଂସା ଅର୍ଜନ କରିବା ସଙ୍ଗେ ସଙ୍ଗେ ନିଜର ପିତା ମାତା ତଥା ଶିକ୍ଷାନୁଷ୍ଠାନର ନାମ ଉଜ୍ଜ୍ୱଳ କରିବାରେ ସମର୍ଥ ହୋଇପାରିଛନ୍ତି। ଆଗାମୀ ଦିନରେ ସୁଶ୍ରୀ ଅର୍ଚ୍ଚନା ଆମ ରାଜ୍ୟର ଗର୍ବ ଓ ଗୌରବ ଓଡିଶୀ ନୃତ୍ୟ କଳାର ଜଣେ ଅନନ୍ୟା କଳାକାର ଭାବେ ଦେଶ ବିଦେଶରେ ଓଡିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରିବେ ଏହା ସୁନିଶ୍ଚିତ। ସୁଶ୍ରୀ ଅର୍ଚ୍ଚନାଙ୍କର ଉତ୍କୃଷ୍ଟ ଓଡିଶୀ ନୃତ୍ୟ ପ୍ରଦର୍ଶନର ପ୍ରଶଂସକ ମାନଙ୍କର ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଏତଦ୍ ବ୍ୟତୀତ ଅର୍ଚ୍ଚନା ଅଭିନୟ କ୍ଷେତ୍ରରେ ମଧ୍ୟ ପାଦ ଥାପିଛନ୍ତି।



# ଗୋଡଭଗା ଜନତା ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି



**ବରଗଡ଼ :** ପିଲାମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ତଥା ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ଗୋଷ୍ଠି ସହଯୋଗ ଓ ସଚେତନତା ନିମନ୍ତେ ରାଜ୍ୟ ସରକାରଙ୍କ ଏକ ନୂତନ ପ୍ରୟାସ ସୁରଭି କାର୍ଯ୍ୟକ୍ରମ ବରଗଡ଼ ଜିଲ୍ଲା ଗୋଡ଼ଭଗା ଜନତା ଉଚ୍ଚ ବିଦ୍ୟାଳୟରେ ଆଞ୍ଚଳିକ ସାଧନା କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୨ ପ୍ରଧାନ ଶିକ୍ଷକ ଅଦନ ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ଶ୍ରୀ ଗଣେଶ ଓ ମାଁ ସରସ୍ୱତୀଙ୍କ ଫୋଟୋ ଚିତ୍ରରେ ଫୁଲ ମାଳ ଦେଇ ଦ୍ୱୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥି ସ୍ୱାଗତରେ ଛାତ୍ରଛାତ୍ରୀ ମାନେ ଏକ ସଙ୍ଗୀତ ଗାନ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଡ଼. ଜିତେନ୍ଦ୍ର ହରିପାଳ, ପ୍ରଧାନ ଶିକ୍ଷକ ଅଦନ ସୁନା, ସି.ଆର.ସି.ସି ରଶ୍ମିରାଣି ନନ୍ଦ, ନିର୍ମଳ ନନ୍ଦ, ବିନୋଦ ବିହାରୀ ମିଶ୍ର ଓ ପ୍ରଫୁଲ୍ଲ କୁମାର ଦଳପତି ମଞ୍ଚାସିନ ରହିଥିଲେ। ୧୪ଟି ସ୍କୁଲର ଛାତ୍ରଛାତ୍ରୀ ମାନେ ବିତର୍କ ଓଡ଼ିଆ ଭାଷା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶିଳ ଲେଖନ, ବକୃତ, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତି ଲେଖନ, ଦଳ ଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରକଳା ଓ ଶିଳ୍ପ କଳା କାର୍ଯ୍ୟକ୍ରମରେ ପ୍ରତିଯୋଗିତା ମାନେ ଅଂଶ ଗ୍ରହଣ କରିଥିଲେ। ଶୁଭଶ୍ରୀ କର, ସାଗରିକା ପୂଜାରୀ ଓ ରଞ୍ଜୁଲତ ମିଶ୍ର ଜଜମେଣ୍ଟ ଭାବେ ରହିଥିବା ବେଳେ ମିଳି ଦାସ ମଞ୍ଚ ପରିଚାଳନା କରିଥିଲେ। ଡ଼. ହରିପାଳ ଓ ଶିକ୍ଷୟିତ୍ରୀ ରଶ୍ମି ମିଳିତ ଭାବେ ରଙ୍ଗ ବତୀ ଗୀତ ଗାନ କରିଥିବା ବେଳେ ଶିକ୍ଷାର୍ଥୀ ମାନେ ଉତ୍ସାହ ଉଲ୍ଲାସର ସହିତ ଆନନ୍ଦ ନେଉଥିବା ଦେଖା ଦେଇଥିଲା । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଦୁଇ ଦିନ ଧରି ଏନସିସି ଛାତ୍ରଛାତ୍ରୀ ମାନେ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ । ସବୁଠୁ ବଡ଼ କଥା ଯେ, ଶିକ୍ଷାର୍ଥୀ ମାନେ ଚାରି କାନ୍ଥ ମଧ୍ୟରେ ଯେଉଁ ପାଠପଢୁଛନ୍ତି। ତାହା ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ବିକଶିତ ହେଇପାରୁନାହିଁ। ଏନେଇ ଶିକ୍ଷାର୍ଥୀଙ୍କ ଭିତରେ ଲୁକ୍କାୟିତ କଳାକୁ କିପରି ବାହାରକୁ ଅଣାଯାଇ ପାରିବ ସେଥି ପାଇଁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ଭିର୍ତିକ ପ୍ରତେକ ସ୍କୁଲରେ ସୁରଭି କାର୍ଯ୍ୟକ୍ରମ ରଖିଛନ୍ତି। ସର୍ବ ଶେଷରେ ପ୍ରଧାନ ଶିକ୍ଷକ ଅଦନ ସୁନା ସମସ୍ତ ଶିକ୍ଷକ ତଥା ଛାତ୍ରଛାତ୍ରୀଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

# ଡ଼ ନିରୋଜ କୁମାର ପୋଥାଳଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ

**ଭୁବନେଶ୍ୱର:** ୱାର୍ଲ୍ଡ ହ୍ୟୁମାନ ବୁକ ଅଫ ରେକର୍ଡ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଓ ସଭା ମହାସମାରୋହରେ ଆୟୋଜିତ ହୋଇଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ଦେଶର ବିଭିନ୍ନ ଅଞ୍ଚଳରୁ ରେକର୍ଡ ସୃଷ୍ଟି କରିଥିବା ସମାଜସେବୀ, ଚିକିତ୍ସକ, ଗବେଷକ, ଶିକ୍ଷାବିତ୍ ଓ ଦକ୍ଷ କଳାକାର ମାନଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କୁ ମାନପତ୍ର, ଟ୍ରଫି, ମେଡାଲ ଓ ଉପଢ୍ୌକନ ଇତ୍ୟାଦି ପ୍ରଦାନ କରାଯାଇଥିଲା। ମୟୂରଭଞ୍ଜରୁ ଡ଼ ନିରୋଜ କୁମାର ପୋଥାଳଙ୍କୁ ସମାଜସେବା ଓ ରକ୍ତଦାନ ପାଇଁ ଚୟନ କରାଯାଇ ଏବର୍ଷର ସର୍ବଶ୍ରେଷ୍ଠ ସମ୍ମାନ 'International Social Honorable Award - 2022' ବହୁ ମାନ୍ୟଗଣ୍ୟ ବରିଷ୍ଠ ଅତିଥିଙ୍କ ଗହଣରେ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ଆଗକୁ ଆହୁରି ଅଧିକ ପ୍ରେରଣା ପ୍ରଦାନ କରିବ ବୋଲି ଡ଼ ନିରୋଜ ମତବ୍ୟକ୍ତ କରିଥିଲେ।




PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ମଞ୍ଚସ୍ଥ ହେଲା ନାଟକ 'ମଧୁସୂଦନ ନନ୍ଦ ବୟସ ୭୮'



**ଭୁବନେଶ୍ୱର :** ଆଧୁନିକତାର ଚାକଚକ୍ୟ ମଣିଷକୁ ପରିବର୍ତ୍ତନ କରିଦିଏ। ସ୍ୱାର୍ଥପର ମନୋଭାବ, ଗର୍ବ ଓ ଅବିବେକପଣିଆ ମଣିଷର ଚରିତ୍ରକୁ ଧ୍ୱଂସ କରିଦିଏ। ବାପା-ମା'ଙ୍କୁ ସମ୍ମାନ କରିବା ଭୁଲିଯାଆନ୍ତି, ଜୀବନତମାମ ଦୁଃଖ ଦେଇ ଚାଲନ୍ତି। ଆଧୁନିକ ସମାଜରେ ଘଟୁଥିବା ଘଟଣା ଉପରେ ପର୍ଯ୍ୟବସିତ ନାଟକ 'ମଧୁସୂଦନ ନନ୍ଦ ବୟସ ୭୮' ଦର୍ଶକଙ୍କୁ କନ୍ଦାଇଥିଲା। ନାଟ୍ୟସଂସ୍ଥା 'ମୁକ୍ତି' ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ଏହି ନାଟକକୁ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ ରଚନା କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ନାଟ୍ୟନିର୍ଦ୍ଦେଶକ ତଥା ଜାତୀୟ ନାଟ୍ୟ ବିଦ୍ୟାଳୟ, ଦିଲ୍ଲୀର ପ୍ରାକ୍ତନ ଛାତ୍ର ସୂର୍ଯ୍ୟ ମହାନ୍ତି।ଆକାଶ ବେହୁରା, ଦୁର୍ଗେଶ ନାୟକ, ଅଶୋକ ସମ୍ରାଟ, ଦୀପକ ମହାରଣା, ପ୍ରୀତି ଦେହେରି, ସୁଶାନ୍ତ ରାଉତରାୟ, ନିରଞ୍ଜନ ବାବା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୌମ୍ୟରଞ୍ଜନ, ତିଳୋତ୍ତମା ସାହୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦର୍ଶମାନେ ଟିକେଟ୍ କାଟି ଏହି ନାଟକଟିକୁ ଦେଖିଥିଲେ। 'ମୁକ୍ତି'ର ସଭାପତି ଶୀଳଭଦ୍ର ଶାସ୍ତ୍ରୀ ଓ ଉପସଭାପତି ରାଜୀବ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**